

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୨୮ ● ୫ ଜୁନ୍ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-128 ● 5th June 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24

# ଓଡ଼ିଶାରେ ବିଜେପିକୁ ବହୁମତ

ଭୁବନେଶ୍ୱର, ୪।୬
ନ୍ୟୁଜ୍ ବ୍ୟୁରୋ

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ଶାସକ ଦଳ ବିଜେଡ଼ିକୁ ଶକ୍ତ ଧକ୍କା ଲାଗିଛି। ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ଘୋଷିତ ନିର୍ବାଚନ ଫଳାଫଳ ଅନୁସାରେ ଉଭୟ ଲୋକସଭା ଓ ବିଧାନସଭା ଆସନରେ ବିଜେପିକୁ ଆଶାଠାରୁ ଅଧିକ ଆସନ ମିଳିଛି। ଅର୍ଥାତ୍ ବିଜେପି ଯେତିକି ଆସନ ଜିତିବା ନେଇ ବିଭିନ୍ନ ସର୍ଭେ ସଂସ୍ଥା ପୂର୍ବାନୁମାନ କରିଥିଲେ ତା'ଠାରୁ ଢେର ଅଧିକ ଆସନ ହାସଲ କରିବାରେ ସକ୍ଷମ ହୋଇଛି। ଏପରିକି ଓଡ଼ିଶାରେ ବିଜେପି ଏବେ ସରକାର ଗଠନ କରିବା ସ୍ଥିତିରେ ପହଞ୍ଚି ସାରିଛି। ୧୪୭ ବିଧାନସଭା ଆସନ ମଧ୍ୟରୁ ସନ୍ଧ୍ୟା ସୁଦ୍ଧା ବିଜେପି ୪୪ଟି ଆସନରେ ବିଜୟ ଲାଭ କରିଥିବା ବେଳେ ଆଉ ୩୪ଟି ଆସନରେ ଅଗ୍ରଣୀ ରହିଛି। ସେହିପରି ଶାସକ ଦଳ ବିଜେଡ଼ି ପ୍ରାର୍ଥୀମାନେ ୩୧ ଆସନରେ ବିଜୟ ଲାଭ କରିସାରିଥିବା ବେଳେ ଆଉ ୨୦ଟି ଆସନରେ ଅଗ୍ରଣୀ ରହିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀମାନେ ୬ଟି ଆସନରେ ବିଜୟ ଲାଭ କରିସାରିଥିବା ବେଳେ ଆଉ ୮ଟି ଆସନରେ ଅଗ୍ରଣୀ ରହିଛନ୍ତି। ସିପିଆଇଏମ୍ ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଗୋଟିଏ ଆସନ ଜିତିଛନ୍ତି।

ରାଜ୍ୟ ମୁଖ୍ୟନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ମଙ୍ଗଳବାର ସନ୍ଧ୍ୟାରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚନ ଫଳାଫଳ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଚଳିତ ବିଧାନସଭା ନିର୍ବାଚନରେ ବିଜେପିକୁ ୪୦.୧ ପ୍ରତିଶତ, ବିଜେଡ଼ିକୁ ୪୦.୧୯ ପ୍ରତିଶତ ଏବଂ କଂଗ୍ରେସକୁ ୧୩.୩୧ ପ୍ରତିଶତ ଭୋଟ ମିଳିଛି। ସେହିପରି ଲୋକସଭା ନିର୍ବାଚନ ଫଳାଫଳ ଅନୁସାରେ ବିଜେପିକୁ ୪୫.୪୨ ପ୍ରତିଶତ ଭୋଟ ମିଳିଥିବା ବେଳେ ବିଜେଡ଼ିକୁ ୩୭.୫୦ ପ୍ରତିଶତ ଏବଂ କଂଗ୍ରେସକୁ ୧୨.୪୪ ପ୍ରତିଶତ ଭୋଟ ମିଳିଛି।

ସେ କହିଥିଲେ ଓଡ଼ିଶାର ୨୧ ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୨ଟିରେ ଅର୍ଥାତ୍ ବରଗଡ ଓ କେନ୍ଦୁଝରରେ ବିଜେପି ପ୍ରାର୍ଥୀ ବିଜୟୀ ଘୋଷିତ ହୋଇଥିବା ବେଳେ ବାକି ୧୭ ଲୋକସଭା ଆସନରେ ବିଜେପି ପ୍ରାର୍ଥୀମାନେ ଅଗ୍ରଣୀ ରହିଛନ୍ତି। ଯାଜପୁର ଲୋକସଭା ଆସନରେ ବିଜେଡ଼ି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓ କୋରାପୁଟ ଲୋକସଭା ଆସନରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା ଅଗ୍ରଣୀ ରହିଛନ୍ତି। ସନ୍ଧ୍ୟା ସୁଦ୍ଧା ଓଡ଼ିଶାର ୮୨ ବିଧାନସଭା ଆସନର ଫଳାଫଳ ଘୋଷଣା କରାଯାଇଛି। ସେଥି ମଧ୍ୟରେ ବିଜେପି ୪୪, ବିଜେଡ଼ି ୩୧, କଂଗ୍ରେସ ୬ ଓ ଅନ୍ୟାନ୍ୟ ୧ ଅନ୍ତର୍ଭୁକ୍ତ। ସେ କହିଥିଲେ ମଙ୍ଗଳବାର ସକାଳେ ଭୋଟ ଗଣତି ଆରମ୍ଭ ହୋଇଥିଲା। ପ୍ରଥମେ ସକାଳ ୮ଟାରେ ପୋଷ୍ଟାଲ ବାଲାଟ ଗଣତି ପରେ ୮.୩୦ରେ ଇଭିଏମ୍ ଭୋଟ ଗଣତି ହୋଇଥିଲା ଏବଂ ଏହି ପ୍ରକ୍ରିୟା ରାତିସାରା ଚାଲୁ ରହିବ। ମାର୍ଚ୍ଚ ୧୬ ତାରିଖରୁ ଅର୍ଥାତ୍ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ଠାରୁ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଦୀର୍ଘ ଦୁଇ ମାସ ଧରି ଏହି ଜାତୀୟ ମହାପର୍ବକୁ ଶାନ୍ତିଶୃଙ୍ଖଳା ସହ ମୁକ୍ତ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବାରେ ସହଯୋଗ କରିଥିବା ସଂପୃକ୍ତ ସମସ୍ତ ବିଭାଗ ବିଶେଷ କରି ପୋଲିସ୍ ବାହିନୀ, ଗୃହ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପରିବହନ ବିଭାଗ ଏବଂ ପ୍ରିଣ୍ଟ ଏବଂ ଇଲେକ୍ଟ୍ରୋନିକ୍ ମିଡିଆ, ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କୁ ସାଧୁବାଦ ଜଣାଇଛନ୍ତି। ନିର୍ବାଚନ ଫଳାଫଳ ସଂପୂର୍ଣ୍ଣ ଆସିବା ପରେ ନୂଆ ବିଧାନସଭା ଗଠନ ସଂକ୍ରାନ୍ତ ସମସ୍ତ ଦସ୍ତାବିଜ୍‌କୁ ଆସନ୍ତା ୬ ତାରିଖ ଦିନ ରାଜ୍ୟପାଳଙ୍କୁ ଅର୍ପଣ କରାଯିବ ବୋଲି ଶ୍ରୀ ଧଳ କହିଥିଲେ।

## ଓଡ଼ିଶା ବିଧାନସଭା ନିର୍ବାଚନ ଫଳାଫଳ ୨୦୨୪

ଆଗୁଆ/ବିଜୟୀ: ୧୪୭/ ମୋଟ:୧୪୭

| ଦଳ | ଆଗୁଆ | ବିଜୟୀ | ମୋଟ |
|---|---|---|---|
| ଭାଜପା | ୨୦ | ୫୮ | ୭୮ |
| ବିଜେଡି | ୧୨ | ୩୯ | ୫୧ |
| କଂଗ୍ରେସ | ୫ | ୯ | ୧୪ |
| ଅନ୍ୟାନ୍ୟ | ୪ | ୪ | ୪ |

## ପରାଜିତ ପ୍ରାର୍ଥୀ



## ବିଜୟୀ ପ୍ରାର୍ଥୀ



# କେନ୍ଦ୍ରରେ ମୋଦି ସରକାରଙ୍କ ହ୍ୟାଟ୍ରିକ୍

## ଲୋକସଭା ନିର୍ବାଚନ ଫଳାଫଳ ୨୦୨୪

ଆଗୁଆ/ବିଜୟୀ: ୫୪୩/ ମୋଟ: ୫୪୩

| ଦଳ | ଆଗୁଆ | ବିଜୟୀ | ମୋଟ |
|---|---|---|---|
| ଭାଜପା + | ୮୫ | ୨୦୫ | ୨୯୦ |
| କଂଗ୍ରେସ + | ୧୦୫ | ୧୩୦ | ୨୩୫ |
| ବିଜେଡି | ୧ | ୦ | ୧ |
| ଅନ୍ୟାନ୍ୟ | ୫ | ୧୨ | ୧୭ |

ନୂଆଦିଲ୍ଲୀ, ୪।୬

୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ଅନୁଯାୟୀ ଜାତୀୟ ସ୍ତରରେ ଏନ୍‌ଡିଏ ମେଣ୍ଟକୁ ଯେତେ ପରିମାଣର ଆସନ ମିଳିବ ବୋଲି ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଆକଳନ କରାଯାଇଥିଲା ତାହା କେତେକାଂଶରେ ସଫଳ ହୋଇନି। ଏଥର ୪୦୦ ପାର୍ ନାରା ଦିଆଯାଇଥିବା ବେଳେ ଏନ୍‌ଡିଏ ମେଣ୍ଟକୁ ୨୯୧ରେ ସନ୍ତୁଷ୍ଟ ହେବାକୁ ପଡିଛି। ନିର୍ବାଚନ ଫଳାଫଳ ଅନୁଯାୟୀ ବିଜେପି ମେଣ୍ଟ ୨୨୫ଟି ସଂସଦୀୟ କ୍ଷେତ୍ରରେ ବିଜୟ ହାସଲ କରିଥିବା ବେଳେ ୬୬ରେ ଆଗୁଆ ଅଛନ୍ତି। ଅପରପକ୍ଷରେ ଇଣ୍ଡିଆ ମେଣ୍ଟ ପୂର୍ବାନୁମାନ ଅପେକ୍ଷା ବହୁତ ଭଲ ଫଳ ପ୍ରଦର୍ଶନ କରିଛି। ଇଣ୍ଡିଆ ମେଣ୍ଟକୁ ୧୫୦ଟି ଆସନ ମିଳିସାରିଥିବା ବେଳେ ଆଉ ୧୦୫ଟି ଆସନରେ ଆଗୁଆ ଅଛି। ମୋଟାମୋଟି ଏହି ମେଣ୍ଟ ୨୩୪ଟି ଆସନ ପାଇବ ବୋଲି ଆଶା କରାଯାଉଛି। ବିଜେଡ଼ି ମାତ୍ର ଗୋଟିଏ ଆସନରେ ବିଜୟୀ ହୋଇଛି। ଅନ୍ୟାନ୍ୟ ଦଳ ୪ଟିରେ ଆଗୁଆ ଥିବା ବେଳେ ୧୨ଟିରେ ବିଜୟୀ ହୋଇଛନ୍ତି। ଏହିପରି ୧୭ଟି ଆସନ ଅନ୍ୟାନ୍ୟ ଦଳ ଖାତାକୁ ଯାଇଛି। ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ର ଭଳି ବଡ ବଡ ରାଜ୍ୟରେ ଏନ୍‌ଡିଏ ମେଣ୍ଟକୁ ଯେଉଁଳି ସଫଳତା ମିଳିବ ବୋଲି ଆଶା କରାଯାଉଥିଲା ତାହା ହୋଇନାହିଁ ବରଂ ଆନ୍ଧ୍ରର ତେଲଗୁଦେଶମ ପାର୍ଟି ଓ ବିହାରରେ ନୀତିଶ କୁମାରଙ୍କ ଜେଡିୟୁକୁ ଭଲ ସଫଳତା ମିଳିଛି। ଏହି ଫଳାଫଳ ନେଇ ତେଲଗୁଦେଶମର ନେତା ଚନ୍ଦ୍ରବାବୁ ନାଇଡୁ ଓ ଜେଡିୟୁ ନେତା ନୀତିଶ କୁମାରଙ୍କର ଜାତୀୟସ୍ତରରେ ଗୁରୁତ୍ୱ ବୃଦ୍ଧି ପାଇଛି। ସଂପୂର୍ଣ୍ଣ ଫଳାଫଳ ପ୍ରକାଶ ପାଇବା ପରେ ପରବର୍ତ୍ତୀ ରାଜନୈତିକ ଗୋଟି ଚାଳନା ଆରମ୍ଭ ହେବ।

## ଓଡ଼ିଶାରେ ବିଜୟ ପରେ ଧନ୍ୟବାଦ ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ନୂଆଦିଲ୍ଲୀ, ୪।୬

ଓଡ଼ିଶାରେ ବିଜେପି ଚଳିତ ନିର୍ବାଚନରେ ବିପୁଳ ବିଜୟ ଲାଭ କରିବାପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଓଡ଼ିଶା ଉତ୍ତମ ଶାସନ ଏବଂ ଓଡ଼ିଶାର ଅନନ୍ୟ ସଂସ୍କୃତିକୁ ପାଳନ କରିବା ପାଇଁ ଏହା ଏକ ପୁନର୍ବାର ବିଜୟ। ଲୋକଙ୍କ ସ୍ୱପ୍ନକୁ ପୂରଣ କରିବା ଏବଂ ଓଡ଼ିଶାକୁ ପ୍ରଗତିର ନୂତନ ସୋପାନକୁ ନେବାରେ ବିଜେପି କୌଣସି ହେଳା କରିବ ନାହିଁ। ଆମର ସମସ୍ତ ପରିଶ୍ରମୀ ଦଳର କାର୍ଯ୍ୟକର୍ତ୍ତାଙ୍କ ଉଦ୍ୟମ ପାଇଁ ମୁଁ ଅତ୍ୟଧିକ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଇସ୍ତଫା ଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ଭୁବନେଶ୍ୱର, ୪।୬
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇସ୍ତଫା ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ସୋମବାର ସାଧାରଣ ନିର୍ବାଚନ ଫଳାଫଳ ଆସିବା ପରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ମୁଖ୍ୟମନ୍ତ୍ରୀ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ହିଞ୍ଜିଳିରେ ଜିତିଲେ, କଣ୍ଟାବାଞ୍ଜିରୁ ହାରିଲେ ନବୀନ

ଭୁବନେଶ୍ୱର, ୪।୬ : ନ୍ୟୁଜ୍ ବ୍ୟୁରୋ

ନବୀନ ପଟ୍ଟନାୟକ ସରକାରଙ୍କ ୨୪ ବର୍ଷର ଶାସନ ଶେଷ ହୋଇଛି। ଇତିହାସ ବନିବାକୁ ଯାଉଛି ଅପରାଜୟ ଓ ଅଜୟର ଟ୍ୟାଗ୍। ଚଳିତ ନିର୍ବାଚନରେ ଓଡ଼ିଶାରେ ବିଜେଡି ପରାଜୟ ବରଣ କରିଛି। ନବୀନ ପଟ୍ଟନାୟକଙ୍କ ରାଜନୈତିକ ଜୟଯାତ୍ରାରେ ଏବେ ଲାଗିଛି ବିରାମ, ପୂର୍ଣ୍ଣଚ୍ଛେଦ ପଡିଛି ଦେଶରେ ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ବନିବାକୁ ଥିବା ରେକର୍ଡରେ। ଏଥର ସେ ହେବେ ପୂର୍ବତନ ମୁଖ୍ୟମନ୍ତ୍ରୀ। ଓଡ଼ିଶାରେ ଏମିତି ପରିବର୍ତ୍ତନ ଆସିପାରେ, ଅନେକଙ୍କୁ ବିଶ୍ୱାସ ନହେଲେ ମଧ୍ୟ ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି। ନବୀନ ପଟ୍ଟନାୟକ ହିଞ୍ଜିଳିରେ ବିଜୟୀ ହୋଇଥିବା ବେଳେ କଣ୍ଟାବାଞ୍ଜିରେ ପରାସ୍ତ ହୋଇଛନ୍ତି। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କଠାରୁ ସେ ପରାସ୍ତ ହୋଇଛନ୍ତି।

## ରେକର୍ଡ ଠାରୁ ୭୪ ଦିନ ଦୂରରେ ରହିଗଲେ ନବୀନ

ଭୁବନେଶ୍ୱର, ୪।୬ : ନ୍ୟୁଜ୍ ବ୍ୟୁରୋ

୨୫ବର୍ଷ ପରେ ଓଡ଼ିଶାରେ ପ୍ରଥମ ଥର ପାଇଁ ବିଜେଡ଼ିକୁ ପରାଜୟର ସାମ୍ନା କରିବାକୁ ପଡିଛି। ଏଥିସହ ସେ ପାଲଟି ଯାଇଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ। ଭାରତର ଦ୍ୱିତୀୟ ସର୍ବାଧିକ କାଳ ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନବୀନ ଆଉ କେଇଟା ଦିନ ପରେ ଦେଶର ଦୀର୍ଘତମ କ୍ଷମତାରେ ରହିଥିବା ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ। ପଓ୍ୱନ କୁମାର ଚାମଲେଙ୍ଗ ୨୪ବର୍ଷ ୧୬୫ଦିନ ସହିତ ଦେଶର ଦୀର୍ଘତମ ମୁଖ୍ୟମନ୍ତ୍ରୀରହିଥିବାବେଳେ ନବୀନ ପଟ୍ଟନାୟକ ୨୪ ବର୍ଷ ୯୧ଦିନ କ୍ଷମତାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତେବେ ଆଉ ୭୪ଦିନ କ୍ଷମତାରେ ରହିଥିଲେ ନବୀନ ଦେଶର ଦୀର୍ଘତମ ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ।

## ନବୀନଙ୍କ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀ ହାରିଲେ

ଭୁବନେଶ୍ୱର, ୪।୬
ନ୍ୟୁଜ୍ ବ୍ୟୁରୋ

ଚଳିତ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିମଣ୍ଡଳର ଅନେକ ମନ୍ତ୍ରୀ ପରାଜିତ ହୋଇଥିବା ବେଳେ କିଛି ମନ୍ତ୍ରୀ ଖୁବ୍ କମ୍ ଭୋଟ୍‌ରେ ଜିତି ନିଜର ଆସନ ବଞ୍ଚାଇବାରେ ସମର୍ଥ ହୋଇଛନ୍ତି।

ଭୁବନେଶ୍ୱର ଏକାମ୍ରରୁ ବିଜେଡି ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ବିଜେପି ପ୍ରାର୍ଥୀ ବାବୁ ସିଂଙ୍କ ଠାରୁ ପରାସ୍ତ ହୋଇଛନ୍ତି। ସେହିପରି ମହାକାଳପଡାରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପରାଜିତ ହୋଇଛନ୍ତି। ଭଞ୍ଜନଗରରୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପରାସ୍ତ ହୋଇଛନ୍ତି। ବିଜେପି ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକ ତାଙ୍କୁ ପରାଜିତ କରିଛନ୍ତି। ବିଷମକଟକରେ ମନ୍ତ୍ରୀ ଜଗନ୍ନାଥ ସାରକା ପରାସ୍ତ ହୋଇଥିବା ବେଳେ ବୌଦ୍ଧରେ ମନ୍ତ୍ରୀ ପ୍ରଦିପ କୁମାର ଅମାତ ପରାସ୍ତ ହୋଇଛନ୍ତି। ଟିଟିଲାଗଡରେ ମନ୍ତ୍ରୀ ଟୁକୁନି ସାହୁ ବିଜେପି ପ୍ରାର୍ଥୀ ନବୀନ ଜୈନଙ୍କ ଠାରୁ ପରାଜିତ ହୋଇଛନ୍ତି। ଚିକିଟିରେ ପୂର୍ବରୁ ବିଜେଡି ବିଧାୟକ ତଥା ମନ୍ତ୍ରୀ ଉଷା ଦେବୀ ଥିବା ବେଳେ ଏଥର ତାଙ୍କ ପୁଅ ଚିନ୍ମୟାନନ୍ଦ ଶ୍ରୀରୁପ ଦେବଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା ହେଲେ ସେ ବିଜେପି ପ୍ରାର୍ଥୀ ମନୋରଞ୍ଜନ ଦିଆନ ସାମନ୍ତରାଙ୍କ ଠାରୁ ପରାସ୍ତ ହୋଇଛନ୍ତି। ବାଙ୍ଗିରିପୋଷି ବିଧାୟକ ତଥା ମନ୍ତ୍ରୀ ସୁଦାମ ମାରାଣ୍ଡି ଏଥର ମୟୂରଭଞ୍ଜ ଲୋକସଭା ନିର୍ବାଚନ ଲଢି ପରାଜିତ ହୋଇଛନ୍ତି।

କରଞ୍ଜିଆରୁ ବିଜେଡି ବିଧାୟକ ତଥା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ପରାସ୍ତ ହୋଇଥିବା ବେଳେ ବିଜେପୁରରେ ବିଜେଡି ପ୍ରାର୍ଥୀ ରୀତା ସାହୁ ପରାଜିତ ହୋଇଛନ୍ତି। ସେହିପରି ସୁକିନ୍ଦାରୁ ବିଜେଡି ବିଧାୟକ ତଥା ମନ୍ତ୍ରୀ ପ୍ରାର୍ଥୀ ପ୍ରୀତିରଂଜନ ଘଡେଇ ପରାସ୍ତ ହୋଇଛନ୍ତି।

ତେବେ ନବୀନଙ୍କ ମନ୍ତ୍ରିମଣ୍ଡଳର କିଛି ମନ୍ତ୍ରୀ ସେମାନଙ୍କର ଆସନ ବଞ୍ଚାଇବାରେ ସଫଳ ହୋଇଛନ୍ତି। ସୋନପୁରରୁ ବିଜେଡି ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଜୟୀ ହୋଇଥିବା ବେଳେ ନୂଆପଡାରୁ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ବିଜୟୀ ହୋଇଛନ୍ତି। ଆଠଗଡରେ ବିଜେଡି (ପୃଷ୍ଠା ୭ରେ)

## ଅମିତ ଶାହ ମାଂଝି ଏବଂ ଚିରାଗଙ୍କୁ ଦେଲେ ବଧେଇ, ଡକାଇଲେ ଦିଲ୍ଲୀ

ପାଟନା, ୪।୬

ବିହାରର ୪୦ ଲୋକସଭା ଆସନରେ ଚାଲୁଥିବା ଗଣତିରେ ଲୋଜପା(ରାମବିଳାସ) ପାଞ୍ଚଟି ସିଟ୍‌ରେ ଏବଂ ହମ୍ ପାର୍ଟି ଗୋଟିଏ ସିଟ୍‌ରେ ଲିଡ୍ କରୁଛି। ଗୟାରେ ଜୀତନରାମ ମାଂଝୀ ପ୍ରାୟ ଜିତିଛନ୍ତି। ତେବେ ଆଧିକାରିକ ଘୋଷଣା ହେବା ବାକି ଅଛି।

ଏହାମଧ୍ୟରେ ଗୃହମନ୍ତ୍ରୀ ଅମିତ ଶାହ ହମ ସଂରକ୍ଷକ ଜୀତନରାମ ମାଂଝୀଙ୍କୁ ଫୋନ୍ କରି ବିଜୟର ଶୁଭକାମନା ଦେଇଛନ୍ତି। ଏହାସହ ସେ ଲୋଜପା(ରା) ଚିଫ୍ ଚିରାଗ ପାଶୱାନଙ୍କ ସହିତ ମଧ୍ୟ ଆଲୋଚନା କରି ସମସ୍ତ ସିଟ୍‌ରେ ଶାନଦାର ପ୍ରଦର୍ଶନ ପାଇଁ ବଧେଇ ଦେଇଛନ୍ତି। ଅମିତ ଶାହ ଦୁଇ (ପୃଷ୍ଠା ୭ରେ)

## ଜଗନ୍ନାଥଙ୍କ ଭୂମିର ସେବା ପାଇଁ ଭାଜପାକୁ ସୁଯୋଗ ମିଳିଛି



ନୂଆଦିଲ୍ଲୀ, ୪।୬

ଓଡ଼ିଶାରେ ବିଜେପିର ବଡ ବିଜୟ ପରେ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଅମିତ ଶାହ। ସେ କହିଛନ୍ତି ଜଗନ୍ନାଥଙ୍କ ଭୂମିର ସେବା ପାଇଁ ଭାଜପାକୁ ସୁଯୋଗ ମିଳିଛି, ଏଥିପାଇଁ ଓଡ଼ିଶାବାସୀଙ୍କୁ କୃତଜ୍ଞତା। ମୋଦିଙ୍କ ନେତୃତ୍ୱରେ ବିଜୟ ହାସଲ ବିକଶିତ ଭାରତ, ବିକଶିତ ଓଡ଼ିଶା ସଂକଳ୍ପ ସାକାର ହେବ। ଓଡ଼ିଆ ଅସ୍ମିତା, ଭାଷା, ସଂସ୍କୃତି ଓ ସାହିତ୍ୟର ବିକାଶ ହେବ ବୋଲି ସେ କହିଛନ୍ତି।

## ଏକାଳ ସେକାଳ



ଓଡ଼ିଶାରେ ପଦୁଅଁ ଫୁଟିଲା
ଶଙ୍ଖ ଦେଲା ଆଖି ମୁଜି
ସୁଖ ଦିନସବୁ କୁଆଡେ ଗଲା ଯେ
ଦଳ ପାଉନାହିଁ ଖୋଜି
ଇତିହାସ ସୃଷ୍ଟି ହେଲା ଆଜି
ଜଣାପଡିଗଲା କଣ ନହେବ
ପରଜା ଥିଲେ ଯେ ରାଜି।

# ଓଡ଼ିଶାରେ ମୋଦି ସୁନାମୀ
# ୨୧ରୁ ବିଜେପିକୁ ୧୯ ଆସନ



ଭୁବନେଶ୍ୱର, ୪।୬ : ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ମୋଦି ସୁନାମୀ। ଲୋକସଭାରେ ବିଜେପିର କ୍ଲିନସୁଇପ୍। ୨୧ରୁ ୧୯ଟି ଆସନ ପୋଛି ନେଇଛି ବିଜେପି। ଉଭୟ ବିଜେଡି ଓ କଂଗ୍ରେସ ଖାତାରେ ଗୋଟିଏ ଲେଖାଏଁ ସିଟ୍ ପଡିଛି।

ଆସିକା ଲୋକସଭା ଆସନରେ ବିଜେପି ପ୍ରାର୍ଥୀ ଅନୀତା ଶୁଭଦର୍ଶିନୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡ଼ିର ରଞ୍ଜିତା ସାହୁଙ୍କୁ ୯୬୮୪୩ ଭୋଟ୍‌ରେ ପରାସ୍ତ କରି ବିଜୟ ଲାଭ କରିଛନ୍ତି। ସେହିପରି ବାଲେଶ୍ୱର ଆସନରେ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ବିଜେଡ଼ି ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ୧୫୨୧୫୭ ଭୋଟରେ ହରାଇଥିବା ବେଳେ ବରଗଡ ଆସନରେ ପ୍ରଦୀପ ପୁରୋହିତ ବିଜେଡ଼ି ପ୍ରାର୍ଥୀ ପରିଣିତା ମିଶ୍ରଙ୍କୁ ୨୫୧୬୬୭ ଭୋଟରେ ପରାସ୍ତ କରିଛନ୍ତି। ବ୍ରହ୍ମପୁର ଆସନରେ ପ୍ରଦୀପ ପାଣିଗ୍ରାହୀ ବିଜେଡ଼ି ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ୧୬୩୬୧୭ ଭୋଟରେ ହରାଇଛନ୍ତି। ଭଦ୍ରକ ଆସନରେ ଅଭିମନ୍ୟୁ ସେଠୀ ବିଜେଡ଼ି ପ୍ରାର୍ଥୀ (ପୃଷ୍ଠା ୭ରେ)

# ଏକ୍‌ଜିଟ ପୋଲ ଦେଖି ଡରିଗଲା ପାକିସ୍ତାନ

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୪।୬

ଜୁନ ୪ରେ ଲୋକସଭା ନିର୍ବାଚନ-୨୦୨୪ର ଫଳାଫଳ ଘୋଷଣା କରାଯାଇଛି। କିନ୍ତୁ ଏହାପୂର୍ବରୁ ସମସ୍ତ ଏକଜିଟ ପୋଲ ପୂର୍ବାନୁମାନ କରିଛି ଯେ ଭାଜପା ତୃତୀୟ ଥର ଦେଶରେ ପୁଣି ଥରେ ସରକାର ଗଠନ କରିବ ଏବଂ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହୋଇପାରିବେ। ବିଭିନ୍ନ ଏକଜିଟ ପୋଲ ସର୍ଭେରୁ ଜଣାପଡିଛି ଯେ ଏନଡିଏ ୩୪୬ରୁ ଅଧିକ ଆସନ ପାଇବ। ଏକଜିଟ ପୋଲ ଆକଳନ ଆସିବା ପରେ ଚାଇନା ଏବଂ ପାକିସ୍ତାନ ଏହାର ପ୍ରତିକ୍ରିୟା ରଖିଛନ୍ତି। ଭାରତ ସହ ସମ୍ପର୍କ ସୁଦୃଢ ହେବ ବୋଲି ଚାଇନା ଆଶା ରଖିଥିବାବେଳେ ପାକିସ୍ତାନ ସମ୍ପୂର୍ଣ୍ଣ ଭୟରେ ରହିଛି। ପାକିସ୍ତାନ କହିଛି ଯେ, ନରେନ୍ଦ୍ର ମୋଦି ଆମ ବିରୋଧରେ ଆକ୍ରମଣାତ୍ମକ ନୀତି ଆପଣାଇବେ।

ଚାଇନା ବିଶେଷଜ୍ଞମାନେ କହିଛନ୍ତି, ମୋଦିଙ୍କ ଘରୋଇ ତଥା ବୈଦେଶିକ ନୀତିରେ ନିରନ୍ତରତା ରହିବ, କାରଣ ସେ ଦେଶର ଅର୍ଥନୀତିକୁ ବୃଦ୍ଧି କରିବା ପାଇଁ ଉଦ୍ୟମ ଜାରି ରଖିବେ। ସ୍ଥିର ବିକାଶର ପଥରେ ସମ୍ପର୍କକୁ ଫେରାଇ ଆଣିବା ଏବଂ



ମତଭେଦ ଦୂର କରିବା ପାଇଁ ଖୋଲା ଯୋଗାଯୋଗ ବଜାୟ ରଖିବା ନିମନ୍ତେ ଚାଇନା ସହ ସହଯୋଗ କରିବା ଉପରେ ବିଶ୍ଳେଷକମାନେ ଗୁରୁତ୍ୱାରୋପ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଫେରିବେ ବୋଲି ପୂର୍ବାନୁମାନ କରାଯାଇଥିବା ଏକଜିଟ ସର୍ଭେରେ ପାକିସ୍ତାନ କମ୍ପୁଛି। ପ୍ରଧାନମନ୍ତ୍ରୀ ମୋଦି ଏହା ବିରୋଧରେ ଆକ୍ରମଣାତ୍ମକ ନୀତି ଆପଣାଇବେ ବୋଲି ପାକିସ୍ତାନ ଭୟ ଆରମ୍ଭ କରିଛି।

ପାକିସ୍ତାନର ବୈଦେଶିକ ସଚିବ ଅଜାଜ ଚୌଧୁରୀ କହିଛନ୍ତି, ଟ୍ରାକ ରେକର୍ଡରୁ ଜଣାପଡିଛି ଯେ ମୋଦି ନିର୍ବାଚନ ମାନିଫେଷ୍ଟୋ ଲାଗୁ କରିଛନ୍ତି। ତେଣୁ ଏଥର ସେ ଭାରତକୁ ହିନ୍ଦୁ ରାଜ୍ୟ କରିବା ଏବଂ ପାକିସ୍ତାନ ପ୍ରତି ଆକ୍ରମଣାତ୍ମକ ନୀତି ଆପଣାଇବାକୁ ଚେଷ୍ଟା କରିବେ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଜୁନ୍, ବୁଧବାର, ୨୦୨୪





# ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ନେଇ କେନ୍ଦ୍ରୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ତ୍ରିପାକ୍ଷିକ ଆଲୋଚନା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତ ବର୍ଷରେ ଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କ ମଧ୍ୟରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ (ଏସବିଆଇ) ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହି ବ୍ୟବସାୟିକ ବ୍ୟାଙ୍କ ବାର୍ଷିକ ହଜାର ହଜାର କୋଟି ଟଙ୍କା ଲାଭ କରୁଥିଲେ ମଧ୍ୟ ଏହି ବ୍ୟାଙ୍କ ଅଧିନରେ କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କ ପାରିଶ୍ରମିକ ଅତି ନଗଣ୍ୟ ହୋଇଥିବାରୁ ଏହି ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ଓଡ଼ିଶା ରାଜ୍ୟ ଶାଖା ଉପ-ସଭାପତି ରବି ରଥ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଶ୍ରମ ବିଭାଗର ଡେପୁଟି ଶ୍ରମ କମିଶନର ପି.କେ. ରଣାଙ୍କ ଉପସ୍ଥିତିରେ ବ୍ୟାଙ୍କ କର୍ତ୍ତୃପକ୍ଷ, ଏସବିଆଇର ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ମୁଖ୍ୟ ପରିଚାଳକ ପ୍ରଶାନ୍ତ କୁମାର ପଣ୍ଡା, ସ୍ୱାଗତ ପାଢ଼ୀ, ଏଚ୍‌ଏମ୍‌ଏସ୍‌ର ଉପସଭାପତି ରବି ରଥ ଓ ଆଉଟସୋର୍ସିଂ କର୍ମଚାରୀଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ଶ୍ରମ ବିଭାଗ ଅଧିକାରୀ ଶ୍ରୀ ରଣା ଆଉଟସୋର୍ସିଂ କର୍ମଚାରୀଙ୍କ ନିଯୁକ୍ତି ଦେଇଥିବା ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଚୁକ୍ତିନାମା ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଂଗଠନକୁ ପରାମର୍ଶ ଦେଇଥିଲେ ଏବଂ କର୍ମଚାରୀ ସଂଗଠନକୁ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କର୍ମଚାରୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଏ ସମ୍ପର୍କରେ ସଂଗଠନ ପକ୍ଷରୁ ଆଉଟସୋର୍ସିଂ କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଶ୍ରମ କମିଶନର ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ସର୍ବନିମ୍ନ ମାସିକ ୩୦ ହଜାର ପାରିଶ୍ରମିକ ପ୍ରଦାନ, କର୍ମଚାରୀଙ୍କୁ ସିଧାସଳଖ ବ୍ୟାଙ୍କ ଜରିଆରେ ପ୍ରାପ୍ୟ ପ୍ରଦାନ, ଠିକା ସଂସ୍ଥାର ମାଲିକମାନଙ୍କ କବଳରୁ ମୁକ୍ତ କରାଯିବା, ସମାନ କାମକୁ ସମାନ ଦରମା, ଏସବିଆଇ ଶାଖାମାନଙ୍କରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଦରମା ଗୋଟିଏ ପ୍ରକାର ନିର୍ଦ୍ଧାରଣ କରାଯିବା, ଓଡ଼ିଶାର ୪ଟି ମ୍ୟୁନିସିପାଲ କର୍ପୋରେସନରେ କାର୍ଯ୍ୟରତ ଏସବିଆଇ ଆଉଟସୋର୍ସିଂ କର୍ମଚାରୀମାନଙ୍କ ଏକ ପ୍ରକାର ପ୍ରାପ୍ୟ ପ୍ରଦାନ କରାଯାଉ, ଶୃଙ୍ଖଳିତ ଓ ସଠିକ୍ ତାରିଖରେ ଇପିଏଫ୍ ଏବଂ ଇଏସଆଇ ପ୍ରାପ୍ୟରୁ କଟାଯିବା ପାଇଁ ସମସ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଉ, ପ୍ରତି ମାସରେ ଦରମା ପ୍ରଥମ ସପ୍ତାହ ମଧ୍ୟରେ ପ୍ରଦାନ କରାଯାଉ, ଠିକା ସଂସ୍ଥା ଜରିଆରେ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ଝାଡୁଦାର (ସଫେଇ କର୍ମଚାରୀ) ଭାବେ ନିଯୁକ୍ତି ଦିଆଯାଉଥିବା ବେଳେ ବ୍ୟାଙ୍କର ମେସେଞ୍ଜର ସହିତ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ କରାଯାଉଛି। ତେଣୁ ଏହା ପାଇଁ ଅଧିକା କିଛି ପ୍ରାପ୍ୟ ପ୍ରଦାନ କରାଯାଉ ଇତ୍ୟାଦି ଉଲ୍ଲେଖ ରହିଛି।

ଆଲୋଚନା ବେଳେ ଆଉଟସୋର୍ସିଂ କର୍ମଚାରୀ ସଂଗଠନ ପକ୍ଷରୁ ଗୁନାର ମହାନନ୍ଦ, ଉପେନ୍ଦ୍ର ଭୋଇ, ଦେବରାଜ ମଳିକ, ଦ୍ୱାରିକା ନାୟକ, ଘନଶ୍ୟାମ ସଙ୍କଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

## ଟିଙ୍ଗିପଦର ଆରଡି ରାସ୍ତାଠୁ ପିଠାପଡ଼ା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଘଟଣା

# ଖବର ପ୍ରସାରଣ ପରେ ଲାଗିଲା ସୂଚନା ଫଳକ

**ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ**



କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଚପ୍ରିଆ ପଞ୍ଚାୟତର ପିଠାପଡ଼ା ଠାରୁ ଟିଙ୍ଗିପଦର ରାସ୍ତାରେ ମନରେଗା ଯୋଜନାରେ ଟଙ୍କା ହରିଲୁଟ୍ ହୋଇଥିବା ନେଇ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଥିଲେ ସୁଦ୍ଧା ଏହି କାମରେ ସମ୍ପୃକ୍ତ ଥିବା କର୍ମଚାରୀଙ୍କ ଉପରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ରାସ୍ତା କାମରେ ୩୦ ଖୁଣ୍ଟି ମାଟି କାମ କରି ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହରିଲୁଟ୍ ହୋଇଥିବା ଗାଁ ଲୋକେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଗ୍ରାମ ରୋଜଗାର ସେବକଙ୍କୁ ପଚାରିଲେ ଜଣା ନାହିଁ ବୋଲି କହିଥିବା ବେଳେ ବିଭାଗୀୟ ଯନ୍ତ୍ରୀ ସମାନ କଥା ଦୋହରାଇଥିଲେ। ତେବେ ୨୩ ମାର୍ଚ୍ଚ ଠାରୁ ୨୯ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଏକ ସପ୍ତାହର ଶ୍ରମିକମାନଙ୍କ ଟଙ୍କା ପ୍ରଥମ ପର୍ଯ୍ୟାୟର ଏମ ବି ନଂ ୨୩ ପୃଷ୍ଠା ନଂ୨୪ରେ ବିଲ୍ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୪ଏପ୍ରିଲ ଠାରୁ ୧୦ଏପ୍ରିଲ୨୦୨୪ ପର୍ଯ୍ୟନ୍ତ ଆଉ ସପ୍ତାହର ଶ୍ରମିକ ମାନଙ୍କ ମଜୁରି ଟଙ୍କା ଏମ ବି ନଂ ୨୩ ପୃଷ୍ଠା ନଂ ୨୮ରେ ଦର୍ଶାଯାଇଥିବା ସରକାରୀ ଦସ୍ତାବିଜରୁ ଜଣାପଡିଛି। ଏହି କାମ ଉପରେ ଅଭିଯୋଗ ହେବା ପରେ ମଧ୍ୟ ଗୋଲାମୁଣ୍ଡା ବିଡ଼ିଓ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ କାମ ଉପରେ ଅନେକ ଖବର କାଗଜରେ ପ୍ରକାଶିତ ହେଲାପରେ ରାତାରାତି ଲଗାଇଲେ ସୂଚନାଫଳକ। ସୂଚନାଫଳକ ଲାଗିଲା ପରେ ଯନ୍ତ୍ରୀ କାମଟିକୁ ତଦନ୍ତ କରିବାକୁ ଆସିଥିବା ବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ହାବୁଡ଼ରେ ପଡିଯାଇ ଥିଲେ। ଗଣମାଧ୍ୟମ ପ୍ରତିନିଧି ଉକ୍ତ କାମର ବିଲ୍ କେମିତି ହେଲା ବୋଲି ପଚାରିବା ପରେ ବିଲ୍ କେମିତି ହେଲା ମୁଁ ଜାଣି ନାହିଁ ବୋଲି ପ୍ରକାଶ କରିଥିଲେ। ଏ ଉପରେ ଗାଁ ସାଥିଙ୍କୁ ପଚାରିଲେ ଯନ୍ତ୍ରୀଙ୍କ ବିନା ଅଜାଣତରେ ବିଲ୍ ହେବ କି ବୋଲି କହୁଥିବା ବେଳେ ଯନ୍ତ୍ରୀଙ୍କ ମିଛ କଥା ପଦାକୁ ଆସିଛି। ଅନ୍ୟ ପକ୍ଷରେ ଏହି ଘଟଣା ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଚର୍ଚ୍ଚା ହେଉଥିବା ବେଳେ ବିଡ଼ିଓ କାହିଁକି ହସ୍ତକ୍ଷେପ କରୁନାହାଁନ୍ତି ନା ଯନ୍ତ୍ରୀ, ଠିକାଦାର ମାନଙ୍କ ସହିତ ସଲାସୁତରା ହୋଇଛନ୍ତି ସେ ନେଇ ସନ୍ଦେହ ଉପୁଜିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଉକ୍ତ କାମ ଉପରେ ଏକ ସ୍ୱତନ୍ତ୍ର ଟିମ ଗଠନ ତଦନ୍ତ କରି ହରିଲୁଟ୍ କରିଥିବା କର୍ମଚାରୀଙ୍କ ଉପରେ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଡାକ୍ତର ଅନିଲ ଦାଶ ବାଲେଶ୍ୱର ମଣ୍ଡଳ ଆୟୁର୍ବେଦ ଚିକିତ୍ସାଧିକାରୀ ନିଯୁକ୍ତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଡାକ୍ତର ଅନିଲ କୁମାର ଦାଶ ବାଲେଶ୍ୱର ମଣ୍ଡଳ ଅର୍ଥାତ୍ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ଚିକିତ୍ସାଧିକାରୀ (ଡି.ଏ.ଏମ୍.ଓ.) ଭାବେ ଡାକ୍ତର ପ୍ରଶାନ୍ତ କୁମାର ନନ୍ଦଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଡା. ଦାଶ ଭଦ୍ରକ ଜିଲ୍ଲା ତିହିଡ଼ି ଗ୍ରାମରେ ଜନ୍ମଲାଭ କରି ଅଧୁନା ଭଦ୍ରକ ଜିଲ୍ଲା ବହୁଦରଡ଼ା ଗ୍ରାମ ସ୍ଥିତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଚିକିତ୍ସକ ଭାବେ କାର୍ଯ୍ୟରତ ଥିଲେ। ସେ ଏକାଧାରରେ ଚିକିତ୍ସକ, ସାହିତ୍ୟିକ, କବି, ଲେଖକ, ସୁସଂଗଠକ ଭାବେ ସୁପରିଚିତ। ସେ 'ଆମ ମାତୃଭାଷା ପରିଷଦ' ସଂକ୍ରାନ୍ତି ଆସରର ପ୍ରତିଷ୍ଠାତା ସମ୍ପାଦକ ରହିବା ସହିତ ଭାରତୀୟ ଭେଷଜ ଚିକିତ୍ସକ ସଂଘ (ଆଇ.ଏମ୍.ଏ.) ଭଦ୍ରକ ଶାଖାର ସହଯୋଗୀ ସଦସ୍ୟ ମଧ୍ୟ। ସେ ୨୨ ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିବା ସହିତ ବହୁ ପତ୍ରପତ୍ରିକାରେ ତାଙ୍କର ଅନେକ ଗଳ୍ପ, କବିତା ପ୍ରକାଶ ପାଇଛି। ଜୀବନାମୃତ, ବନୌଷଧି ଓ ତୁଟୁକା ଚିକିତ୍ସା, କଳ୍ପତରୁ ଆୟୁର୍ବେଦ, ବିସ୍ମୃତ ଆୟୁର୍ବେଦ ଚିକିତ୍ସା, ଅମ୍ଳପି ଓ ଆୟୁର୍ବେଦ ଚିକିତ୍ସା, ମଧୁମେହ ଓ ପ୍ରାକୃତିକ ଉପଚାର, ସ୍ତ୍ରୀ ପୁରୁଷ ରୋଗ ଓ ଆୟୁର୍ବେଦ ଚିକିତ୍ସା, ଧ୍ୟାନ, ଯୋଗ, ପ୍ରାଣାୟାମ ଓ ଆୟୁର୍ବେଦ ଚିକିତ୍ସା, କଲ୍ଲୋଳ କବିତା, ଗଳ୍ପମାଳା, ବିନ୍ଦୁଏ ସ୍ୱପ୍ନ ଆଦି ବହୁ ପୁସ୍ତକ ଡା. ଦାଶ ରଚନା କରି ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଛନ୍ତି। ଭଦ୍ରକର ବିଭିନ୍ନ ସେବା ସଂସ୍ଥା, ସାହିତ୍ୟ ସଂଗଠନ, ସାମାଜିକ ସଂଗଠନ, ସାଂସ୍କୃତିକ ସଂଗଠନ ସହିତ ସେ ଜଡ଼ିତ। ବାଲେଶ୍ୱର ମଣ୍ଡଳ ଚିକିତ୍ସାଧିକାରୀ ଭାବେ ସେ କାର୍ଯ୍ୟଭାର ଗ୍ରହଣ କଲାପରେ ତାଙ୍କୁ ବିଭିନ୍ନ ସଂଗଠନ ଏବଂ ଶୁଭେଚ୍ଛୁ ଶୁଭେଚ୍ଛା ଜ୍ଞାପନ କରିବା ସହିତ ତାଙ୍କର କାର୍ଯ୍ୟ ସଫଳତା କାମନା କରିଛନ୍ତି।

# ନକଲି ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ନକଲି ଡାକ୍ତରଙ୍କୁ ସାବାଡ୍ କରିବା ପାଇଁ ସବୁ ଜିଲ୍ଲାରେ ଆଣ୍ଟି କ୍ୱାକେରୀ ସେଲ ସିଡିଏମଓଙ୍କ ଅଧ୍ୟକ୍ଷତାରେ ଗଠନ କରାଯାଇଛି। ଏହି ସେଲ୍ ତାଙ୍କ ଜିଲାରେ ଥିବା ନକଲି ଡାକ୍ତରଙ୍କୁ ଖୋଜି ବାହାର କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ବହୁ ନକଲି ଡାକ୍ତର କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ବିଶେଷ କରି ପିତଳ ଛକ, ପିଉଳ ବଜାର ଓ ବଡ଼ସାହିରେ କ୍ଲିନିଂ ଖୋଲି ଜଣେ ନକଲି ଡାକ୍ତର ଗରୀବ, ଅଶିକ୍ଷିତ ଓ ସରଳ ବ୍ୟକ୍ତିଙ୍କୁ ଚିକିତ୍ସା ବାହନାରେ ହଜାର ହଜାର ଟଙ୍କା ଲୁଟିବା ସହ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହେଉଛି। ତୁରନ୍ତ ଗଞ୍ଜାମ ଜିଲା ସିଡିଏମଓ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ପାଣି ପାଇଁ ରାସ୍ତାରୋକ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପଳାସପୁରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ପାଣି ଟୋପାଏ ପାଇଁ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯାହାର ପ୍ରତିବାଦରେ ଆଜି ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଗରା ବାଲ୍‌ଟି ରଖି ପଳାସପୁର ଛକରେ ରାସ୍ତାରୋକ କରିଛନ୍ତି। ଫଳରେ ସାନଖେମୁଣ୍ଡି-ଆସିକା ମଧ୍ୟରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି।

# ଏନସିସିର ସିଏଟିସି ୨ର ସମାପନ ଉତ୍ସବ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟ ପରିସରରେ ଏନସିସିର ସିଏଟିସି ୨ର ସମାପନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଆଇଜି ଶୈଳେଶ କୁମାର ଯୋଗ ଦେଇ କ୍ୟାଡେଟ ମାନଙ୍କୁ ଭଲ ମଣିଷଟିଏ ହେବା ପାଇଁ ଉଦ୍‌ବୋଧନ ଦେଇଥିଲେ। କ୍ୟାଡେଟ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏବଂ ବିଭିନ୍ନ କୃତି କ୍ୟାଡେଟମାନଙ୍କୁ ମୁଖ୍ୟ ଅତିଥି ମ୍ୟାଡେଲ ପ୍ରଦାନ କରିଥିଲେ। ଏହି କ୍ୟାମ୍ପ ଗତ ୨୪।୫।୨୪ ତାରିଖରୁ ଆରମ୍ଭ ହୋଇ ୯।୬।୨୪ ତାରିଖରେ ଶେଷ ହେବ। ଏହି ସମୟରେ କ୍ୟାଡେଟ ମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ଯଥା ଡ୍ରିଲ, ବନ୍ଧୁକ ପରିଚାଳନା, ମ୍ୟାପ ରିଡିଂ, ଏଫସିବିସି, ନାରି ଶସକ୍ତି କରଣ, ହେଲଥ ହାଇଜିନ, ଡିଜିଟାଲ ବ୍ୟାକିଂଗଁ, ସାଇବର ସିକ୍ୟୁରିଟି ବିଷୟରେ ଶିକ୍ଷା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଉଚ୍ଚ ପ୍ରଶଂସା କରିଥିଲେ। କ୍ୟାମ୍ପ କମାଣ୍ଡେଣ୍ଟ ଏଲଟି କୋଲ ପ୍ରତି ରଞ୍ଜନ ଦାସ ସମସ୍ତ ସହ ଯୋଗ ପାଇଁ କ୍ୟାଡେଟ ଓ ସମସ୍ତ ଏନସିସି ଅଫିସର ସମସ୍ତ କର୍ମଚାରୀଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସେବାରେ ଗୋଷ୍ଠୀ ଓ ପରିବାରର ଦାୟିତ୍ୱ ବୃଦ୍ଧି ପାଇଁ ପଞ୍ଚାୟତ ସ୍ତରୀୟ ପୁନଃ ଏକତ୍ରୀକରଣ ଶିବିର

**କନ୍ଧମାଳ, ନ୍ୟୁଜ୍‌ବ୍ୟୁରୋ**

ସାମ୍ପ୍ରତିକ ମାନସିକ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଲୋକ ସମାଜରେ ଅନେକ ସମସ୍ୟାରେ ସମ୍ମୁଖିନ ହେବାକୁ ପଡିଥାଏ। ଔଷଧ ଖାଇବା ଦ୍ୱାରା ଲକ୍ଷଣ କମିଥାଏ, କିନ୍ତୁ ବ୍ୟକ୍ତିର ହରାଇଥିବା କୌଶଳ ଏବଂ ଦକ୍ଷତା ଫେରିନଥାଏ। ଏହି ସମସ୍ୟାକୁ ଆଖି ଆଗରେ ରଖି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ବେସିକ ନିଡ୍ ଇଣ୍ଡିଆ, ବାଙ୍ଗାଲୋରର ମିଳିତ ସହାୟତାରେ ଦଡିକି ଓ ଦୁଡିକି ପଞ୍ଚାୟତ ଠାରେ ଆରୋଗ୍ୟ ଲାଭ କରୁଥିବା ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କ ନିମନ୍ତେ ଏକ ଦିବସିୟ ପୁନଃ ଏକତ୍ରୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାନସିକ ଅସୁସ୍ଥ ବ୍ୟକ୍ତିମାନେ ଏବଂ ସେମାନଙ୍କ ପରିବାର ଲୋକମାନେ ସମ୍ମୁଖୀନ ହୋଇଥିବା ସମସ୍ୟାମାନ ଉପରେ ଆଲୋଚନା କରଯାଇଥିଲା। ଆରୋଗ୍ୟ ଲାଭ କରିଥିବା ମାନସିକ ଅସୁସ୍ଥ ବ୍ୟକ୍ତିମାନେ କିପରି ନିଜର ନିତି ବ୍ୟବହାର୍ଯ୍ୟ କୌଶଳ ଫେରି ପାରିବେ ସେ ବିଷୟରେ ବିଭିନ୍ନ ଖେଳ ଓ କାର୍ଯ୍ୟ ମାଧ୍ୟମରେ ସେମାନଙ୍କୁ ଏବଂ ସେମାନଙ୍କ ଯତ୍ନକାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆ ହୋଇଥିଲା। ସ୍ୱାତୀ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ ଶତପଥୀ, ସଂପାଦକ ହରିଶଙ୍କର ରାଉତ, କୋଷାଧ୍ୟକ୍ଷ ଶାନ୍ତନୁ ମିଶ୍ର ଏହି ଏକଦିବସୀୟ ଶିବିରରେ ଯୋଗଦାନ କରି ଯତ୍ନକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଦୁଡିକି ପଞ୍ଚାୟତ ସରପଞ୍ଚ ସୁରେନ୍ଦ୍ର କହଁର ଏହି ଶିବିରରେ ଉପସ୍ଥିତ ରହି ସରକାରୀ ସୁବିଧା ଓ ସୁଯୋଗ କିପରି ଅଗ୍ରାଧିକାର ହିସାବରେ ପାଇବେ ସେଥିପ୍ରତି ଧ୍ୟାନ ଦେବା ସହିତ ସେମାନେ ନିୟମିତ ଔଷଧ ସେବନ କରିବେ ଓ ଚିକିତ୍ସା ଅବ୍ୟାହତ ରଖିବେ ତାଙ୍କର ନିଜସ୍ୱ ମତ ରଖିଥିଲେ। ପାଖାପାଖି ୨୬ ଜଣ ମାନସିକ ଅସୁସ୍ଥ ବ୍ୟକ୍ତି, ତାଙ୍କର ପରିବାର ଲୋକ, ଫ୍ୟାମିଲି ସପୋର୍ଟ ଗ୍ରୁପ ର ସଦସ୍ୟ ଓ ସଦସ୍ୟା ମିଶିକରି ୮୫ ଜଣ ଏହି ୨ଟି ଶିବିରରେ ଅଂଶଗ୍ରହଣ କରିଥିଲେ।

ଏହି ଶିବିରରେ ପି.ଇ.ଓ., ସି.ଏଚ.ଓ, ଏ.ଏନ.ଏମ., ଆଶା, ମା' ଗୃହ ଅଧିକାରୀ, ପଞ୍ଚାୟତରାଜ ପ୍ରତିନିଧି, ଫ୍ୟାମିଲି ସପୋର୍ଟ ଗ୍ରୁପ୍‌ର ସଦସ୍ୟ ଓ ସଦସ୍ୟା ଯୋଗଦେଇଥିଲେ। ତୃଣମୂଳ ସ୍ତରରେ ଏଭଳି ଅଭିନବ ସଚେତନତା କାର୍ଯ୍ୟକ୍ରମ ମାନସିକ ସ୍ୱାସ୍ଥ୍ୟସେବାକୁ ଆହୁରି ମଜଭୁତ କରିବ ବୋଲି ଆଶାବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମକୁ ସ୍ୱାତୀର ମାନସିକ ପ୍ରକଳ୍ପ ସଂଯୋଜକ ବୈକୁଣ୍ଠ ଚନ୍ଦ୍ର ଦାସ ପରିଚାଳନା କରିଥିଲେ। କ୍ଷେତ୍ର ସଂଯୋଜକ ଆଲୋକ ସାମନ୍ତରାଏ, ସ୍ୱେଚ୍ଛାସେବୀ ସସ୍ମିତା ବେହେରା, ଦିପେସ ମହାକୁଡ଼ ଓ ଅମ୍ବିକା ବେହେରାଙ୍କ ପରିଚାଳନାରେ ସହଯୋଗ କରିଥିଲେ।

# କୋଭିଡ୍ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ କୋଭିଡ୍ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ କହିଲେ ଆଦାନ କାଳରେ ଶରୀରରୁ ଶକ୍ତି ଓ ଇମ୍ୟୁନିଟି କମିଯାଏ। ଯେଉଁମାନଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ, ଜନ ଗହଳି ସ୍ଥାନକୁ ଗଲେ ଭୂତାଣୁ ଥିବା ରୋଗୀର ଛିଙ୍କ କାଶ ନାସାସ୍ରାବ ଦ୍ୱାରା ଭୂତାଣୁ ସହଜରେ ସଂକ୍ରମିତ ହୋଇଯାଏ। ଏହା ବାୟୁବାହିତ ହୋଇଥିବା ଯୋଗୁଁ ସୁସ୍ଥ ରୋଗୀକୁ ସଂକ୍ରମିତ କରେ। ଆଧୁନିକ ବିଜ୍ଞାନ ବିଭିନ୍ନ ଜାତୀୟ ଭୂତାଣୁ କହୁଥିବା ବେଳେ ସବୁଗୁଡ଼ିକୁ ଆୟୁର୍ବେଦରେ ଗୋଟିଏ ଭାବେ ପ୍ରକାଶ କରି ଗୋଟିଏ ପ୍ରତିକ୍ରିୟାହୀନ ସଫଳ ଚିକିତ୍ସା କୁହାଯାଇଛି। କାରଣକୁ ଛାଡ଼ି ପ୍ରତିରୋଧ ପାଇଁ ମାସ୍କ ପିନ୍ଧନ୍ତୁ, ଦୂରତା ରକ୍ଷା କରନ୍ତୁ, କର୍ପୁର ପାଖରେ ଧରନ୍ତୁ, ଗଙ୍ଗଶିଉଳୀ, ତୁଳସୀ, ଗୁଳୁଚି ପତ୍ର ରସ ବା ବଟିକା ଖାଆନ୍ତୁ। ନାକ, ଆଖିରୁ ପାଣି ବହିଲେ, ଜ୍ୱର ହେଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଯେଉଁ ଔଷଧ ଦ୍ୱାରା ଇମ୍ୟୁନିଟି, ରକ୍ତକଣା ନଷ୍ଟ ହେବ ସେହି ଔଷଧ ଦୋକାନୀ ଠାରୁ ଖାଆନ୍ତୁ ନାହିଁ।

ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ। ଏହି ଶିବିର ପ୍ରତି ସୋମବାର ଅନୁଷ୍ଠିତ ହୁଏ। ସମସ୍ତେ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି।

# କର୍ମଚାରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ପରିଷଦରେ କାର୍ଯ୍ୟରତ ସେକ୍ସନ ଅଫିସର ଲୋକନାଥ ମହାନ୍ତିଙ୍କ ଅକାଳ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସ୍ମୃତି ଚାରଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାସନ ରାଜୀବ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ମହାନ୍ତି ରାଜସ୍ୱ ବିଭାଗର କର୍ମଚାରୀ ଥିବା ବେଳେ ଡେପୁଟେସନରେ ଜିଲ୍ଲା ପରିଷଦର ସେକ୍ସନ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ମିଷ୍ଟଭାଷୀ ଓ ସମସ୍ତଙ୍କ ସହ ମିଶି କାର୍ଯ୍ୟ କରୁଥିବା କର୍ମଚାରୀ ଥିଲେ। ତାଙ୍କର ବିୟୋଗ ଆମ ପାଇଁ ଓ ତାଙ୍କ ପରିବାର ପାଇଁ ବିରାଟ କ୍ଷତି ବୋଲି ସେ କହିବା ସହ ତାଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବୈଷୟିକ ବିମଳ ଚନ୍ଦ୍ର ତିରିଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅର୍ଥ ବାଣୀଭୂଷଣ ଦାଶ, ସନ୍ତୋଷ କୁମାର ବରାଳ ଓ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ।

# ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ସରକାରୀ ପଲିଟେକ୍ନିକ୍, ମାଲକାନଗିରି ଅନୁଷ୍ଠାନର ଯାନ୍ତ୍ରିକ ଅଧ୍ୟାପକ ଶିବେନ୍ଦ୍ରନାଥ ଘୋଷ ଗତ ଶୁକ୍ରବାର ଦିନ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଶ୍ରୀ ଘୋଷ ୨୦୧୮ ମସିହାରେ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ, ବ୍ରହ୍ମପୁରରୁ ତାଲିମ ଅଧିକାରୀ ପଦବୀରୁ ପଦୋନ୍ନତି ପାଇଁ ସରକାରୀ ପଲିଟେକ୍ନିକ୍, ମାଲକାନଗିରିରେ ଆଧ୍ୟାପକ ଭାବେ ଯୋଗ ଦେଇଥିଲେ। ସେ ଜଣେ ପଶୁପକ୍ଷୀ-ବୃକ୍ଷଲତା ପ୍ରେମୀ, ଶାନ୍ତ ଏବଂ ଦୟାଳୁ ସ୍ୱଭାବର ଲୋକ ଥିଲେ। ତାଙ୍କର ସ୍ୱାଥ୍ୟଗତ ସମସ୍ୟା କାରଣରୁ ସେ ୨୦୨୦ମସିହାରେ ସରକାରୀ ପଲିଟେକ୍ନିକ୍, ବାଲେଶ୍ୱରକୁ ନିୟୋଜିତ ହୋଇଥିଲେ। ଶ୍ରୀ ଘୋଷଙ୍କ ଅବସର ପରିପ୍ରେକ୍ଷୀରେ ଅନୁଷ୍ଠାନରେ ଏକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଆଜି ଆୟୋଜିତ କରାଯାଇଥିଲା। ଏହି ସଭାକୁ ଅନୁଷ୍ଠାନର ଅଧ୍ୟକ୍ଷ ଜ୍ଞାନରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମାଲକାନଗିରି କଳା ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇ ଶ୍ରୀ ଘୋଷଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘାୟୁ କାମନା କରିଥିଲେ। ଏହି ସଭାରେ ସମସ୍ତେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବା ସହିତ ତାଙ୍କର ଅବସର ପରବର୍ତୀ ଜୀବନର ଉତ୍ତମ ସ୍ୱାସ୍ଥ୍ୟକାମନା କରିଥିଲେ। ବିଭାଗୀୟ ଅଧିକାରୀ ମାନସ ରଞ୍ଜନ ରାଉତ ଏବଂ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଯଥା ପ୍ରୀତିରଞ୍ଜନ ପ୍ରିୟଦର୍ଶୀ ପାତ୍ର, ଅମିତ କୁମାର ତିର୍କି, ବିପିନ ବିହାରୀ ମହାନ୍ତି, ଆଶିଷ ଶର୍ମା, ଅବକାଶ ପ୍ରଧାନୀ, ସୌରଭ ରଞ୍ଜନ ପ୍ରଧାନ, ପାର୍ଥ ସାରଥୀ ମଲ୍ଲିକ, ଜେ.ବିନୋଦ କୁମାର, ରାଜୀବ ରତନ ପଟେଲ, ଲକ୍ଷ୍ମଣ ମାଝୀ ଏବଂ ପଲ୍ଲବୀ ମହାନ୍ତ ଯୋଗ ଦେଇଥିଲେ। ଅଧ୍ୟାପକ ଶ୍ରୀ ଅବକାଶ ପ୍ରଧାନୀ ଏହି ବିଦାୟକାଳୀନ ସଭାର ଆୟୋଜନ କରଥିଲେ।

# ଲେସେନ ଅନ ହୁଇଲ ପକ୍ଷରୁ ବିଶ୍ୱ ସାଇକେଲ ଦିବସ ପାଳିତ

**ବାଲେଶ୍ୱର, ନ୍ୟୁଜ୍**




ଜୁନ ୩ ତାରିଖକୁ ସାରା ବିଶ୍ୱରେ ବିଶ୍ୱ ସାଇକେଲ ଦିବସ ଭାବେ ପାଳନ କରାଯାଇଥିଲା। ଏହି ଅବସରରେ ବାଲେଶ୍ୱର ସହରର ଲେସେନ ଅନ ହୁଇଲ୍ ସଂଗଠନ ପକ୍ଷରୁ ଏକ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟା ସମୟରେ ଏହି ସଂଗଠନର ପ୍ରତିଷ୍ଠାତା ସୟଦ ସଲିମ ରାଜାଙ୍କ ନେତୃତ୍ୱରେ ଶହେରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀମାନେ ଗାନ୍ଧୀସ୍ମୃତି ଭବନଠାରୁ ବାହାରି ସହର ପରିକ୍ରମା କରିବା ପରେ ପୁଣି ଥରେ ଗାନ୍ଧୀସ୍ମୃତି ଭବନରେ ପହଞ୍ଚିଥିଲେ। ଏଥିରେ ପ୍ରକାଶ କୁମାର ପାଣିଗ୍ରାହୀ, ଭୁବନ ମୋହନ ଦାସ, ଶେଖ ଆରକାନ୍, ସତୀଶ ପରିଡ଼ା, ସୌମ୍ୟରଞ୍ଜନ ବିନ୍ଧାଣୀ, ଅମର କୁମାର ମହାଳିକ, ଅଜିତ ବାସ୍‌କେ, ସୋମ ପ୍ରକାଶ ସାହୁ, ଶୁଭମ ଖଣ୍ଡେଲାଲ୍, କଲିମ ଖାନ ଏବଂ ରଜାକ ଖାନ ପ୍ରମୁଖ ନେତତ୍ୱ ନେଇଥିଲେ। ଏହି ଅବସରରେ ସଲିମ ରାଜା କହିଛନ୍ତି କି, ଆଧୁନିକ ଯୁଗରେ ଲୋକଙ୍କ ଜୀବନ ଶୈଳୀରେ ବ୍ୟାପକ ପରିବର୍ତ୍ତନ ଘଟିଛି। ଲୋକେ ଶାରୀରିକ ପରିଶ୍ରମ କରିବା ପାଇଁ କୁଣ୍ଠାବୋଧ କରିବା ସହ ସମୟର ଅଭାବ ଆଳ ଦେଖାଇ କୌଣସି ଶାରୀରିକ ପରିଶ୍ରମ କରୁ ନାହାନ୍ତି। ତେବେ ପ୍ରତିଦିନ ସକାଳ କିମ୍ବା ସନ୍ଧ୍ୟା ସମୟରେ ସାଇକେଲ ଚାଳନା କଲେ ଶରୀର ଓ ମନ ସୁସ୍ଥ ଓ ପ୍ରଫୁଲ୍ଲ ରହିବ। ତେଣୁ ପ୍ରତ୍ୟେକ ବ୍ୟକ୍ତି କିଛି ନହେଲେ ବି ଦୁଇଘଣ୍ଟା ସାଇକେଲ ଚଳାଇଲେ କାର୍ବନ ଡାଇଅକସାଇଡ ବା ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ପ୍ରଦୂଷଣଯୁକ୍ତ ଧୂଆଁକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବେ। ଆବଶ୍ୟକ ନଥିଲେ ଡିଜେଲ ଓ ପେଟ୍ରୋଲରେ ଚାଲୁଥିବା ଯାନ ବ୍ୟବହାର କରାଯିବା ଉଚିତ ନୁହେଁ। ସ୍କୁଲ କଲେଜ୍‌ରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ମଧ୍ୟ ସବୁବେଳେ ସାଇକେଲ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଏ ଦିଗରେ ଅଭିଭାବକମାନେ ମଧ୍ୟ ସଚେତନ ହେବା ନିତାନ୍ତ ଆବଶ୍ୟକ।

# ଭାଙ୍ଗିଲାଣି ଜାତୀୟ ରାଜପଥ ଗାଡ଼ୱାଲ

**ନରଣପୁର, ନ୍ୟୁଜ୍**

କେନ୍ଦୁଝରର ଲାଇଫଲାଇନ କୁହାଯାଉଥିବା ଜାତୀୟ ରାଜପଥ ୨୦ ଦେଶର ସର୍ବାଧିକ ଦୁର୍ଘଟଣା ଘଟୁଥିବା ରାଜପଥ ହେଉଥିବା ବେଳେ ଜାତୀୟ ରାଜପଥ କେନ୍ଦୁଝର ଡିଭିଜନ ଏହି ଜାତୀୟ ରାଜପଥର ରକ୍ଷଣାବେକ୍ଷଣ ଓ ମରାମତି ଉପରେ ଦୃଷ୍ଟି ଦେଉନଥିବା ଅଭିଯୋଗ ବାରମ୍ବାର ହେଉଛି ନରଣପୁର ଉପଖଣ୍ଡର ବଡ଼ପଶି ଛକ ନିକଟରେ ରହିଥିବା ଜାତୀୟ ରାଜପଥର ଗାଡଓ୍ୱାଲ ନଷ୍ଟ ହୋଇ ଯାଇଥିବା ସାଧାରଣ ଯାତ୍ରୀଙ୍କ ଦୃଷ୍ଟିକୁ ନଜର ଆସୁଥିବା ବେଳେ ଜାତୀୟ ରାଜପଥ ପ୍ରାଧିକରଣ ଯନ୍ତ୍ରୀ ଓ ଅଧିକାରୀଙ୍କ ଆଖିକୁ ଦେଖା ଯାଉନାହିଁ। ଆଗକୁ ଆଉ ମାତ୍ର ଅଳ୍ପ ଦିନ ପରେ ଓଡ଼ିଶାରେ ମୌସୁମୀ ବର୍ଷା ଆସି ଯାଉଥିବା ବେଳେ ଏହି ରାସ୍ତାର ମରାମତି ପାଇଁ ବିଭାଗ ନିଦାବିଷ୍ଟୁ ସାଜି ଚୁପ ବସିଛି। ଗାଡ଼ୱାଲ କାମ ଠିକ ଭାବରେ ହୋଇନଥିବା ଯୋଗୁ ଏଠାରେ ରାସ୍ତା କଡରୁ ମାଟି ମରମ ସବୁ ଧୋଇ ହୋଇଯାଇଛି। ଏପରିକି ପିଚୁ ତଳୁ ମାଟି ଧୋଇ ହୋଇଯାଇଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ଭରିଯାନ ଓ ଯାତ୍ରୀବାହୀ ଯାନ ସହ ଅନେକ ଲୋକ ଦ୍ରୁତଗତିରେ ନିଜ ନିଜର ଦୁଇ ଚକିଆ ଓ ଚାରିଚକିଆ ଯାନ ନେଇ ଯାତାୟାତ କରୁଥିବା ବେଳେ ଏହି ସ୍ଥାନରେ ଅନେକ ଭୟଙ୍କର ଦୁର୍ଘଟଣାର ସମ୍ଭାବନା ରହିଛି। ପୂର୍ବରୁ ବଡ଼ପଶି ଛକରେ ଅନେକ ଭୟଙ୍କର ଦୁର୍ଘଟଣା ଯୋଗୁ ଜୀବନ ଯାଇଥିବା କେନ୍ଦୁଝର ଦେ ସାରିଛି। ସାମ୍ପ୍ରତିକ ଅବସ୍ଥାରେ ଦୁର୍ଘଟଣା ଘଟିଲେ ନିଶ୍ଚିତ ଜୀବନ-ହାନୀର ଆଶଙ୍କା ରହିଛି। ପ୍ରତିଦିନ ଜିଲା ତଥା ଜିଲ୍ଲା ବାହାରୁ କେନ୍ଦୁଝରର ଆରାଧ୍ୟା ଦେବୀ ମାତାରିଣୀଙ୍କ ପୀଠ ଦର୍ଶନ କରି ମନୋସ୍କାମନା ପୂର୍ଣ୍ଣ ଆଶାରେ ଆସୁଥିବା ବେଳେ କେନ୍ଦୁଝର ଜିଲାରେ ଖଣିଜ ପରିବହନ ବ୍ୟବସାୟ ପାଇଁ ଅନେକ ବ୍ୟବସାୟୀ, ଶିଳ୍ପପତି, ଅଧିକାରୀ ଜିଲ୍ଲାକୁ ଆସୁଛନ୍ତି। ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ମାନେ କିନ୍ତୁ ଏହି ରାସ୍ତାର ମରାମତି ପାଇଁ ଆଖିବୁଜି କର୍ଣ୍ଣପାତ କରୁନଥିବା ଦେଖାଯାଉଛି। ତେବେ ଏହି ଜାତୀୟ ରାଜପଥ ୨୦ର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଜାତୀୟ ରାଜପଥ ପ୍ରାଧିକରଣର କୁମ୍ଭକର୍ଣ୍ଣ ନିଦ୍ରା କେବେ ଭାଙ୍ଗିବ ବୋଲି ପ୍ରଶ୍ନ ଉଠୁଛି।

# ଭଦ୍ରକରୁ ଆରମ୍ଭ ହୋଇଥିବା ପ୍ରଚେଷ୍ଟାକୁ ଅନ୍ତର୍ଜାତୀୟ ସ୍ୱୀକୃତି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଆଜକୁ ପନ୍ଦର ବର୍ଷ ପୂର୍ବେ ଭଦ୍ରକ ଜିଲ୍ଲାରେ ଜନ୍ମିତ ବିଶିଷ୍ଟ ପରିବେଶବିତ୍, ସମାଜସେବୀ ତଥା ମାନବାଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ତାଙ୍କର କିଛି ସହଯୋଗୀଙ୍କୁ ଧରି ସାଇକେଲ୍‌ରେ ଜିଲ୍ଲା ସଦର ମହକୁମା ପରିକ୍ରମା କରିଥିଲେ। ଏହି ସମୟରେ ପରିବେଶ ସୁରକ୍ଷା ଦିଗରେ ସାଇକେଲ୍ ଚଲାଇବାର ଗୁରୁତ୍ୱ ତଥା ପରିବେଶ ସୁରକ୍ଷା ସଂକ୍ରାନ୍ତୀୟ ବିଭିନ୍ନ ପ୍ଲାକାର୍ଡରେ ସାଇକେଲକୁ ସୁସଜ୍ଜିତ କରିବା ସହିତ ନିଜ ଦେହରେ ମଧ୍ୟ ବିଭିନ୍ନ ସଚେତନତାର ବାର୍ତ୍ତା ଲେଖାଇ ଥିଲେ। ଶେଷରେ ଜିଲ୍ଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତୀୟ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ସେତେବେଳେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଏ ପ୍ରକାର ଅଭିନବ ଚିନ୍ତାଧାରା ଗଭୀର ରେଖାପାତ ସୃଷ୍ଟି କରିଥିଲା। ଐଶ୍ୱର୍ଯ୍ୟଦର୍ଶୀ ଦୁନିଆରେ ଲୋକେ ନାମୀଦାମୀ ଗାଡି କିଣିବାରେ ମନ ବଳାଉଥିବା ବେଳେ ସାଇକେଲ୍ ପ୍ରତି ଏ ପ୍ରକାର ଆଦର ଚିନ୍ତାଶୀଳ ଲୋକ ମାନଙ୍କର ଭୃକୁଞ୍ଚନ ସୃଷ୍ଟି କରିଥିଲା। ୨୦୧୩ ମସିହାରେ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ସାମାଜିକ କର୍ମୀ ସୁନିତା ନାରାୟଣ ଏମସ୍ ରାସ୍ତାରେ ସାଇକେଲ୍ ଚଳାଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଯାନ ଦ୍ୱାରା ଦୁର୍ଘଟଣାଗ୍ରସ୍ତ ହୋଇ ଥିଲେ। ଏହାକୁ ଆଧାର କରି ତଥା ସାଇକେଲ୍ ଚାଳକ ମାନଙ୍କ ଅଧିକାର ଏବଂ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଶ୍ରୀ ତ୍ରିପାଠୀ ଜାତୀୟ ମାନବାଧିକାର ଆୟୋଗଙ୍କ ଠାରେ ମାମଲା ଦାଏର କରିଥିଲେ। ଆୟୋଗ ମଧ୍ୟ ୨୦୧୩-୨୦ ମସିହା ମଧ୍ୟରେ ଏ ସଂପର୍କିତ ଘଟଣା ଗୁଡିକର ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲେ। ଧୀରେ ଧୀରେ ବିଭିନ୍ନ ସ୍ଥାନରେ ସାଇକ୍ଲୋଥନ ମାନ ଆୟୋଜନ କରାଗଲା। ଏତଦ୍‌ବ୍ୟତୀତ ବିଭିନ୍ନ ରାଜ୍ୟର ରାସ୍ତାମାନଙ୍କରେ ସାଇକେଲ୍ ଚଳାଇବା ପାଇଁ ସ୍ୱତନ୍ତ୍ର ଧାଡିର ବ୍ୟବସ୍ଥା କରାଗଲା। ପରବର୍ତ୍ତୀ ସମୟରେ ୨୦୧୮ ମସିହା ଜୁନ୍ ୩ ତାରିଖକୁ ଜାତିସଂଘ ବିଶ୍ୱ ସାଇକେଲ୍ ଦିବସ ଭାବେ ପାଳନ କରିଆସୁଛି। ବିଶ୍ୱ ତାପାୟନ ବୃଦ୍ଧି ପରିପ୍ରେକ୍ଷୀରେ କାର୍ବନ ଡାଇଅକ୍ସାଇଡ଼୍‌ର ନିର୍ଗମନକୁ ଉପଲବ୍ଧି କରି ବିଭିନ୍ନ ଗାଡି ମୋଟର ଉପରେ ଅଯଥାରେ ନିର୍ଭର ନକରି ସାଇକେଲରେ ଯାତ୍ରା କରିବା ଫଳପ୍ରଦ ହେବ ବୋଲି ଚିନ୍ତା କରାଯାଇଥିଲା। ଏ ସଂପର୍କୀୟ ସଚେତନତା ଆଣିବରେ ଉକ୍ତ ଦିବସ ପାଳନ ଏକ ପ୍ରମୁଖ ଭୂମିକା ନିଭାଇ ଆସୁଛି। ଅଯଥା ଦୁର୍ଘଟଣାରୁ ବର୍ତ୍ତିବା ସହିତ ପରିବେଶ ସୁରକ୍ଷାର ମନ୍ତ୍ର ସାଇକେଲ୍ ଚଳାଇବାର ମହତ୍ୱ ବୋଲି ମନେକରାଯାଏ। ଶ୍ରୀ ତ୍ରିପାଠୀଙ୍କ ମତରେ ସାଇକେଲ୍ ଚଳାନ୍ତୁ, ନିଜେ ସୁସ୍ଥ ରୁହନ୍ତୁ ଓ ପରିବେଶକୁ ସୁସ୍ଥ ରଖନ୍ତୁ ଏବଂ ଅଯଥା ଦୁର୍ଘଟଣାରୁ ସୁରକ୍ଷିତ ରୁହନ୍ତୁ।

# ବିଦ୍ୟୁତ ଆଘାତରେ ନାବାଳକର ମୃତ୍ୟୁ ମାମଲା : ଆର୍ଥିକ ସହାୟତା ପାଇଁ ପ୍ରଶାସନର ଦ୍ୱାରସ୍ଥ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡାରେ ବିଦ୍ୟୁତ ଆଘାତରେ ଗତ ୨୫ ତାରିଖରେ ଜଣେ ନାବାଳକର ମୃତ୍ୟୁ ହୋଇଥିଲା। ମୃତ ନାବାଳକ ଜଣକ ହେଉଛନ୍ତି ଗଣେଷ ଖରା (୮)। ଏନେଇ ମୃତ ନାବାଳକର ଅଜା ଜଗନ୍ନାଥ ଗଲରି ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆର୍ଥିକ ସହାୟକା ଯୋଗାଇ ଦେବା ପାଇଁ ସେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଗତ ୨୫ ତାରିଖରେ ଜୟପୁର ସଦର ଥାନା ଅନ୍ତର୍ଗତ ବାଗ୍ରାଗୁଡ଼ାର ଗଣେଷ ଖରା ବିଦ୍ୟୁତ ଆଘାତରେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ତୁରନ୍ତ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ମୃତ ନାବାଳକର ମା' ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଯାଇଥିବା ବେଳେ ଘରେ ଅଜା ପାଖରେ ନାବାଳକ ଜଣକ ଥିଲେ। ଏନେଇ ସୂଚନା ପାଇ ଜୟପୁର ସଦର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଛି। ତୁରନ୍ତ ପ୍ରଶାସନ ମୃତ ନାବାଳକର ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଜୁନ୍ ୨୦୨୪ ବୁଧବାର







ଭୁବନେଶ୍ୱର: ରାଜଧାନୀରେ ବର୍ଷା ପୂର୍ବରୁ ଡ୍ରେନ୍ ସଫେଇ ଆରମ୍ଭ (ଫଟୋ:ସମ୍ବାଦ କଳିକା)

# ମାହାଙ୍ଗାରେ ସର୍ବାଧିକ ୧୪୦.୦ ମି.ମି. ବର୍ଷା ରେକର୍ଡ଼

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗତ ୨୪ ଘଣ୍ଟା ମଧ୍ୟରେ କଟକ ଜିଲ୍ଲାର ମାହାଙ୍ଗାରେ ସର୍ବାଧିକ ୧୪୦.୦ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି କଟକ ଜିଲ୍ଲାର କଣ୍ଟାପଡାରେ ୧୨୫.୦ ମି.ମି., ଜଗତସିଂହପୁର ଜିଲ୍ଲାର କୁଜଙ୍ଗରେ ୧୨୨.୦ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇରେ ୧୨୧.୦ ମି.ମି., ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲରେ ୯୮.୦ ମି.ମି., କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ୯୩.୪ ମି.ମି., କଟକ ଜିଲ୍ଲାର କଟକରେ ୯୧.୦ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁରରେ ୮୭.୦ ମି.ମି., ଜଗତସିଂହପୁର ଜିଲ୍ଲାର ଆଳିପିଙ୍ଗଳରେ ୮୫.୬ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶରେ ୮୨.୦ ମି.ମି., କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ାରେ ୮୧.୦ ମି.ମି., ସମ୍ବଲପୁର ଜିଲ୍ଲାର ଯୁଯୁମରାରେ ୭୪.୫ ମି.ମି. ଏବଂ ଜଗତସିଂହପୁର ଜିଲ୍ଲାର ବିରିଡ଼ିରେ ୭୪.୨ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଏକ ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

# ଡାକ୍ତରଙ୍କୁ ଅପହରଣ ଘଟଣା:ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ପରିବାର ଲୋକ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ଡାକ୍ତର ଅମ୍ଳାନ କୁମାର ଭୋଇଙ୍କୁ ଅପହରଣ ଘଟଣାରେ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଛି । ବିଭିନ୍ନ ଦିଗରୁ ଘଟଣାର ତଦନ୍ତ କରୁଛି ପୋଲିସ । ଅନ୍ୟପକ୍ଷରେ କନ୍ଧମାଳ ଜିଲ୍ଲା ଟିକାବାଲିରୁ ଅମ୍ଳାନଙ୍କ ପରିବାର ଲୋକ ଆସି ମାଲକାନଗିରିରେ ପହଞ୍ଚି ମାଲକାନଗିରି ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ପୁଅକୁ ଖୋଜିବା ପାଇଁ ଗୁହାରି କରିଛନ୍ତି । ଇତିମଧ୍ୟରେ ଅମ୍ଳାନଙ୍କ ସରକାରୀ ବାସଗୃହକୁ ପୋଲିସ ସିଲ୍ କରିବା ସହ ତାଙ୍କ ମୋବାଇଲ୍‌କୁ ଜବତ କରିଛି । ଜବତ ମୋବାଇଲ୍‌ରୁ କିଛି ସୁରାକ୍ ପାଇବା ନେଇ ପ୍ରୟାସ୍ ଜାରି ରଖିଛି । ମେଡିକାଲ ଚର୍ତୁପାର୍ଶ୍ୱରେ ଲାଗିଥିବା ସିସିଟିଭି ଓ କାଳିମେଳା ମୁଖ୍ୟ ରାସ୍ତାର କିଛି ବ୍ୟବସାୟୀଙ୍କ ଦୋକାନ ଓ ସିସିଟିଭିକୁ ପୋଲିସ ଯାଞ୍ଚ କରୁଛି । ଏହି ଅପହରଣ ଘଟଣାରେ ମାଲକାନଗିରି ପୋଲିସ ଛତିଶଗଡ଼ ଦରନାପାଲ ଗ୍ରାମର କିଛି ଲୋକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି । ହେଲେ ଏଯାଏଁ ଅପହୃତ ଅମ୍ଳାନଙ୍କ କୌଣସି ସନ୍ଧାନ ପାଇନି ପୋଲିସ । ପ୍ରକାଶ ଥାଉକି, ଗତ କିଛି ଦିନ ତଳେ ଏକ ଶବ ବ୍ୟବଚ୍ଛେଦକୁ ନେଇ ଦରନାପାଲ ଗ୍ରାମର କେତେକ ଲୋକଙ୍କ ସହିତ ଡାକ୍ତର ଅମ୍ଳାନଙ୍କ ପାଟିତୁଣ୍ଡ ହୋଇଥିଲା । ଘଟଣା ପରେ ଡାକ୍ତର ଅମ୍ଳାନ ଶନିବାର ରାତିରେ ଡ୍ୟୁଟି ସାରି ଡାକ୍ତରଖାନାରୁ ସରକାରୀ କ୍ୱାର୍ଟରକୁ ଫେରିଥିଲେ । ଏହି ସମୟରେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ବଳପୂର୍ବକ ଉଠାଇନେଇଥିବା ଅଭିଯୋଗ ହୋଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କର କୌଣସି ଖୋଜ୍ ଖବର ମିଳିନାହିଁ । ଅପରପକ୍ଷରେ ଘଟଣାସ୍ଥଳରୁ ଜବତ ହୋଇଥିବା ମାଓବାଦୀ ନାମରେ ହାତଲେଖା ଚିଠି ବାସ୍ତବରେ ମାଓବାଦୀଙ୍କର ନୁହେଁ ଏବଂ ଏହି ଅପହରଣ ପଛରେ ମାଓବାଦୀଙ୍କ ସମ୍ପୃକ୍ତି ନଥିବା ଏସ୍‌ପି ନିତିଶ ୱାଧବାନି କହିଛନ୍ତି । ସେପଟେ ଏହି ଘଟଣା ପରେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି ।

# ଫ୍ଲାଏଓଭରରୁ ଖସିଲା ବୋଲେରୋ:୨ ମୃତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମ୍ବଲପୁର ଛାଙ୍କରପାଲି ନିକଟସ୍ଥ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି । ଜାତୀୟ ରାଜପଥରେ ଅର୍ଦ୍ଧନିର୍ମିତ ଫ୍ଲାଏଓଭର ଉପରୁ ଖସିପଡିଲା ତୀର୍ଥଯାତ୍ରୀ ବୋଲେରୋ । ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସା ପାଇଁ ସେମାନଙ୍କୁ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ଯୁଯୁମୁରା ପୋଲିସ ପହଞ୍ଚିଛି । ଯୁଯୁମୁରା ଛାଙ୍କରପାଲି ନିକଟରେ ୫୫ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ହୋଇଛି । ଯାତ୍ରୀମାନେ ଛତିଶଗଡରୁ ପୁରୀ ଅଭିମୁଖେ ଯାଉଥିଲେ ।

# ମା' ଚଉଷଠି ଯୋଗିନୀ ଓ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ଦର୍ଶନ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମା' ଚଉଷଠି ଯୋଗିନୀ ମନ୍ଦିରରେ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ କେନ୍ଦ୍ରମନ୍ତ୍ରୀ ସୋସିଆଲ ହ୍ୟାଣ୍ଡେଲରେ ଫଟୋ ସେୟାର କରି କହିଛନ୍ତି ଯେ, ହୀରାପୁର ସ୍ଥିତ ମା' ଚଉଷଠି ଯୋଗିନୀ ମନ୍ଦିରରେ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି । ପୁରାତନ ଯୋଗିନୀ ପୀଠ ନାମରେ ଜଣାଶୁଣା ଏହି ମନ୍ଦିର ଆମର ଧାର୍ମିକ ଆସ୍ଥା ଓ ବିଶ୍ୱାସର ପ୍ରତୀକ । ଦେବୀଙ୍କ ପାଖରେ ସମାଜର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରିବା ସହ ଭକ୍ତମାନଙ୍କର ମାନସିକ ପୂରଣ ହେଉ, ଏହା କାମନା । ସେହିପରି ଲକ୍ଷ୍ମୀ ନୃସିଂହନାଥ ମନ୍ଦିରରେ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ ଏନେଇ ଫଟୋ ସେୟାର କରିବା ସହ କହିଛନ୍ତି ଯେ, ବାଲିଅନ୍ତା ଯଶୁଆପୁର ସ୍ଥିତ ଲକ୍ଷ୍ମୀ ନୃସିଂହନାଥ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଭଗବାନଙ୍କ ପାଖରେ ସମସ୍ତଙ୍କ ମଙ୍ଗଳ କାମନା କରୁଛି । ଓଁ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହନାଥ ଦେବାୟ ନମଃ ।

# ଗଞ୍ଜାମରେ ଚିହ୍ନଟ ହୋଇଛନ୍ତି ୮୨୭ ଦେହଜୀବୀ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ପରିସ୍ଥିତି ପଡ଼ି ମନୁଷ୍ୟ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଛନ୍ତି । ସେଥିମଧ୍ୟରୁ ଦେହଜୀବୀ ଅନ୍ୟତମ । ବିଭିନ୍ନ ବର୍ଗର ମହିଳା ଓ ଯୁବତୀମାନେ ଏହାକୁ ରୋଜଗାର କରିନେଇଛନ୍ତି । ଏହା ଜରିଆରେ ଅନେକ ନିଜ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ସମାଜରେ ଭିନ୍ନ ଏଭଳି ବୃତ୍ତିକୁ ଆଇନତଃ ମାନ୍ୟତା ମିଳିନାହିଁ । ତେବେ ଏ କ୍ଷେତ୍ରରେ ଜଣେ ପୁରୁଷ ଠାରୁ ମହିଳାଙ୍କୁ କିମ୍ବା ମହିଳାଙ୍କ ଠାରୁ ପୁରୁଷଙ୍କୁ ଯେଭଳି କୌଣସି ପ୍ରକାରେ ସଂକ୍ରମଣ ନହୁଏ ସେନେଇ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଅର୍ଥାତ୍ ଦେହଜୀବୀମାନେ କିଭଳି ସୁରକ୍ଷିତ ଦେହ ବ୍ୟବସାୟ କରିପାରିବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥାଏ । ଏହି ଦୃଷ୍ଟିରୁ ୧୯୭୬ ମସିହା ଠାରୁ ପ୍ରତି ବର୍ଷ ଜୁନ୍‌କୁ ଅନ୍ତର୍ଜାତୀୟ ଦେହଜୀବୀ ଦିବସ ଭାବେ ପାଳନ କରାଯାଉଛି । ଏହି ଦିବସରେ ଏ କ୍ଷେତ୍ରରେ ସମ୍ପୃକ୍ତ ମହିଳା ଓ ଯୁବତୀଙ୍କୁ ସଚେତନ କରାଯାଉଛି । ଅନ୍ୟପକ୍ଷରେ ଅସୁରକ୍ଷିତ ଯୌନ ସମ୍ପର୍କ ଅଥବା ଦେହଜୀବୀଙ୍କ ସଂସ୍ପର୍ଶରେ ଆସିଲେ ଏଚ୍‌ଆଇଭି ସଂକ୍ରମିତ ହେବାର ସମ୍ଭବନା ଯଥେଷ୍ଟ ରହିଛି । ସେହିପରି ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଓ ଭଞ୍ଜନଗର ଭଳି ଦୁଇଟି ପ୍ରମୁଖ ସହର ସମେତ ଏହାର ଆଖପାଖ ଅଞ୍ଚଳରେ ମୋଟ ୮୨୭ ଜଣ ଦେହଜୀବୀ ଚିହ୍ନଟ କରାଯାଇଛି । ସେଥିମଧ୍ୟରେ ବ୍ରହ୍ମପୁର ସହର କିମ୍ବା ଏହାର ଆଖପାଖ ଅଞ୍ଚଳରେ ମୋଟ ୫୨୬ ଜଣ ଦେହଜୀବୀ ରହିଛନ୍ତି । ସେଥିରୁ ୧୮ ରୁ ୨୦ ବର୍ଷ ମଧ୍ୟରେ ୫୪ ଜଣ ଦେହଜୀବୀ ଥିବାବେଳେ ୨୧ରୁ ୨୪ ବର୍ଷ ୮୪ ଜଣ, ୨୫ ରୁ ୪୩ ବର୍ଷରେ ସର୍ବାଧିକ ୩୮୬ ଜଣ ଓ ୪୫ ରୁ ଉର୍ଦ୍ଧ୍ୱ ମାତ୍ର ୨ ଜଣ ଥିବା ଏକ ସର୍ଭେରୁ ଜଣାପଡ଼ିଛି । ସେହିପରି ଭଞ୍ଜନଗର ଓ ଏହାର ଆଖପାଖ ଅଞ୍ଚଳରେ ମୋଟ ୩୦୧ ଜଣ ଦେହଜୀବୀ ଥିବା ଜଣାପଡ଼ିଛି । ସେଥିରୁ ୧୮ ରୁ ୨୦ ବର୍ଷ ମଧ୍ୟରେ ୧୮ ଜଣ ଦେହଜୀବୀ ଥିବାବେଳେ ୨୧ ରୁ ୨୪ ବର୍ଷ ୬୪ ଜଣ, ୨୫ ରୁ ୪୩ ବର୍ଷ ସର୍ବାଧିକ ୨୧୯ ଜଣ ରହିଛନ୍ତି । ଜିଲ୍ଲାରେ ଚିହ୍ନଟ ଦେହଜୀବୀଙ୍କ ମଧ୍ୟରୁ ହାତ ଗଣତି ଦେହଜୀବୀ ଏଚ୍‌ଆଇଭି ସଂକ୍ରମିତ ଥିବା ସୂଚନାରୁ ଜଣାପଡ଼ିଛି । ସେହିଭଳି ଚିହ୍ନଟ ଦେହଜୀବୀଙ୍କ ମଧ୍ୟରୁ ଶତକଡ଼ା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ବିବାହିତ ଥିବା ସୂଚନା ମିଳିଛି । ଏଭଳି ଦେହଜୀବୀଙ୍କ ପାଇଁ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମେତ ରାଜ୍ୟ ଏଡ଼ସ୍ ନିୟନ୍ତ୍ରଣ ସମିତିର ମିଳିତ ଆନୁକୂଲ୍ୟରେ ଓଡ଼ିଶାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କ ଦ୍ୱାରା ବହୁ ପ୍ରକଳ୍ପ କାର୍ଯ୍ୟକାରୀ ହାତକୁ ନିଆଯାଇଛି । ସେଥିମଧ୍ୟରୁ ଓଡ଼ିଶାରେ ପ୍ରାୟ ୪୦ଟି ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଅରୁଣା ଏନ୍‌ଜିଓ ଟାର୍ଗେଟେଡ୍ ଇଣ୍ଟରଭେନସନ୍ ନାମକ ଏକ ପ୍ରୋଜେକ୍ଟ ଜରିଆରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଅରୁଣା ଏନ୍‌ଜିଓ ନିର୍ଦ୍ଦେଶକ ଲୋକନାଥ ମିଶ୍ର କହିଛନ୍ତି । ଏଭଳି ଦେହଜୀବୀଙ୍କୁ ଚିହ୍ନଟ କରି ସେମାନଙ୍କ ବିଭିନ୍ନ ପରିସ୍ଥିତିକୁ ଅନୁଧ୍ୟାନ କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି । ଏବଂ ସୁରକ୍ଷିତ ଯୌନ ସମ୍ପର୍କ ଅଥବା ନିଜକୁ କିଭଳି ବିଭିନ୍ନ ସଂକ୍ରମଣ ରୋଗ ଠାରୁ ଦୂରେଇ ରଖାଯାଇପାରିବ ସେନେଇ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଏନ୍‌ଜିଓ ପକ୍ଷରୁ ସଚେତନ କରାଯାଇଥାଏ । ଏଥିସହିତ ଦେହଜୀବୀମାନେ ଯେକୌଣସି ପୁରୁଷଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସମୟରେ କଣ୍ଡମ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି । ଫଳରେ ଏଚ୍‌ଆଇଭି ରୋଗର ସଂଖ୍ୟା ହ୍ରାସ ପାଇବା ସହ ଦେହଜୀବୀମାନେ ଯେକୌଣସି ମାରାତ୍ମକ ରୋଗର ସଂକ୍ରମଣରୁ ରକ୍ଷା ପାଇପାରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ସେହିପରି ସାଧାରଣତଃ ଅଧିକାଂଶ ମହିଳା ଓ ଯୁବତୀ ପରିବାରର ଆର୍ଥିକ ଅଭାବକୁ ଦୂର କରିବା ନିମନ୍ତେ ଏଭଳି ବୃତ୍ତିକୁ ଆପଣାଉଥିବା ଜଣାପଡ଼ିଛି । ତେବେ ଏଭଳି ପରିବାର ଗୁଡ଼ିକୁ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଥିବା ନେଇ ସେମାନଙ୍କୁ ସଚେତନ କରାଇ ଏହାର ଲାଭ ଉଠାଇବାକୁ ମଧ୍ୟ କୁହାଯାଉଥିବା କହିଛନ୍ତି ଅରୁଣାର ନିର୍ଦ୍ଦେଶକ ଶ୍ରୀ ମିଶ୍ର ।

# ପୁରୀ ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଲା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ନିତି ଚାଲୁଥିବା ବେଳେ ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ସ୍ୱତନ୍ତ୍ର ରିଲିଫ କମିସନର (ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଆଉ ଦୁଇ ଜଣଙ୍କର ମୃତ୍ୟୁ ହେବାପରେ ଏହି ବାଣ ବିସ୍ଫୋରଣ ଘଟଣାରେ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି । ମୃତ୍ୟୁ ସଂଖ୍ୟା ୯ ଥିବାବେଳେ ରବିବାର ସକାଳେ ଆଉ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଥିଲା । ସନ୍ଧ୍ୟାରେ ଏହି ଦୁର୍ଘଟଣାରେ ଆଉ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି । ମୃତକଙ୍କ ପରିବାରକୁ ଜିଲ୍ଲାପାଳ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି । ଅନ୍ୟ ୧୭ ଜଣ ଚିକିତ୍ସାଧୀନ ଅଛନ୍ତି । ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ, ଗତ ବୁଧବାର (ମେ' ୨୯ ତାରିଖ) ପୁରୀରେ ନରେନ୍ଦ୍ର ପୁଷ୍କରିଣୀ ମହାପ୍ରଭୁଙ୍କ ଚାପ ଖେଳ ବେଳେ ବାଣ ବିସ୍ଫୋରଣ ଘଟିଥିଲା । ଏଥିରେ ପ୍ରାୟ ୪୦ ଜଣ ଆହତ ହୋଇଥିଲେ । ଯେଉଁମାନଙ୍କର ସ୍ଥିତି ଗୁରୁତର ଥିଲା, ସେମାନଙ୍କୁ କଟକ ଓ ଭୁବନେଶ୍ୱରର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସାମାନ୍ୟ ଆହତ ଥିବା ଲୋକଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ସୁବିଧା ଦିଆଯାଇଥିଲା । ଅନ୍ୟପଟରେ ପୁରୀ ବାଣ ବିସ୍ଫୋରଣ ଘଟଣାରେ ବାଣ ବ୍ୟବସାୟୀଙ୍କୁ ପୁଲିସ ଅଟକ ରଖିଛି । ନିମାପଡ଼ା ଚାରିଛକ ଅଞ୍ଚଳର ଜଣେ ବାଣ ବ୍ୟବସାୟୀ ଅଟକ ଅଛନ୍ତି । ବାଣ ବ୍ୟବସାୟୀକୁ ଅଟକ ରଖି ପୁରୀ ପୁଲିସର ପଚରାଉଚରା କରୁଛି ।

# ସୋଆ ଏସ୍‌ଏଚ୍‌ଏମ୍‌ରେ ମହିଳାଙ୍କ ନିମନ୍ତେ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ କୁକ୍' ଆରମ୍ଭ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖାଦ୍ୟ ରନ୍ଧନ ଖୁବ୍ ଭଲ ଅନୁଭବ ଏବଂ ମା'ର ହାତ ରନ୍ଧାର ତୁଳନା ନାହିଁ। ଘରର ମହିଳାଟି ଯେଉଁ ଶ୍ରଦ୍ଧାରେ ଖାଦ୍ୟ ରାନ୍ଧିକି ଦିଏ ତାହାର ସ୍ୱାଦ ଖୁବ୍ ନିଆରା । କେବଳ ଖାଦ୍ୟ ସୁସ୍ୱାଦ ହେବା ଜରୁରୀ ନୁହେଁ ସେତିକି ଶରୀର ପାଇଁ ସ୍ୱାସ୍ଥ୍ୟକର ହେବା ଜରୁରୀ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ସୋମବାର ମହିଳାମାନଙ୍କ ନିମନ୍ତେ ଆରମ୍ଭ ହୋଇଥିବା ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ କୁକ୍' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛପନ ଭୋଗର ପ୍ରତିଷ୍ଠାତା ସତ୍ୟବ୍ରତ ମହାନ୍ତି କହିଛନ୍ତି । କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେବା ଅବସରରେ ଦୁଇ ସପ୍ତାହବ୍ୟାପୀ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହିଳାମାନେ କିଭଳି ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିପାରିବେ ଓ ଠିକ୍ ଭାବେ ପରଷି ପାରିବେ ତାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି । ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି । ଏଭଳି କାର୍ଯ୍ୟକ୍ରମ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବା ସହିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଆମ ଖାଦ୍ୟ ଯେତିକି ପୁଷ୍ଟିକର ହେବ ତାହା ଆଗାମୀ ପିଢିମାନଙ୍କୁ ବଞ୍ଚେଇ ପାରିବ । ଅନେକ ମହିଳା ଘରେ କ୍ଲାଉଡ କିଚେନ୍ ଆରମ୍ଭ କରିଥିବା ପ୍ରକାଶ କହିଥିଲେ । ତେଣୁ ଏଭଳି କାର୍ଯ୍ୟକ୍ରମ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବ ବୋଲି ଶ୍ରୀ ମହାନ୍ତି ଏହି ଅବସରରେ କହିଛନ୍ତି । ଏସ୍‌ଏଚ୍‌ଏମ୍‌ର ପ୍ରଫେସର (ଡକ୍ଟର) ଅଂଶୁମାନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସୁସ୍ୱାଦୁକର ଭାରତୀୟ ବ୍ୟଞ୍ଜନ, ପୁଷ୍ଟିକର କନ୍‌ଟିନେଣ୍ଟାଲ୍ ବ୍ୟଞ୍ଜନ ଓ ବିଭିନ୍ନ ପ୍ରକାରର ମକ୍‌ଟେଲ୍ ପ୍ରସ୍ତୁତିର ପ୍ରଶିକ୍ଷଣ ଦିଆଯିବ । ପ୍ରତ୍ୟେକ ଦିନ ୨ଟାରୁ ୫ଟା ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ ।

# ହାତୀ ଆକ୍ରମଣରେ ଛାତ୍ରୀ ଗୁରୁତର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ହାତୀ ଆକ୍ରମଣରେ ଛାତ୍ରୀ ଗୁରୁତର । କୁଳଡିହା ଅଭୟାରଣ୍ୟର ହାତୀ ଆକ୍ରମଣରେ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି । ଛାତ୍ରୀଙ୍କୁ ଉଦ୍ଧାର ପରେ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଗୁରୁତର ଛାତ୍ରୀ ଜଣକ ହେଲେ ବରହମପୁର ଥାନା କେସିପୁର ପଞ୍ଚାୟତ ଟୁଲୁଙ୍କଡା ଗ୍ରାମର ସତ୍ୟ ପଲେଇଙ୍କ ନାବାଳିକା ଅନୁସୟା । ଅନୁସୟା ଘର ପାଖ ପଡିଆକୁ ଭୋର୍‌ରେ ଶୌଚ ପାଇଁ ଯିବା ସମୟରେ ହାତୀ ଆକ୍ରମଣ କରିଥିଲା ।





# ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ ଘଟଣାରେ ୧୦ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଚଳିତ ନିର୍ବାଚନ ସମୟରେ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଏବଂ ତାଙ୍କର ୩ ସହଯୋଗୀ ମାନଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା ବିଚଳିତ କରିଛି ଗୃହ ବିଭାଗକୁ । ରାଜ୍ୟ ଗୃହ ବିଭାଗ ଡିଜିଙ୍କ ନିର୍ଦ୍ଦେଶରେ ସମସ୍ତ ଆକ୍ରମଣକାରୀ ମାନଙ୍କୁ ତୁରନ୍ତ ଗିରଫ କରିବାକୁ ଭଦ୍ରକ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଘଟଣାରେ ବାଂଶଡା ଥାନାଧିକାରୀ ପ୍ରିୟାପ୍ରିତୀ ତୋଷଣ କରି ମୁଖ୍ୟ ଆସାମୀ ମାନଙ୍କୁ ଗିରଫ କରୁନଥିବା ବେଳେ କେବଳ ଅନ୍ୟମାନଙ୍କ ତାଲିକା ଭୁକ୍ତ ହୋଇଥିବା ଆସାମୀ ମାନଙ୍କୁ ଗିରଫ କରୁଛି ବୋଲି ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ବାଂଶଡା ଥାନାଧିକାରୀ ଗତ ୨୯ ତାରିଖ ଦିନ ୫ ଅଭିଯୁକ୍ତ ମାଧବ ମଣ୍ଡଳ (୪୪), ଗୁନାଧର ପଣ୍ଡିତ (୬୨), ରବିନ୍ଦ୍ର ମାଝୀ (୩୬), ଅରୁଣ ମାଝୀ (୩୫) ଏବଂ ବିନ୍ଦୁ ସାଗର ଦାସ (୩୬)କୁ ଗିରଫ କରି ରାତି ଅଧିଆ କୋର୍ଟ ଚାଲାଣ କରିଥିଲେ । ପରେ ଏହି ଘଟଣାକୁ ନେଇ ବିଜେପି ଭୁବନେଶ୍ୱର ଠାରେ ଗୃହ ବିଭାଗ ଡିଜି ଅଫିସ ଘେରାଉ କରିବ ବୋଲି ଚେତାବନୀ ଦେଇଥିଲା । ଇତି ମଧ୍ୟରେ ବିଳମ୍ବିତ ରାତିରେ ବାଂଶଡା ଥାନାଧିକାରୀ ଆକାଶ ବାରିକ (୨୨), ଅରୁଣ ମହାନ୍ତି (୨୭), ଅଲେଖ ମଣ୍ଡଳ (୪୦), ପ୍ରଦ୍ୱୀପ ମଣ୍ଡଳ ଏବଂ ରଶ୍ମିକାନ୍ତ ଭଳ (୪୫)କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବିଜେପି ପକ୍ଷରୁ ଅଭିଯୋଗ ହୋଇଛି ଏହି ଘଟଣାରେ ସଂପୃକ୍ତ ଅଭିଯୋଗକାରୀ ମାନଙ୍କୁ ବାଂଶଡା ଥାନାଧିକାରୀ ଘଣ୍ଟ ଘୋଡାଇ ଚାଲିଛନ୍ତି । ଫଳରେ ସଂପୃକ୍ତ ମୁଖ୍ୟ ଆସାମୀମାନେ ରାଜ ରାସ୍ତାରେ ବୁଲୁଥିବା ବେଳେ ସେମାନଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି । ଏହି ଆକ୍ରମଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ତଥା ମାଷ୍ଟର ମାଇଣ୍ଡ କୁହାଯାଉଥିବା ପ୍ରାଥମିକ ଶିକ୍ଷକତା କରି ଜୀବିକା ନିର୍ବାହ କରୁଥିବା ତଥା ନେତାଗିରି କରୁଥିବା ଶିକ୍ଷକ ନେତା ମନୋରଞ୍ଜନ ମହାନ୍ତି, ଅକ୍ଷୟ ନାୟକ, ପ୍ରମୋଦ କୁମାର ନାୟକ, ସୁଦର୍ଶନ ମଲିକ ଏବଂ ମଣ୍ଟୁ ନାୟକ ନାମରେ ଏତଲା କଟାଯାଇଥିବା ବେଳେ ଏବଂ ଏମାନେ ମୁଖ୍ୟ ଅଭିଯୁକ୍ତ ଭାବେ ଏତଲାକାରୀ ଦର୍ଶାଇଥିବା ବେଳେ ବାଂଶଡା ଥାନାଧିକାରୀ ଏମାନଙ୍କୁ ଗିରଫ ନକରି କେବଳ ଅନ୍ୟମାନଙ୍କର ନାମ ଦର୍ଶାଯାଇନଥିବା ବେଳେ ସେମାନଙ୍କୁ ଗିରଫ କରିଛି । ଏହାଫଳରେ ପୁଲିସ ପ୍ରଶାସନ ଜାଣି ଶୁଣି ସମସ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଖସାଇବାକୁ ଉଦ୍ୟମ କରୁଛି । ମାତ୍ର ଏହାର ବଦଳରେ ବିଜେପି ପୁନଶ୍ଚ ରାଜରାସ୍ତାକୁ ଓହ୍ଲାଇବା ସହ ଦରକାର ପଡିଲେ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି । ତୁରନ୍ତ ଏହି ଆସାମୀ ମାନଙ୍କୁ ଗିରଫ କରିବାକୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ନିଜର ପ୍ରତିକ୍ରିୟା ରଖିଛନ୍ତି ।

# ମହିଳାଙ୍କ ଜୀବନ ଶୈଳୀ ସଂଜାତ ପୀଡ଼ା ସମ୍ପର୍କିତ ଆଲୋଚନା ଚକ୍ର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପୁରୁଷଙ୍କ ଅପେକ୍ଷା ମହିଳା ମାନଙ୍କ ଠାରେ ଜୀବନ ଶୈଳୀ ସଂଜାତ ପୀଡା ଅଧିକ ପ୍ରକାଶ ପାଇଥାଏ । ଗୃହକର୍ମର ଚାପ ଓ ବୟସର ଅଭିବୃଦ୍ଧି ସହ ସ୍ନାୟୁ ଓ ଅସ୍ଥିଗତ ସମସ୍ୟା ଭୋଗ କରିଥାନ୍ତି । ଏହି ବର୍ଗର ମହିଳା ମାନଙ୍କୁ ସଚେତନ କରିବା ପାଇଁ ପୁନର୍ବାସ ପକ୍ଷରୁ ପୌରାଞ୍ଚଳର ମାଧପୁର ସ୍ଥିତ ଥେରାପି କେନ୍ଦ୍ରରେ ଏକ ଆଲୋଚନା ଚକ୍ର ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ଼ଃ ବିରଜା ପ୍ରସାଦ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଥେରାପିଷ୍ଟ ଗୁନସ୍ମିତା ବେହେରା ଓ ଫିଜିଓ ଥେରାପିଷ୍ଟ ଚନ୍ଦନ ଜେନା ବିଶଦ ଭାବେ ତଥ୍ୟ ଉପସ୍ଥାପନ କରିଥିଲେ । ଆଲୋଚନାରେ ସୁନାମଧନ୍ୟ ଡାକ୍ତର ବିଶ୍ୱ ପ୍ରକାଶ କାନୁନ୍‌ଗୋ, ଡାକ୍ତର ସ୍ନେହଲତା କାନୁନ୍‌ଗୋ, ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଅଧିକାରିଣୀ ପୁଷ୍ପାଞ୍ଜଳୀ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ସ୍ଥାନୀୟ ୱାର୍ଡ କାଉନସିଲର ରଶ୍ମିତା ସିଂହ, କବୟତ୍ରୀ ନବଜ୍ୟୋତି ରାୟ, ଅମରିନ ସାହାଦାତ୍ ପ୍ରମୁଖ ଉପସ୍ଥିତ ରହି କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ଏହା ଏକ ପ୍ରମୁଖ ସମସ୍ୟା ବୋଲି ମତବ୍ୟକ୍ତ କରିଥିଲେ । ଏଥି ନିମନ୍ତେ ସଚେତନତା ହେବା ସହ ଆଧୁନିକ ଥେରାପି ସେବା ଫଳପ୍ରଦ ବୋଲି ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ମତ ଦେଇଥିଲେ । ଆଲେଚନା ଚକ୍ରକୁ ସଂଯୋଜକ ସଂଜୀବ ଜେନା, ସଭ୍ୟ ବଂଶୀଧର ମହାନ୍ତି, ସଂଗ୍ରାମ ଚୌଧୁରୀ, ଜ୍ୟୋତି ରଞ୍ଜନ ନାୟକ, ମହମ୍ମଦ ଜାହିଦ୍ ଖାନ ପ୍ରମୁଖ ପରିଚାଳନା କରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୫।୬।୨୦୨୪, ଜ୍ୟେଷ୍ଠ ଦି୨୩ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୦୫।୦୭।୨୦ **ଚନ୍ଦ୍ରୋଦୟ-** ନିଘ ୦୪।୩୧।୨୨

ଚତୁର୍ଦ୍ଦଶୀ- ରାଘ ୭।୫୫ ପର୍ଯ୍ୟନ୍ତ । କୃତିକା ନକ୍ଷତ୍ର- ରାଘ ୯।୧୭ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି –** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୭।୫୫ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୪୯ ଗତେ ଘ୮।୨୮ ମଧ୍ୟେ । ଦିଘ ୧।୫୭ ଗତେ ଘ ୫।୨୭ ମଧ୍ୟେ । **ପର୍ବୋତ୍ସବ –** ଶିବୋପାସ ବେଢ଼ା ପରିକ୍ରମା, ନିଶାପାଳନ, ନଷ୍ଟ ଚନ୍ଦ୍ରୋପବାସ ।

**ମେଷ:** ବ୍ୟାକୁଳିତ ହେବେ । ତଥାପି କୌଣସି କାର୍ଯ୍ୟ କରିବା କଷ୍ଟସାଧ୍ୟ । ପରିବାରରେ ଅଯଥା ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ । ଆୟ ଓ ବ୍ୟୟ ସମାନ ରହିବ । ଦୂର ଯାତ୍ରା କରିପାରନ୍ତି ।

**ବୃଷ:** ପର ଉପକାର କରି ଆନନ୍ଦିତ ଅନୁଭବ କରିବେ । ବହୁ ଜନ ପ୍ରଶଂସିତ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । କୌଣସି ନୂତନ କାର୍ଯ୍ୟରେ ମନ ନିବେଶ କରିବେ । ଗୃହେ ଶାନ୍ତି ଲାଭ ।

**ମିଥୁନ:** ମନରେ ସରସତା ଆସିବ । କିନ୍ତୁ ଅପରାହ୍ନେ ଦୁର୍ଶ୍ଚିନ୍ତାର ପରିମାଣ ବଢ଼ିବ । ଆୟ ଠାରୁ ବ୍ୟୟର ପରିମାଣ ସମାନ ରହିବ । ଦେହ ଭଲ ରହିବ । ପରିବାରରେ ସୁଖ ଶାନ୍ତି ମିଳିବ । ଦେହ ଭଲ ରହିବ ।

**କର୍କଟ:** ପାରିବାରିକ ସୁଖ ଶାନ୍ତି ଲାଭ କରିବେ । ଦୂରଯାତ୍ରା କରିପାରନ୍ତି । ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଆୟ ବୃଦ୍ଧି ହେବ । କର୍ମକ୍ଷେତ୍ରରେ ସଫଳତା ଦେଖାଦେବାର ସୂଚନା । ବନ୍ଧୁ ଦର୍ଶନ ।

**ସିଂହ:** କାର୍ଯ୍ୟକ୍ଷେତ୍ରରେ ସହଯୋଗ ଲାଭ ହେବ । ବାକିଥିବା କାର୍ଯ୍ୟରେ ଅଗ୍ରଗତି ଦେଖାଦେବ । ସର୍ବଦା କର୍ମଚଞ୍ଚଳ ରହିବେ । ରୋଜଗାର ବଢ଼ିବ । ଘରେ ସମସ୍ତେ ଖୁସିରେ ରହିବେ । ମହିଳାମାନେ ସୁଖୀ ହେବେ ।

**କନ୍ୟା:** ହିସାବ ପତ୍ର କାମରେ ନିଜକୁ ନିୟୋଜିତ କରିବେ । ପଠନ ଲିଖନ ପରି ପରିସ୍ଥିତି ସୃଷ୍ଟି ହେବ । ପାରିବାରିକ ସହଯୋଗ ମିଳିବ । ଆୟରେ ଅଗ୍ରଗତି ହେବ । ବନ୍ଧୁ ସହଯୋଗ ମଧ୍ୟ ପ୍ରାପ୍ତ ହେବ ।

**ତୁଳା:** ସମସ୍ତଙ୍କ ପ୍ରିୟପାତ୍ର ହେବେ । ପ୍ରଶଂସା ଲାଭ ହେବ । ପାରିବାରିକ ସହଯୋଗ ମିଳିବ । ରୋଜଗାର ଭଲ ହେବ । ପରିଶ୍ରମ କଷ୍ଟ ଅଧିକ ହେଲେ ବି ପ୍ରାଧାନ୍ୟତା ବୃଦ୍ଧି ପାଇବ । ମନ ଖୁସି ରହିବ ।

**ବିଛା:** ପାରିବାରିକ ଜଞ୍ଜାଳ ଦେଖାଦେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମନରେ ବିରକ୍ତି ପ୍ରକାଶ ପାଇବ । ଦୁଶ୍ଚିନ୍ତା ବଢ଼ିବାର ସୂଚନା । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ଶରୀର ଅସୁସ୍ଥ ରହିବ ।

**ଧନୁ:** ମନୋବଳ ଦୃଢ଼ ହେବ । ସବୁ କାମକୁ ଆଗ୍ରହ ସହକାରେ କରିବେ । ଆୟ ଭଲ ହେବ । ଘରୋଇ ସହଯୋଗ ବୃଦ୍ଧି । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କଥାର ମୂଲ୍ୟ ବଢ଼ିବ । ଦେହ ଭଲ ରହିବ ।

**ମକର:** ଆଜି ଆପଣ ଜଗିରଖି ଚଳିବେ । ନଚେତ୍ ସମ୍ମାନହାନୀ ଘଟିପାରେ । ସହକର୍ମୀ ସହଯୋଗ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଆଶ୍ୱସ୍ତି ଲାଭ ହେବ । ମହିଳାମାନେ ଗର୍ବୀ ହେବେ ।

**କୁମ୍ଭ:** କଥା ଦେଇଥିବା ବନ୍ଧୁଟି ଆପଣଙ୍କୁ ଠକିବା ପାଇଁ ଚେଷ୍ଟା କରିବେ । ପ୍ରତାରିତ ହେବାର ଆଶଙ୍କା । ଏଣୁ ସରଳତା ପରିହାର କଲେ ଭଲ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ଘରେ ଆନନ୍ଦ ଦେଖାଦେବ ।

**ମୀନ:** କର୍ମକ୍ଷେତ୍ରରେ ପରିଶ୍ରମର ପରିମାଣ ବୃଦ୍ଧି ହେବ । ଆଶାନୁରୂପ ଫଳ ମିଳିବ ନାହିଁ । ପାରିବାରିକ ଶାନ୍ତି ଲାଭ । ରୋଜଗାର ଭଲ ହେବ । ମହିଳାମାନେ ସୁଖୀ ହେବେ । ଦେହ ଭଲ ରହିବାର ସୂଚନା ।

# ପଳାସପୁରରେ ପାନୀୟ ଜଳ ସମସ୍ୟା:ପ୍ରତିବାଦରେ ରାସ୍ତାରୋକ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପଳାସପୁରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି । ପାଣି ଟୋପାଏ ପାଇଁ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏଥିପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଯାହାର ପ୍ରତିବାଦରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଗରା ବାଲ୍‌ଟି ରଖି ପଳାସପୁର ଛକରେ ରାସ୍ତାରୋକ କରିଛନ୍ତି । ଫଳରେ ସାନଖେମୁଣ୍ଡି-ଆସିକା ମଧ୍ୟରେ ଯାନବାହନ ଚଳାଚଳ ବ୍ୟାହତ ହୋଇଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୧ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୫, କଳିଯୁଗାବ୍ଦାଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୭ଙ୍କ

**ତା୬।୬।୨୦୨୪, ଜ୍ୟେଷ୍ଠ ଦି୨୪ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୦୫।୦୭।୧୯ **ଚନ୍ଦ୍ରୋଦୟ- ନାସ୍ତି**

ଅମାବାସ୍ୟା- ସଂଘ ୬।୦୮ ପର୍ଯ୍ୟନ୍ତ । ରୋହିଣୀ ନକ୍ଷତ୍ର- ରାଘ ୮।୧୯ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି –** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ସଂଘ ୬।୦୮ ପରେ ପାଣି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଘ୬।୦୩ ମଧ୍ୟେ । ଦିଘ ୯।୩୩ ଗତେ ଘ ୧୧।୧୯ ମଧ୍ୟେ । **ପର୍ବୋତ୍ସବ –** ଜ୍ୟେଷ୍ଠ ଅମାବାସ୍ୟା, ସାବିତ୍ରୀ ବ୍ରତ ।

ସମ୍ପାଦକୀୟ

30 YEARS ସମ୍ବାଦ କଳିକା

# ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ

ଭାରତୀୟ ଅର୍ଥନୀତିର ଭବିଷ୍ୟତ ବେଶ ଉଜ୍ଜ୍ୱଳ ଥିଲେ ମଧ୍ୟ ଚୀନ୍ ଅତୀତରେ ଯେଉଳି ଲମ୍ବା ସମୟ ପର୍ଯ୍ୟନ୍ତ ଉଚ୍ଚ ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି । ମର୍ଗାନ୍ ଷ୍ଟାନ୍‌ଲିର ଏସିଆ ମୁଖ୍ୟ ଅର୍ଥନୀତିଜ୍ଞ ଚେତନ ଆହ୍ୟା ଏହା କହିଛନ୍ତି । ସେ କହିଛନ୍ତି ଯେ ଲମ୍ବା ସମୟ ଭିତ୍ତିରେ ଭାରତ ୬.୫ ପ୍ରତିଶତରୁ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିପାରିବ । କିନ୍ତୁ ୧୯୭୮ର ଅର୍ଥନୈତିକ ସଂସ୍କାର ପରେ ଚୀନ୍ ଯେଉଳି ତିନି ଦଶନ୍ଧି ଧରି ୮-୧୦% ଅଭିବୃଦ୍ଧି ହାସଲ କରିଥିଲା, ଭାରତ ତାହାର ସମକକ୍ଷ ହୋଇପାରିବନି । ବିଶ୍ୱର ମାନୁଫାକ୍ଚରିଂ ହବ୍ ଭାବେ ଚୀନର ସ୍ଥାନ ନେବାଠାରୁ ଭାରତ ବହୁ ଦୂରରେ ରହିଥିବା ସେ କହିଛନ୍ତି । ଆହ୍ୟାଙ୍କ ମତରେ ଭାରତର ଅଭିବୃଦ୍ଧିରେ ରହିଥିବା ଦୁଇଟି ବଡ଼ ପ୍ରତିବନ୍ଧକ ହେଉଛି ଭିତ୍ତିଭୂମିର ଅଭାବ ଓ ଅଳ୍ପ କୁଶଳୀ ଶ୍ରମଶକ୍ତି । ଏହି ଦୁଇ ବଡ଼ କାରଣ ପାଇଁ ଭାରତର ଅଭିବୃଦ୍ଧି ୬-୭% ମଧ୍ୟରେ ରହିଯିବ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ
ପ୍ରଥମ ଅଧ୍ୟାୟ
ମା ।

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

# ବ୍ରଜ ପରିକ୍ରମା


ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଯମୁନା କୂଳରେ ରହିଛି ରାମଘାଟ । ପ୍ରଭୁ ବଳରାମ ପିତାମାତାଙ୍କ ଦର୍ଶନ ନିମନ୍ତେ ଦ୍ୱାରକାରୁ ଗୋକୁଳକୁ ଫେରି ଆସି ଗୋପୀମାନଙ୍କ ଗହଣରେ ଏହିଠାରେ ହିଁ ରାସକ୍ରୀଡ଼ା କରିବାକୁ ମନସ୍ଥ କରିଥିଲେ । ମାତ୍ର ଏପରି ରାସକ୍ରୀଡ଼ା କରିବା ପାଇଁ ଯମୁନା ଅରାଜି ହେବାରୁ କ୍ଷଣକୋପୀ ବଳରାମ ଯମୁନାର ବକ୍ଷକୁ ତାଙ୍କ ଆୟୁଧ ଲଙ୍ଗଳ ମୁନରେ ବିଦୀର୍ଣ୍ଣ କରିଦେଇଥିଲେ । ମାତ୍ର ମହାକବି ଶ୍ରୀଜୟଦେବଙ୍କ ଶ୍ରୀଗୀତଗୋବିନ୍ଦର ବଳରାମ ଅବତାର ବର୍ଣ୍ଣନାରେ ଏହାର ରହିଛି ବ୍ୟତିକ୍ରମ । ଏଠାରେ ଯମୁନାର ଜଳସ୍ରୋତ ଉଜାଣି ବୋହିଥାଏ ଓ ପୂର୍ଣ୍ଣମୀର ଚନ୍ଦ୍ର କିରଣରେ ତାହାର ମନଲୋଭା ଶୋଭା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରେ । ଏହା ନିକଟରେ ରହିଛି ଶ୍ରୀବଳରାମ ବା ଦାଉଜୀଙ୍କ ମନ୍ଦିର । ମନ୍ଦିର ବେଢ଼ାରେ ଲଡୁଗୋପାଳଙ୍କ ବିଗ୍ରହ ପୂଜା ପାଉଛନ୍ତି । ଏହି ସ୍ଥାନ ଦ୍ୱାପର ଯୁଗରେ ବଳରାମଙ୍କ ରାସକ୍ରୀଡ଼ାର କେନ୍ଦ୍ର ଥିଲା ବୋଲି କୁହାଯାଏ । ଏହାର ଦୁଇ କିଲୋମିଟର ଦୂରରେ ରହିଛି ବିହାରବନ । ଏଠାରେ ଅଗଣିତ ପଶୁ ଓ ପକ୍ଷୀ ନିର୍ଭୟରେ ବୁଲୁଥାନ୍ତି । ଏହାର ପ୍ରାକୃତିକ ଶୋଭା ମହାପ୍ରଭୁଙ୍କୁ ସର୍ବଦା ଆକୃଷ୍ଟ କରୁଥିଲା ବୋଲି କିମ୍ବଦନ୍ତୀ ପ୍ରଚଳିତ । ସେଥିପାଇଁ ତାହାର ନାମ ବିହାରବନ ରହିଛି । କଥିତ ଅଛି ଶ୍ରୀରାଧାରାଣୀ ଏହି ବନର ଶୋଭାକୁ ଭୁଲି ନପାରି ପ୍ରତ୍ୟହ ଏଠାରେ ବିଚରଣ କରିଥାନ୍ତି । ବନସ୍ଥଳୀ ମଧ୍ୟରେ ରହିଛି ଏକ ଗୋଶାଳା । ଭକ୍ତମାନଙ୍କର ଦାନରେ ଏହା ପରିଚାଳିତ । ପୁଣି ଏହି ବନ ମଧ୍ୟରେ ରହିଛି ବିହାରକୁଣ୍ଡ । ପ୍ରଭୁ ଏହି କୁଣ୍ଡରେ ଜଳକ୍ରୀଡ଼ା କରୁଥିବାର କିମ୍ବଦନ୍ତୀ ଅଛି । ଏହି ବିହାରକୁଣ୍ଡକୁ ଲାଗି ଶ୍ରୀକୁଞ୍ଜବିହାରୀ, ଶ୍ରୀବାଙ୍କେବିହାରୀ, ଶ୍ରୀରାସବିହାରୀ ଓ ଶ୍ରୀବନବିହାରୀଙ୍କ ମନ୍ଦିରମାନ ରହିଛି । ଏଠାରେ ପୂଜିତ ରାଧାକୃଷ୍ଣଙ୍କର ଯୁଗଳ ପାଷାଣ ମୂର୍ତ୍ତି ଅତ୍ୟନ୍ତ ଆକର୍ଷଣୀୟ । ପଥର ଚଉତରା ଘେରାଯାଇଥିବା ଗୋଟିଏ କଦମ୍ବ ଗଛରେ ପ୍ରଭୁ ରାସକ୍ରୀଡ଼ା କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଥାନ୍ତି । ଏଠାରେ କେତେକ ଲୋକଙ୍କୁ ଦେଖିବାକୁ ମିଳେ ଯେଉଁମାନେ ନନ୍ଦ ମହାରାଜାଙ୍କ ବଂଶଧର ବୋଲି ପରିଚୟ ଦେଇଥାନ୍ତି । ବିହାରବନ ପାର ହେବା ପରେ ପଡ଼େ ରାଜଘାଟ ଗ୍ରାମ । ଏଠାରେ ପଞ୍ଜାବରୁ କେତେକ ପଞ୍ଜାବୀ ଚାଷୀ ଆସି ରହିଛନ୍ତି । ତାହା ସହ ବହୁ ସାପୁଆ କେଳା ସାପ ଧରି ସେମାନଙ୍କର ଜୀବିକା ନିର୍ବାହ କରିଥାନ୍ତି । ଏଠାରେ ରହିଛି ଶ୍ରୀରାଧାକୃଷ୍ଣଙ୍କ ମନ୍ଦିର । ନିକଟରେ ଥିବା ଗୋଟିଏ ଛୋଟ ବଟବୃକ୍ଷକୁ ଅକ୍ଷୟବଟ କୁହାଯାଏ । ଏହାର କିଛି ଦୂରରେ ପଡ଼େ ଯମୁନା କୂଳରେ ଥିବା ବିହାରୀଙ୍କ ମନ୍ଦିର । ଏଠାକୁ ଘେରି ରହିଥିବା ତପୋବନରେ ଗୋପକନ୍ୟାମାନେ ଶ୍ରୀକୃଷ୍ଣଙ୍କୁ ପାଇବା ନିମନ୍ତେ ଗୌରୀଙ୍କୁ ଆରାଧନା କରିଥିଲେ । ଏହା ବି ଶ୍ରୀମଦ୍‌ଭାଗବତର ୧୦।୨୨।୪ରେ ଉଲ୍ଲେଖ ରହିଛି । ଏହି କାତ୍ୟାୟିନୀ ବା ଗୌରୀଙ୍କୁ ପ୍ରାର୍ଥନା କରିବା ଫଳରେ ଗୋପୀମାନେ ପ୍ରଭୁଙ୍କୁ ପାଇଥିଲେ । ବରଦାନ ପାଇବା ପରେ ଗୋପୀମାନେ ଉଲ୍ଲସିତ ହୋଇ ଯେଉଁଠାରେ ସ୍ନାନ କରୁଥିଲେ ତାହାର ନାମ ହୋଇଛି ଗୋପୀଘାଟ । ଗୋପୀଘାଟ ପରେ ପଡ଼େ ଯମୁନା କୂଳର ଚୀରଘାଟ । ଏଠାରେ ମହାପ୍ରଭୁ ଗୋପୀମାନଙ୍କର ବସ୍ତ୍ରହରଣ କରିଥିବାର କିମ୍ବଦନ୍ତୀ ପ୍ରଚଳିତ ଅଛି । ଏଠାରେ ଯମୁନାର ବାଲି ଶୁଭ୍ର ଅଭ୍ର କଣିକା ଭଳି ଦେଖାଯାଏ ଓ ସୂର୍ଯ୍ୟକିରଣରେ ତାହା ସବୁ ଚିକ୍‌ଚିକ୍ କରୁଥାନ୍ତି । ଏବେ ବି ବହୁ ପୁରୁଣା କଦମ୍ବଗଛମାନ ସେଠାରେ ରହିଛି । ଏହି କଦମ୍ବବନ ମଧ୍ୟରେ ରହିଛି କାତ୍ୟାୟିନୀ ଠାକୁରାଣୀଙ୍କ ମନ୍ଦିର । ଯେଉଁ କଦମ୍ବଗଛ ଉପରେ ବସି ରହି ପ୍ରଭୁ ଗୋପ କନ୍ୟାମାନଙ୍କର ଲୁଗା ନେଇ ଯାଇଥିଲେ ଓ ସେହି ଗଛକୁ ଏବେ ସ୍ଥାନୀୟ ଲୋକେ ଚିହ୍ନାଇ ଦେଇଥାନ୍ତି । କାତ୍ୟାୟିନୀଙ୍କ ମନ୍ଦିର ନିକଟରେ ରହିଛି ଏକ କ୍ଷୁଦ୍ର ଜନବସତି । ଚୀରଘାଟର ପଶ୍ଚିମ ଦିଗକୁ ପଡ଼େ ରୋଲ ଗ୍ରାମ । ରୋଲ ପରେ ଦେହଗ୍ରାମ । ଯେଉଁଠାରେ ନନ୍ଦ ମହାରାଜା ଓ ଯଶୋଦା ରାଣୀଙ୍କର ବିଗ୍ରହ ପୂଜା ପାଉଛନ୍ତି । ପ୍ରଭୁ ଏଠାରେ ନିଜର ମାତାପିତାଙ୍କୁ ବସାଇ ରାସକ୍ରୀଡ଼ା କରିବା ପାଇଁ ଚାଲି ଯାଇଥିଲେ । ଏହାର ପୂର୍ବକୁ ଅଛି ନନ୍ଦଘାଟ । ଯେଉଁଠି ନନ୍ଦ ମହାରାଜା ରାତ୍ରୀରେ ସ୍ନାନ କରୁଥିବା ସମୟରେ ବରୁଣଙ୍କ ଅନୁଚରମାନେ ତାଙ୍କୁ ଧରି ନେଇଥିଲେ ଏବଂ ପରେ ପ୍ରଭୁ ନିଜ ପିତା ନନ୍ଦଙ୍କୁ ବରୁଣାଳୟରୁ ଫେରାଇ ଆଣିଥିଲେ । ଯମୁନାର ଆରପାରିରେ ରହିଛି ଭଦ୍ରବନ । ଏଠାରେ ଯମୁନା ଅତି ସଂକୀର୍ଣ୍ଣ ଏବଂ ଗଭୀର । ଏହି ଭଦ୍ରବନରେ ଭୂମାସୁରକୁ ପ୍ରଭୁ ବଧ କରିଥିଲେ ଏବଂ ପ୍ରାୟଶ୍ଚିତ ନିମନ୍ତେ ନିଜେ କ୍ଷୌର ହୋଇଥିଲେ । କ୍ଷୌରର ଅର୍ଥ ଭଦ୍ର । ତେଣୁ ଏହାର ନାମ ଭଦ୍ରବନ ହୋଇଛି । ଏଠାରେ ମଧ୍ୟ ଶିବଙ୍କର ମନ୍ଦିର ରହିଛି । ଭଦ୍ରବନଠାରୁ ଦକ୍ଷିଣକୁ ଗଲେ ପଡ଼େ ଭାଣ୍ଡୀରବନ । ଏଠାରେ ରହିଛି ଶ୍ରୀବାସୁଦେବଙ୍କ ମନ୍ଦିର । ଏହି ମୂର୍ତ୍ତିକୁ ଦର୍ଶନ କଲେ ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ ବୋଲି କୁହାଯାଏ । ରାଧାକୃଷ୍ଣଙ୍କ ବିବାହ ଏହି ଭାଣ୍ଡୀରବନରେ ଗାନ୍ଧର୍ବ ମତରେ ହୋଇଥିଲା ବୋଲି କୁହାଯାଏ । ସେହି ବିବାହର ସ୍ମାରକୀ ରୂପେ ଏଠାରେ ବିବାହର ମୁକୁଟ ବେଦୀ ରହିଛି । ଏଠାର ମନ୍ଦିରରେ ଶ୍ରୀରାଧାକୃଷ୍ଣଙ୍କ ମୂର୍ତ୍ତି ପୂଜା ପାଇଥାନ୍ତି ଯାହାକୁ କି ଭାଣ୍ଡୀରବିହାରୀ କହନ୍ତି । ମନ୍ଦିର ଚାରିପଟେ ରହିଛି ଅଶ୍ୱତ୍ଥ, ତେନ୍ତୁଳି ଓ ପିଲୁ ବୃକ୍ଷମାନ । ଏଠାରେ ବଳରାମ ପ୍ରଳମ୍ବାସୁରକୁ ବଧ କରିଥିଲେ । ବୃନ୍ଦାବନ ଓ ମଥୁରାର ଦୂରତା ଏଠାରୁ ଯଥାକ୍ରମେ ଦଶରୁ କୋଡ଼ିଏ କିଲୋମିଟର ।

ଭାଣ୍ଡୀରବନଠାରୁ ଅଧ କିଲୋମିଟର ଦୂରରେ ଅଛି ବଂଶୀବଟ । ପୂର୍ବ ବନମାନଙ୍କ ଭଳି ଏହା ମଧ୍ୟ ବହୁ ପୁରାତନ । ବନର ସୌନ୍ଦର୍ଯ୍ୟ ବେଶ୍ ଚମତ୍କାର । ଏଠାର ମନ୍ଦିର ମଧ୍ୟରେ ଶ୍ରୀରାଧାକୃଷ୍ଣ, ନିତାଇଗୌର ଓ ଶ୍ରୀଦାମ ସଖାଙ୍କର ବିଗ୍ରହମାନ ପୂଜା ପାଉଛନ୍ତି । କୁହାଯାଏ ଯେ ମହାପ୍ରଭୁଙ୍କ ସଖା ଶ୍ରୀଦାମ, ଦ୍ୱାପର ଯୁଗରେ ରାଧାରାଣୀଙ୍କର ଭ୍ରାତା ଥିଲେ ଓ କଳିଯୁଗରେ ସେ ଶଙ୍କର ପଣ୍ଡିତ ହୋଇ ଚୈତନ୍ୟ ମହାପ୍ରଭୁଙ୍କ ପାଖରେ ରହିଥିଲେ । ଏଠାରେ ରାଧାରାଣୀ ଓ ତାଙ୍କର ଅଷ୍ଟସଖୀମାନଙ୍କ ସହିତ ପ୍ରଭୁ ଓ ତାଙ୍କର ସଖାଗଣ ମଲ୍ଲଯୁଦ୍ଧ କରିଥିଲେ । ଏଥିରେ ରାଧାରାଣୀଙ୍କ ଦଳ ଜିତିଯାଇଥିଲେ । ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ବେଶ୍ ଆକର୍ଷଣୀୟ । ଏହି ବଂଶୀବଟରେ ଥିବା କୂଅର ପାଣି ବେଶ୍ ସ୍ୱଚ୍ଛ ଓ ସ୍ୱାଦଯୁକ୍ତ । ଏହି ବନ ମଧ୍ୟରେ ଗୋଟିଏ ଗଭୀର କୂପ ଅଛି ଯାହାକୁ କି ଗୋପୀକୁଣ୍ଡ କୁହାଯାଏ । ବଂଶୀବଟରୁ ଚଲା ରାସ୍ତାରେ ହରିପୁର ଗ୍ରାମ ପାରହେବା ପରେ ପଡ଼େ ବେଲଗ୍ରାମ । ଯାହାର ଅନ୍ୟନାମ ବିଲ୍ୱଗ୍ରାମ । ଏହି ବିଲ୍ୱଗ୍ରାମରେ ମାତା ଲକ୍ଷ୍ମୀଦେବୀ କୃଷ୍ଣଙ୍କୁ ଆରାଧନା କରିଥିଲେ । ଶ୍ରୀକୃଷ୍ଣଙ୍କର ଲୀଳାରସର ଆସ୍ୱାଦନା କରିବା ନିମନ୍ତେ ରାଧାରାଣୀ ଓ ଗୋପୀମାନଙ୍କର ଶରଣାଗତ ହେବାକୁ ପଡ଼ିଥାଏ ବୋଲି ପ୍ରବାଦ ଅଛି । ମାତ୍ର ଲକ୍ଷ୍ମୀଦେବୀ ସେପରି ନକରି ତପସ୍ୟା କରିଥିଲେ ମଧ୍ୟ ସେ ସିଦ୍ଧି ପାଇବାରୁ ବଞ୍ଚିତ ହୋଇଗଲେ । କାରଣ ସେ ନିଜ ଅହଂକାରକୁ ନେଇ ଶ୍ରୀରାଧାରାଣୀ ବା ଗୋପୀମାନଙ୍କ ମାଧ୍ୟମରେ ଯାଇନଥିଲେ । ଏହା ଭକ୍ତିରତ୍ନାକର ଗ୍ରନ୍ଥର ୫।୧୬୮୯-୧୬୯୦ ପଦରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ଅନ୍ୟ ବନ ଭଳି ଏଠାର ଏହି ବିଲ୍ୱବନରେ ମଧ୍ୟ ବଟ, ଅଶ୍ୱତ୍ଥ ଓ ପିଲୁ ବୃକ୍ଷମାନ ଦେଖାଯାଏ । ଏଠାର ଗୋଟିଏ ନିମ୍ବଗଛକୁ ଦେଖିଲେ ତାହା ବହୁ ଯୁଗରୁ ରହି ଆସିଛି ବୋଲି ମନେ ହୁଏ । ବହୁ ପୁରୁଣା ଗଛ ଥିବା ଏପରି ବନକୁ ରକ୍ଷଣାବେକ୍ଷଣ ନିମନ୍ତେ କରିବା ଜନସାଧାରଣଙ୍କ ସହଯୋଗ ତଥା ସରକାରଙ୍କର ଦାୟିତ୍ୱ ରହିଛି ।

ବ୍ରଜମଣ୍ଡଳର ପ୍ରମୁଖ ଉତ୍ସବ:

ବ୍ରଜମଣ୍ଡଳ ମଧ୍ୟରେ ବୃନ୍ଦାବନ, ମଥୁରା, ବର୍ଷାଣା ଓ ଦାଉଜୀଠାରେ ଶ୍ରୀକୃଷ୍ଣ ରାଧାକୃଷ୍ଣଙ୍କ ଜନ୍ମ ଉତ୍ସବ ଅଗଷ୍ଟ ଏବଂ ହୋଲି ଉତ୍ସବ ଫେବୃୟାରୀ ମାସରେ ବେଶ୍ ଆଡ଼ମ୍ବର ସହିତ ପାଳନ କରାଯାଏ । ହୋଲି ଉତ୍ସବ ଏଠାରେ ପ୍ରାୟ ୫ଦିନ ବ୍ୟାପୀ ମହାସମାରୋହରେ ହୋଇଥାଏ । ସ୍ଥାନୀୟ ଅଧିବାସୀମାନେ ନୃତ୍ୟ ଓ ସଙ୍ଗୀତ ସହ ରଙ୍ଗ ଖେଳରେ ମାତିଥାନ୍ତି । ଦେଶର ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ମଧ୍ୟ ଏହି ଉତ୍ସବ ଦେଖିବା ନିମନ୍ତେ ଏଠାରେ ଏକତ୍ରିତ ହୁଅନ୍ତି । ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ସହ ଜନପଦମାନଙ୍କରେ ଗୋବର୍ଦ୍ଧନପୂଜା, ଗୁରୁପୂର୍ଣ୍ଣିମା, ଝୁଲଣଯାତ୍ରାମାନ ମଧ୍ୟ ପାଳିତ ହୁଏ । ବ୍ରଜମଣ୍ଡଳର ଅନ୍ୟ କେତୋଟି ଉତ୍ସବ ସମ୍ପର୍କରେ ସୂଚନା ନିମ୍ନରେ ଦିଆଯାଇଛି ।

(୧) ବର୍ଷାଣା:

ନନ୍ଦଗ୍ରାମର ପୁରୁଷମାନଙ୍କ ସହିତ ବର୍ଷାଣାର ସ୍ତ୍ରୀ ଲୋକମାନଙ୍କର ହୋଲି ଖେଳ ଏଠାରେ ବେଶ୍ ଆନନ୍ଦଦାୟକ । ସ୍ତ୍ରୀ ଲୋକମାନେ ସାତ ଫୁଟ ଲମ୍ବର ବାଉଁଶ ବାଡ଼ିରେ ପୁରୁଷଲୋକମାନଙ୍କୁ ବାଡେଇବାବେଳେ ପୁରୁଷମାନେ ଏଥିରୁ ରକ୍ଷା ପାଇବା ନିମନ୍ତେ ନିଜ ମୁଣ୍ଡ ଉପରେ ଏକ ଧାତବ ଆବରଣ ରଖିଥାନ୍ତି । ଏହି ଉତ୍ସବ ପାଳନ ସମୟରେ ବିଭିନ୍ନ ସଙ୍ଗୀତ ସେମାନଙ୍କ ପକ୍ଷରୁ ବୋଲାଯାଇଥାଏ । ଫାଲ୍‌ଗୁନ ଶୁକ୍ଳପକ୍ଷ ନବମୀ ତିଥିରେ ଏପରି ଉତ୍ସବ ସେଠାରେ ପାଳିତ ହୁଏ ।

(୨) ନନ୍ଦଗ୍ରାମ:

ବର୍ଷାଣା ଉତ୍ସବର ପରଦିନ ନନ୍ଦଗ୍ରାମରେ ହୋଲି ପାଳିତ ହୁଏ । ବର୍ଷାଣାର ପୁରୁଷଲୋକମାନେ ନନ୍ଦଗ୍ରାମକୁ ହୋଲି ଖେଳିବା ନିମନ୍ତେ ଲାରି ଲିଲାଲ ମନ୍ଦିରର ପତାକା ଧରି ଏକ ପଟୁଆରରେ ଆସିଥାନ୍ତି ଏବଂ ନନ୍ଦଗ୍ରାମର ଲୋକମାନେ ସେହି ପତାକାକୁ ସେମାନଙ୍କଠାରୁ ଛଡ଼ାଇ ନେବା ପାଇଁ ଉଦ୍ୟମ କରି ନେଇପାରନ୍ତିନାହିଁ । ଏହାପରେ ଆରମ୍ଭ ହୁଏ ହୋଲିଖେଳ ଏବଂ ପୂର୍ବଭଳି ବର୍ଷାଣାର ସ୍ତ୍ରୀ ଲୋକମାନେ ବାଉଁଶବାଡ଼ି ଧରି ଖେଳିଥାନ୍ତି । ଏହା ଫାଲଗୁନ ଶୁକ୍ଳ ଦଶମୀଦିନ ପାଳିତ ହୋଇଥାଏ ।

(୩) ଫାଲେନ୍:

ଫାଲଗୁନ ପୂର୍ଣ୍ଣମୀ ରାତ୍ରୀରେ ଅଗ୍ନି ଜଳାଯାଇ ସେଥିରେ ଫାଲେନ୍‌ର ସ୍ଥାନୀୟ ପୁରୋହିତ ଖାଲିପାଦରେ ଚାଲିଥାନ୍ତି । ଏହା ପଛରେ ଥିବା ଗପଟି ହେଉଛି- ଭକ୍ତ ପ୍ରହ୍ଲାଦ ବିଷ୍ଣୁଙ୍କ ପୂଜା କରୁଥିବାରୁ ତାଙ୍କ ପିତା ହିରଣ୍ୟକଶିପୁ ସେପରି ପୂଜାକୁ ବିରୋଧ କରିଥିଲେ । ମାତ୍ର ପ୍ରହ୍ଲାଦ ଏଥିରେ ରାଜି ନହେବାରୁ ହିରଣ୍ୟକଶ୍ୟପୁର ଭଉଣୀ ହୋଲିକା ପ୍ରହ୍ଲାଦଙ୍କୁ ଅଗ୍ନିରେ ପୋଡ଼ି ମାରିଦେବା ନିମନ୍ତେ ତାଙ୍କୁ ଧରି ନିଆଁ ଭିତରେ ପଶିଗଲା । ହୋଲିକାର ବରଦାନ ଥିଲା ଯେ ନିଆଁରେ ପଶିଲେ ବି ସେ ଆଦୌ ପୋଡ଼ି ହେବ ନାହିଁ । ମାତ୍ର ପ୍ରହ୍ଲାଦଙ୍କୁ ଧରି ନିଆଁରେ ପଶିବାରୁ ତାଙ୍କର କିଛି କ୍ଷତି ହେଲା ନାହିଁ । ମାତ୍ର ହୋଲିକା ନିଆଁରେ ପୋଡ଼ିଗଲା । ଫାଲେନ୍‌ରେ ପାଳିତ ଏହି ଉତ୍ସବ କେବଳ ସେହି ସ୍ମୃତିକୁ ମନେ ପକାଇ ଦେଇଥାଏ । ଚଉରାଶୀ କ୍ରୋଶ ବ୍ରଜମଣ୍ଡଳର ସମସ୍ତ ତୀର୍ଥ ବୁଲି ପାରିନାହିଁ । ଯେତିକି ଦେଖିଛି ବା ସଂଗ୍ରହ କରିଛି ଏଥିରେ ହୋଇଛି ତାହାର ବର୍ଣ୍ଣନା । ସହୃଦୟ ପାଠକମାନେ ଏହାକୁ ସମ୍ପୂର୍ଣ୍ଣ ପରିକ୍ରମାର ଧାରଣା ନ ନେବାକୁ ଅନୁରୋଧ । କେତେ ବର୍ଷ ବିତିଗଲାଣି । ବହୁ ତୀର୍ଥ ସ୍ଥାନର ମଧ୍ୟ ଏହା ଭିତରେ ପରିବର୍ତ୍ତନ ହୋଇଯାଇଛି । ତେବେ ବ୍ରଜ ମଣ୍ଡଳ ତୀର୍ଥ ପରିକ୍ରମାର ଏହା ଏକ ଅସମ୍ପୂର୍ଣ୍ଣ ଆଲୋଚନା କହିଲେ ଅତ୍ୟୁକ୍ତି ହେବ ନାହିଁ ।

# ଦୁର୍ନୀତି ଉପରେ ଅଙ୍କୁଶ ଲାଗିବ କିପରି


ହିମାଂଶୁ ଶେଖର ଆଚାର୍ଯ୍ୟ
ଅବସରପ୍ରାପ୍ତ ଅଧ୍ୟାପକ,
ତିର୍ତ୍ତୋଲ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଦୁର୍ନୀତି ସମଗ୍ର ବିଶ୍ୱ ପାଇଁ ବଡ ଆହ୍ୱାନ । କ୍ଷୋଭର କଥା ଦୁର୍ନୀତିର ପରିମାଣ ଦିନକୁ ଦିନ କମିବା ପରିବର୍ତ୍ତେ ବଢିବାରେ ଲାଗିଛି । କୌଣସି ଦେଶ ଯେତେ ଉନ୍ନତ ହେଉନା କାହିଁକି ଦୁର୍ନୀତି ନହଟିଲେ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି ହେବ । ଖାଲି ସେତିକି ନୁହେଁ ଏହି ଅର୍ଥନୈତିକ ବୈଷମ୍ୟ ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ବିଶ୍ୱର ଦୁର୍ନୀତି ସୂଚକାଙ୍କ ଉପରେ ଆଖି ପକାଇଲେ ଜଣାପଡେ ଯେ, ବିଶ୍ୱର ସର୍ବାଧିକ ଦୁର୍ନୀତିଯୁକ୍ତ ରାଷ୍ଟ୍ରଗୁଡିକ ମଧ୍ୟରେ କଲମ୍ବିଆ, ମେକ୍ସିକୋ, ଘାନା, ମିଆଁମାର ଓ ସାଉଦିଆରବ ରହିଛି । ସେହିପରି ଶ୍ରେଷ୍ଠ ପାଞ୍ଚଟି କମ୍ ଦୁର୍ନୀତି ହେଉଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ସୁଇଜରଲ୍ୟାଣ୍ଡ, ଜାପାନ, କାନାଡା, ଜର୍ମାନୀ ଓ ଗ୍ରେଟ ବ୍ରିଟେନ ରହିଛି ।

ଦୁର୍ନୀତି ନିରାକରଣରେ ଶିକ୍ଷାର ଏକ ବଡ ଯୋଗଦାନ ରହିଛି । ଏହି ଦୃଷ୍ଟିରୁ ଦେଖିଲେ ଏବେବି ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଖାଲି ସେତିକି ନୁହେଁ ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । ସେ ଦୃଷ୍ଟିରୁ ଦେଖିଲେ କମ୍ ସାକ୍ଷରତା ଥିବା ଦେଶରେ ସଚେତନତା ଅଭାବରୁ ଦୁର୍ନୀତିର ମାତ୍ରା ଅଧିକ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ। ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର ।

ଏକ ସର୍ବେକ୍ଷଣରୁ ଜଣାପଡିଛି ଭାରତରେ ଦୁର୍ନୀତିର ମାନ ଦିନକୁ ଦିନ ବଢିବାରେ ଲାଗିଛି । ୧୮୦ଟି ଦେଶରେ ହୋଇଥିବା ସର୍ବେକ୍ଷଣ ଅନୁସାରେ ଦେଶରେ ଜଣାପଡିଛି ଯେ, ପ୍ରାୟ ୫୦ପ୍ରତିଶତ ଭାରତୀୟ ପ୍ରାୟ ପ୍ରଥମ ଥର ଲାଞ୍ଚ□ଦେଇଥାନ୍ତି । ଏବଂ ଦୁର୍ନୀତି ସୂଚକାଙ୍କ ଅନୁସାରେ ୧୮୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୮୦ । ଏଥିରୁ ସ୍ପଷ୍ଟ ଅନୁମେୟ ଭାରତରେ ଦୁର୍ନୀତି ତାର କାୟା ବିସ୍ତାର କରି ଚାଲିଛି । ଆମ ଦେଶର ରାଜ୍ୟମାନଙ୍କ ମଧ୍ୟରୁ ରାଜସ୍ଥାନ ଓ ବିହାରରେ ଦୁର୍ନୀତି ସୂଚକାଙ୍କ ଅଧିକଥିବା ବେଳେ ଦିଲ୍ଲୀ ଓ ଓଡିଶାରେ ଏହା କମ୍ ରହିଛି । ଏସବୁ ସତ୍ତ୍ୱେ ଆମ ଦେଶରେ ସ୍ୱାଧୀନତାର ପରବର୍ତ୍ତୀ କଥା ଚିନ୍ତା କଲେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିର ଏକ ଲମ୍ବା ତାଲିକା । ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହ୍ୱାଓଲା ଓ ଗୋଖାଦ୍ୟ ,୨୦୦୮ରେ ସେୟାର ବଜାର ,୨୦୧୦ରେ କମନୱେଲ୍‌ଥ ଗେମ୍ ,୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏବେ ପୁଣି ଚର୍ଚ୍ଚାକୁ ଆସିଛି ହତ୍ୟାକାରି ବ୍ୟାପମ୍ ଦୁର୍ନୀତି । ସ୍ୱିସ୍ ବ୍ୟାଙ୍କରେ ଥିବା କଳାଧନର ପରିମାଣ ୭ହଜାରକୋଟି ଟଙ୍କାକୁ ଟପିସାରିଲାଣି । ଏହି ଦୁର୍ନୀତି ହିଁ ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି ।

ଦୁର୍ନୀତିର ପ୍ରଭାବ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ମିଳିତ ଜାତିସଂଘ ଆକଳନ ଅନୁସାରେ ଦୁର୍ନୀତି, ଚୋରି,ଲାଞ୍ଚ ଓ ଟିକସ ଫାଙ୍କିବା ବିକାଶଶୀଳ ଦେଶ ମାନଙ୍କରେ କୋଟି କୋଟି ଟଙ୍କା ଆତ୍ମସାତ ହେଉଛି । ଏଥି ସହିତ ଉଚ୍ଚ ପଦାଧିକାରୀ ଓ ରାଜନୈତିକ ନେତାମାନେ ଏଥିରେ ସମ୍ପୃକ୍ତ ରହିବାର ଅନେକ ଉଦାହରଣ ରହିଛି । ଏମାନେ ସାଧାରଣ ଜନତାଙ୍କ ପାଖରେ ଉତ୍ତରଦାୟି ନ ରହିଲେ ଦୁର୍ନୀତିମାତ୍ରା ବଢି ବଢି ଚାଲିବ । ଦୁର୍ନୀତିକୁ ରୋକିବା ପାଇଁ କଠୋର ଦଣ୍ଡ□ବିଧାନର ଆବଶ୍ୟକତା ରହିଛି । ତୃଣମୂଳସ୍ତରରୁ ଏଥିପାଇଁ ବ୍ୟାପକ ସଚେତନତା ଲୋଡା । ଏଥିପାଇଁ କେବଳ ଡିଗ୍ରୀ ବା ପ୍ରମାଣପତ୍ର ଶିକ୍ଷା ନୁହେଁ ନୈତିକ ଓ ମୁଲ୍ୟବୋଧ ଯୁକ୍ତ ଶିକ୍ଷାର ଆବଶ୍ୟକତା ରହିଛି । ଏହି କଥା ପ୍ରଥମେ ନିଜ ଘରୁ ଆରମ୍ଭ କରିବାକୁ ହେବ ସେହିପରି ପ୍ରଶାସନିକ ସ୍ତରରେ ମଧ୍ୟ ସବୁଠି ସ୍ୱଚ୍ଛତା ଅବଲମ୍ବନକରିବା ବିଧେୟ । କାରଣ 'ମହାଜନ ଜେନ ଗତସ୍ୟ ପନ୍ଥା' ନ୍ୟାୟରେ ବଡମାନେ ଯାହା କରିବେ ସାନମାନେ ତାହା ଅନୁକରଣ କରିବେ ।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧିଙ୍କ ପାଠପଢା କଥା ବେଳର କଥା ବେଶ୍ ପ୍ରଣିଧାନ ଯୋଗ୍ୟ । ଗୁରୁଜୀ ଗାନ୍ଧୀଜୀଙ୍କୁ ପାଖ ପିଲାଠାରୁ ଦେଖି ସଠିକ୍ ଶବ୍ଦଟି ଲେଖିବା ପାଇଁ ପ୍ରବର୍ତ୍ତାଇଥିଲେ । ମାତ୍ର ସେ ଗୁରୁଙ୍କ କଥାକୁ ଟାଳି ଦେଇଥିଲେ । ପରେ ଗୁରୁଜୀ ତାଙ୍କୁ ପଚାରିବାରୁ ସେ ଉତ୍ତରରେ କପିକରିବା ବଡ ଅନ୍ୟାୟ ଓ କଭଳି ଏତେ ବଡ ଅନୀତି କରିଥାନ୍ତି ବୋଲି ଉତ୍ତର ଦେଇଥିଲେ । ପୁଣି ସେ ବିନମ୍ରତାର ସହ କହିଥିଲେ ଅସତ ପଥରେ ଯାଇ ସୁନାମ ଅର୍ଜନ କରାଯାଏ ନାହିଁ । ସେଇଥିପାଇଁତ ସେ ମହାତ୍ମା । ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ । ଗାନ୍ଧିଜୀଙ୍କ ଏହି ଆଦର୍ଶ ଓ ମୂଲ୍ୟବୋଧକୁ ଆମକୁ ଅନୁସରଣ କରିବାକୁ ହେବ । ମୁଁ ନିଜେ ଦୁର୍ନୀତି କରିବି ନାହିଁ କି ଦୁର୍ନୀତିକୁ ପ୍ରଶୟ ଦେବିନାହିଁ , ଏହିଭାବ ମନରେ ସୃଷ୍ଟି ହେବା ଦରକାର । ତାହେଲେ ଯାଇ ଦୁର୍ନୀତି ଉପରେ ଅଙ୍କୁଶ ଲାଗିପାରିବ । ତେଣୁ ସମସ୍ତେ ନୀତି ନୈତିକତା, ଆଦର୍ଶ, ମୂଲ୍ୟବୋଧ ଉପରେ ଦୃଢବିଶ୍ୱାସ ରଖି କାମ କରିଚାଲିଲେ ଦୃନୀତିର ମୂଳୋତ୍ପାଟନ ସମ୍ଭବ ହେବା ସହିତ ଏକ ବିକଶିତ ରାଷ୍ଟ୍ରଗଠନ ଲକ୍ଷ୍ୟ ସାଧିତ ହୋଇପାରିବ । ଏଥିପାଇଁ ସାମୁହିକ ସଂକଳ୍ପ ଲୋଡା ।

# ଓଡ଼ିଆ ଜାତିର ଏକ ଅବହେଳିତ କୀର୍ତ୍ତିସ୍ତମ୍ଭ


ଶ୍ରୀ ଅବନୀ ଚନ୍ଦ୍ର ଦାସ
ସମ୍ପାଦକ, ମାହାଙ୍ଗା ମୈତ୍ରୀ ମଞ୍ଚ,
ପ୍ରଶାନ୍ତି ବିହାର, ଭୁବନେଶ୍ୱର -୨୪
ମୋ ନଂ: ୯୯୩୭୫୩୭୯୭୪

ଓଡ଼ିଶା ଇତିହାସରେ ଯେଉଁ ବୀର ବରପୁତ୍ର ମାନଙ୍କ କୀର୍ତ୍ତିର ସ୍ୱାକ୍ଷର ଅଙ୍କିତ ହୋଇ ଆମକୁ ଗୌରବାନ୍ୱିତ କରିଆସୁଛି, ସେମାନଙ୍କ ସ୍ମୃତି ରକ୍ଷା ଦିଗରେ ଓଡ଼ିଆ ଜାତିର ଏବଂ ତାଙ୍କ ଉତ୍ତର ଦାୟଦ ମାନଙ୍କର ଏତେ କାର୍ପଣ୍ୟ କାହିଁକି ? ଅନ୍ୟ ଭାବରେ କହିଲେ ଓଡ଼ିଆ ଜାତି ହୀନମନ୍ୟତା ର ଶିକାର ହୋଇ ଯାଇଛି କି ? ପୂର୍ବସୁରୀ ମାନଙ୍କୁ ବିସ୍ମୃତ ହେବାରେ ଲାଗିଛି କି ?

ଆମ ଓଡ଼ିଆ ଜାତି ପାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ, ଓଡ଼ିଆ ମାନଙ୍କ ଜୀବନ ଧାରଣର ମାନବୃଦ୍ଧି ପାଇଁ, ଯେଉଁ ମହାନ୍ ମଣିଷ ମାନେ ଜୀବନ ଉତ୍ସର୍ଗ କରି ଯାଇଥିଲେ, ସେମାନଙ୍କ ମଧ୍ୟରେ ଜଣେ ବିଶିଷ୍ଟ ଓଡ଼ିଆ ଥିଲେ ରାୟବାହାଦୁର ନନ୍ଦ କିଶୋର ଦାସ । କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର କୁମୁଡ଼ାଜୟପୁର ପ୍ରଗଣାରେ ଏକ ବିଶିଷ୍ଟ କରଣ ଜମିଦାର ପରିବାରରେ ୧୮୪୫ ମସିହା ଜୁନ୍ ୫ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ସେ । ପିତା ନୃସିଂହ ଚରଣ ଦାସଙ୍କ ତତ୍ତ୍ୱାବଧାନରେ ନିଜ ଗ୍ରାମରେ ବାଲ୍ୟ ଜୀବନ ବିତାଇଥିଲେ ହେଁ, ପରବର୍ତ୍ତୀ କାଳରେ କଟକ ସହରକୁ ଆସି ବାଙ୍କାବଜାର ସ୍ଥିତ ପୈତୃକ ବାସ ଭବନରେ ରହି ଶିକ୍ଷାପ୍ରାପ୍ତ ହୋଇଥିଲେ । ବିଚକ୍ଷଣ ବୁଦ୍ଧି ଏବଂ କର୍ତ୍ତବ୍ୟ ପରାୟଣତାର ପରାକାଷ୍ଠା ଯୋଗୁ ନନ୍ଦ କିଶୋର ଦାସ ତତ୍କାଳୀନ ବ୍ରିଟିଶ୍ ପ୍ରଶାସନରେ ବିଭିନ୍ନ ପଦ ପଦବୀ ରେ ରହି ନିଜକୁ ଏକ ଦକ୍ଷ ପ୍ରଶାସକ ଭାବେ ପ୍ରମାଣିତ କରି ପାରିଥିଲେ ।

ନନ୍ଦ କିଶୋର ଯେ, କେବଳ ବ୍ରିଟିଶ୍ ପ୍ରଶାସନର ପ୍ରିୟ ଭାଜନ ହୋଇଥିଲେ, ତାହା ନୁହେଁ । ବରଂ, ପରାଧୀନ ଭାରତରେ ବ୍ରିଟିଶ୍ ପ୍ରଶାସନରେ ନିୟୋଜିତ ଥାଇ ମଧ୍ୟ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ଏବଂ ଓଡ଼ିଆ ଜାତିର ଉତ୍ଥାନ ପାଇଁ ସ୍ୱୀୟ କର୍ତ୍ତବ୍ୟରେ ଆଗୁସାର ହୋଇଥିଲେ । ରାତ୍ରି ଉଜାଗର ରହି ଓଡ଼ିଆ ଭାଷାରେ ବ୍ୟାକରଣ ଏବଂ ଅନ୍ୟ ପୁସ୍ତକ ରଚନା କରିବା ଥିଲା ତାଙ୍କ ନିଶା । ସେଗୁଡିକ ମୁଦ୍ରଣ, ପ୍ରକାଶନ ଏବଂ ବିତରଣ ପାଇଁ ତାଙ୍କର ଅନବଦ୍ୟ ଉଦ୍ୟମକୁ ଅସ୍ୱୀକାର କରି ହେବନାହିଁ ।

ଓଡ଼ିଆ ଜାତିର ମୁକ୍ତି ମଞ୍ଚ 'ଉତ୍କଳ ସମ୍ମିଳନୀ' ଗଠିତ ହେବାର ୧୩/ ୧୪ ବର୍ଷ ପୂର୍ବରୁ ୧୮୮୯ ମସିହାରେ ସେ ପ୍ରତିଷ୍ଠା କରିଥିଲେ 'ଉତ୍କଳ ସମ୍ମିଳନୀ ସଭା' । ଯେଉଁଥିରେ ମଧୁସୂଦନ ଦାସଙ୍କ ସାନ ଭାଇ ଗୋପାଳ ବଲ୍ଲଭ ଦାସଙ୍କ ଭଳି ବହୁ ବିଶିଷ୍ଟ ଓଡ଼ିଆ ମାନେ ସଦସ୍ୟ ରହିଥିଲେ ।ମେଧାବୀ ଓଡ଼ିଆ ପିଲାଙ୍କୁ କଟକ ସହରରେ ରଖି ଉଚ୍ଚ ଶିକ୍ଷା ଲାଭ କରିବାପାଇଁ ସୁଯୋଗ ଦେବା, ଓଡ଼ିଆଙ୍କ ସାମାଜିକ ସ୍ଥିତି ରେ ଉନ୍ନତି ଆଣିବା ଲାଗି ବ୍ୟୟ ବହୁଳ ବିବାହ ଆଦି ସାମାଜିକ ଅନୁଷ୍ଠାନରେ ଅଯଥା ଖର୍ଚ୍ଚ କାଟ କରିବାରେ ଜନ ସଚେତନତା ସୃଷ୍ଟି କଲା ଭଳି ଅନେକ ସାମାଜିକ ସଂସ୍କାର କାର୍ଯ୍ୟ କରୁଥିଲା ନନ୍ଦ କିଶୋର ଦାସ ଙ୍କ ଏହି ଅନୁଷ୍ଠାନ ।



ପରବର୍ତ୍ତୀ ସମୟରେ କଲିକତାରେ ଓକିଲାତି କରୁଥିବା ମଧୁବାବୁ ଙ୍କୁ ଓଡ଼ିଶା ଫେରାଇ ଆଣି ସ୍ୱତନ୍ତ୍ର ଓଡ଼ିଶା ଗଠନ ଗଠନ ଦିଗରେ ପ୍ରେରଣା ଯୋଗାଇଥିବା ପ୍ରଚ୍ଛଦପଟ ନାୟକ ଜଣକ ଥିଲେ ନନ୍ଦ କିଶୋର ଦାସ । ସେଥିପାଇଁ ମଧୁ ବାବୁ ତାଙ୍କୁ 'ଓଡ଼ିଆ ହିରୋ' ବୋଲି ଆଖ୍ୟାୟିତ କରିଯାଇଛନ୍ତି ।

ଖାଲି ସେତିକି ନୁହେଁ, ନନ୍ଦ କିଶୋର ଦାସଙ୍କ ଗୁଣ ଗାନ କରି ବ୍ୟାସକବି ଫକୀର ମୋହନ ସେନାପତି 'ଉତ୍କଳ ଭ୍ରମଣ' ଲେଖିଛନ୍ତି : 'ହେ ନନ୍ଦ କିଶୋର ସର୍ବ ଗୁଣରେ ନିପୁଣ ଗାଇବାକୁ ତୁମ ଯଶ ନାହିଁ ମୋର ଗୁଣ ସିଭିଲ୍ ସର୍ଭେଣ୍ଟ ଆଣ୍ଡ ପଲିଟି ଏଜେଣ୍ଟ ଜୟ ଜୟ ଜୟ ଓଡ଼ିଶାର ମନୁମେଣ୍ଟ ।' ଅସାଧାରଣ ଦକ୍ଷତା ଦେଖାଇ ବ୍ରିଟିଶ୍ ପ୍ରଶାସନକୁ ବହୁ ଭାବରେ ପ୍ରଭାବିତ କରିପାରିଥିବା ନନ୍ଦ କିଶୋର ଦାସଙ୍କୁ 'ରାୟ ବାହାଦୁର' ଉପାଧି ରେ ମଣ୍ଡିତ କରାଯାଇଥିଲା ।

ଜିଲ୍ଲା ମାଜିଷ୍ଟ୍ରେଟ ପଦବୀ ଯୁକ୍ତ ହୋଇ ଅନୁଗୁଳ ରୁ ପୁରୀ ଯିବାବେଳେ ପୁରୁଣାଗଡ ଠାରେ ଅସୁସ୍ଥ ହୋଇପଡ଼ିଥିଲେ ନନ୍ଦ କିଶୋର ଦାସ । ସେହିଠାରେ ହିଁ ତାଙ୍କର ଦେହାନ୍ତ ହୋଇଯାଇଥିଲା ୧୮୯୪ ମସିହା ଏପ୍ରିଲ୍ ୬ ତାରିଖରେ ।

'ରାୟ ବାହାଦୁର ନନ୍ଦ କିଶୋର ଦାସଙ୍କୁ ହରାଇ ଓଡ଼ିଶା ମାତା ଦାରୁଣ ଶୋକ ମଗ୍ନା' ବୋଲି କର୍ମବୀର ଗୌରୀଶଙ୍କର ରାୟଙ୍କ ସମ୍ପାଦିତ 'ଉତ୍କଳ ଦୀପିକା' ପ୍ରକାଶ କରିଥିଲା ।

ଅନୁଗୁଳ ଜିଲ୍ଲାର ପୁରୁଣାଗଡ (ବଡ଼ଦାଣ୍ଡ ସାହି) ନିକଟରେ ରହିଛି ନନ୍ଦ କିଶୋର ଦାସଙ୍କ ସମାଧି । ଯାହାକି, ସେଠାକାର ତତ୍କାଳୀନ ତହସିଲଦାର ବଉଳମାଳ ପଥରରେ ନିର୍ମାଣ କରିଥିଲେ ଏବଂ ସେଥିରେ ତତ୍କାଳୀନ ବ୍ରିଟିଶ୍ ସଚିବ କଟନ୍ ସାହେବ୍ ଙ୍କ ସ୍ୱାକ୍ଷର ଥାଇ 'କର୍ତ୍ତବ୍ୟର ଅନୁପ୍ରେରଣାରେ ସେ ଜୀବନ ଉତ୍ସର୍ଗ କରିଛନ୍ତି' ବୋଲି ଉଲ୍ଲିଖିତ ଫଳକ ଲଗାଯାଇଥିଲା । ୧୯୬୦ ମସିହା ପର୍ଯ୍ୟନ୍ତ ତାହା ବିଦ୍ୟମାନ ଥିଲା ବୋଲି ନନ୍ଦ କିଶୋର ଦାସଙ୍କ ଅଣନାତୁଣୀ ଅନ୍ନପୂର୍ଣ୍ଣା ମହାରଣା (ରମାଦେବୀଙ୍କ କନ୍ୟା) ତାଙ୍କ ଆତ୍ମଜୀବନୀ 'ଅମୃତ ଅନୁଭବ'ରେ ଉଲ୍ଲେଖ କରିଯାଇଛନ୍ତି ।

ଅତ୍ୟନ୍ତ ଜରାଜୀର୍ଣ୍ଣ ଏବଂ ଅବହେଳିତ ଅବସ୍ଥାରେ ଆବିଷ୍କୃତ ହେବାପରେ ୨୦୧୫ ମସିହାରେ ରାଜଧାନୀ ଭୁବନେଶ୍ୱର ସ୍ଥିତ ସାମାଜିକ ଅନୁଷ୍ଠାନ 'ମାହାଙ୍ଗା ମୈତ୍ରୀ ମଞ୍ଚ' ପକ୍ଷରୁ ଓଡ଼ିଆ ଜାତିର ମାନସପଟ୍ଟରୁ ବିସ୍ମୃତ ହେବାକୁ ଯାଉଥିବା ଏହି ମହାନ୍ କିର୍ତ୍ତିସ୍ତମ୍ଭ (ରାୟ ବାହାଦୁର ନନ୍ଦ କିଶୋର ଦାସଙ୍କ ସମାଧି ମନ୍ଦିର)ର ପୁନରୁଦ୍ଧାର ଓ ପୁନଃ ପ୍ରତିଷ୍ଠା କରାଯାଇଥିଲା । ମାହାଙ୍ଗା ମୈତ୍ରୀ ମଞ୍ଚର ସମ୍ପାଦକ ଭାବରେ ଏଇ ସ୍ତମ୍ଭର ଲେଖକ (ଅବନୀ ଚନ୍ଦ୍ର ଦାସ) ଙ୍କୁ ନନ୍ଦ କିଶୋର ଦାସଙ୍କ ସ୍ମୃତି ପୀଠକୁ ଜାତିର ମର୍ମ କୋଣରେ ଉଜ୍ଜୀବିତ କରି ରଖିବାକୁ ପ୍ରେରଣା ଓ ସହଯୋଗ ଦେଇଥିବା ମହାନୁଭବ ମାନେ ହେଲେ ପ୍ରବାସୀ ଓଡ଼ିଆ ଡ଼ଃ ରାଜେନ୍ଦ୍ର ନାରାୟଣ ଦାସ, ଅନୁଗୁଳ ଜିଲ୍ଲା ତତ୍କାଳୀନ ଜିଲ୍ଲାପାଳ ସଚିନ୍ ରାମଚନ୍ଦ୍ର ଯାଦବ, ପୁରୁଣାଗଡ (ବଡ଼ଦାଣ୍ଡ ସାହି) ଗ୍ରାମ୍ୟ କମିଟି ତତ୍କାଳୀନ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପଟ୍ଟନାୟକ, ମା ଭୈରବୀ ଗ୍ରାମ୍ୟ ଯୁବକ ସଂଘ ସଦସ୍ୟ ବୃନ୍ଦ, ସମାଜସେବୀ ଟୁଟଲ କିଶୋର ଦାସ, ସିକତା ମାନୁ ଦାସ ଏବଂ ଇଞ୍ଜିନିୟର ଓମ୍ ପ୍ରସାଦ ହୋତା ପ୍ରମୁଖ । ଆଜି ସେହି କୀର୍ତ୍ତିମାନ ଓଡ଼ିଆ ପ୍ରାଣ ରାୟବାହାଦୁର ନନ୍ଦ କିଶୋର ଦାସଙ୍କ ପୁଣ୍ୟ ଜନ୍ମତିଥି ଅବକାଶରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ଜୁନ୍ ୨୦୨୪ ବୁଧବାର



# ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସଙ୍କ ଜୀବନଚରିତ "ଜଗନ୍ନାଥାମୃତ ଗୀତା'



ନବାକ୍ଷରୀ ଓଡ଼ିଆ ଭାଗବତର ରଚୟିତା ଜଗନ୍ନାଥ ଦାସଙ୍କ ଜୀବନଚରିତ ହେଉଛି "ଜଗନ୍ନାଥାମୃତ ଗୀତା'। ଏହା ଶ୍ରୀଜଗନ୍ନାଥ ଚରିତାମୃତ ନାମରେ ପ୍ରସିଦ୍ଧ। ଏହାର ରଚୟିତା ବିପ୍ର ଦିବାକର ଦାଶ।

ଭାଦ୍ରବ ଶୁକ୍ଳ ଅଷ୍ଟମୀ ବା ରାଧାଷ୍ଟମୀ ଅତିବଡ଼ ଜଗନ୍ନାଥ ଦାସଙ୍କ ଆର୍ବିଭାବ ଦିବସ ଜଗନ୍ନାଥାମୃତ ଗୀତାର ପ୍ରଥମ ଅଧ୍ୟାୟରେ କବି ଦିବାକର ଦାଶ କହିଛନ୍ତି- ଶ୍ରୀ ଅତିବଡ଼ ଯେ ଗୋସେଇଁ/ ରାଧାଙ୍କ ଅଂଶେ ଜାତ ସେହି ତାହା ଅନୁସାରେ, ଶ୍ରୀରାଧାଙ୍କ ଲଳିତ ହାସରୁ ଅତିବଡ଼ ଜଗନ୍ନାଥ ଏବଂ ଶ୍ରୀକୃଷ୍ଣଙ୍କ ମଧୁର ଅମୃତ ହାସରୁ ଶ୍ରୀଚୈତନ୍ୟ ଜାତ ହୋଇଥିଲେ। ରାଧା ଓ କୃଷ୍ଣଙ୍କର ଭାବ ଏକ ନିତ୍ୟଧାମରେ କୃଷ୍ଣଙ୍କୁ ଚାହିଁ ରାଧା ଯେଉଁ ହସ ହସିଲେ, ଅତିବଡ଼ ଜଗନ୍ନାଥ ଦାସ ତହିଁରୁ ଜନ୍ମ ନେଲେ। ସେତେବେଳେ, ଶ୍ରୀଚୈତନ୍ୟଙ୍କୁ ନଦୀୟା ନଗ୍ରରେ ଜନ୍ମ ନେବାକୁ ଶ୍ରୀକୃଷ୍ଣ କହିଥିଲେ। ଜଗନ୍ନାଥ ଦାସଙ୍କୁ ସେ କହିଥିଲେ ଓଡ଼ିଶା ରାଜ୍ୟରେ ଜନ୍ମଗ୍ରହଣ କରିବାପାଇଁ। ଜଗନ୍ନାଥାମୃତ ଗୀତାର ଉଲ୍ଲେଖମତେ, କପିଳେଶ୍ୱରପୁର ଶାସନରେ, ପୁରାଣପଣ୍ଡା ଭଗବାନ ଓ ତାଙ୍କ ପତ୍ନୀ ପଦ୍ମାଙ୍କର ପୁତ୍ରରୂପେ, ଭାଦ୍ରବ ମାସ ଶୁକ୍ଳ ଅଷ୍ଟମୀ ମଧ୍ୟାହ୍ନରେ ଜଗନ୍ନାଥ ଦାସ ଜନ୍ମଗ୍ରହଣ କରିଥିଲେ। ବାଳକରୂପେ କ୍ରୀଡ଼ାରତ ଥିବାବେଳେ ମଧ, ସେ ହରେ ରାମ କୃଷ୍ଣ ଜପୁଥିଲେ। ସମୟକ୍ରମେ ତାଙ୍କର ବ୍ରତୋପନୟନ ହେଲା। ଦ୍ୱାଦଶବର୍ଷରେ ପିତା ତାଙ୍କର ବିବାହ କରାଇବାକୁ ଚାହିଁଥିଲେ; ମାତ୍ର ସେ ବିବାହ ନିମନ୍ତେ ରାଜି ନ ହୋଇ, ବିଦ୍ୟାର୍ଜନରେ ପ୍ରବୃତ୍ତ ହେଲେ। ଯଜୁର୍ବେଦ ଓ ସାମବେଦ ତାଙ୍କର କଣ୍ଠସ୍ଥ ହୋଇଥିଲା। ସମସ୍ତ ଶାସ୍ତ୍ରରେ ପୂର୍ଣ୍ଣ ହେବା ସହିତ, ସେ ସମଗ୍ର ମହାଭାରତ ଓ ରାମାୟଣ ଅଧ୍ୟୟନ କରିଥିଲେ। ସଂସ୍କୃତ ଶ୍ରୀମଦ୍‌ଭାଗବତର ସମସ୍ତ ଦ୍ୱାଦଶସ୍କନ୍ଧକୁ ଟୀକା ଟିପ୍‌ପଣୀ ସହିତ ସେ ଅଧ୍ୟୟନ କରିଥିଲେ। ଏହିପରି ଭାବରେ ୧୮ ବର୍ଷ ବୟସ ବିତିଯିବା ପରେ, ସେ ଶ୍ରୀମନ୍ଦିରର ବଟ ଗଣେଶଙ୍କ ନିକଟରେ, ନିୟମିତ ଭାବରେ ଓ ଆନନ୍ଦରେ ସଂସ୍କୃତ ଭାଗବତର ବ୍ୟାଖ୍ୟା କରିଥିଲେ। ତାହାର ଅମୃତଫଳ ନବାକ୍ଷରୀ ଓଡ଼ିଆ ଭାଗବତ।

# ତ୍ୱଚାରେ ଦାଗ ସମସ୍ୟା

ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ମାନସିକ ଦୁଶ୍ଚିନ୍ତା, ଅତ୍ୟଧିକ ରୌଦ୍ରତାପ, ଶୀଘ୍ର ବାର୍ଦ୍ଧକ୍ୟ, ଋତୁସ୍ରାବ ଜନିତ ସମସ୍ୟା ଓ ହର୍ମୋନ ଅସନ୍ତୁଳନ ଆଦି କାରଣରୁ ତ୍ୱଚା ଓ ଆଖି ତଳେ ଦାଗ ସୃଷ୍ଟି ହେବା ଏକ ବଡ଼ ସମସ୍ୟା ରୂପେ ଉଭା ହେଇଛି। ଏହି ସମସ୍ୟାର ଉପଚାର ପାଇଁ କିଛି ଘରୋଇ ଟିପ୍ସ... ଦିନକୁ ଅତି କମ୍‌ରେ ୩ରୁ ୪ ଲିଟର ବିଶୁଦ୍ଧ ଜଳ ପାନ କରନ୍ତୁ। ଅତ୍ୟଧିକ ରୌଦ୍ରତାପ ସମୟରେ ବାହାରକୁ ବାହାରନ୍ତୁ ନାହିଁ। ହର୍ମୋନରେ ଅସନ୍ତୁଳନ ଓ ଋତୁସ୍ରାବ ଜନିତ ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅତ୍ୟଧିକ ଲାପଟପ୍, ମୋବାଇଲ୍, ଟେଲିଭିଜନ ଆଦିର ବ୍ୟବହାରରୁ ନିଜକୁ ଦୂରେଇ ରଖନ୍ତୁ। ଏସବୁ ଆଖି ତଳେ କଳା ଦାଗ ସୃଷ୍ଟି କରିବାର ମୁଖ୍ୟ କାରଣ। ନିଜକୁ ଯଥା ସମ୍ଭବ ପରିଷ୍କାର, ପରିଚ୍ଛନ୍ନ ରଖନ୍ତୁ ଏବଂ ଇନ୍‌ଫେକ୍ସନ୍, ଇନ୍‌ଫ୍ଲାମେସନ୍‌ରୁ ନିଜକୁ ଦୂରେଇ ରଖନ୍ତୁ। ହର୍ବାଲ୍ ବା ବ୍ରାଣ୍ଡ୍‌ଯୁକ୍ତ ପ୍ରସାଧନ ସାମଗ୍ରୀର ବ୍ୟବହାର କରନ୍ତୁ। ପ୍ରସାଧନ ସାମଗ୍ରୀ କିଣିଲା ବେଳେ ଏକ୍ସପାଏରି ତାରିଖ ଦେଖି କିଣନ୍ତୁ। ଯଦି ଆପଣଙ୍କ ତ୍ୱଚାରେ କିଛି କଳା ଦାଗ ଆରମ୍ଭ ହେବାର ଦେଖୁଛନ୍ତି, ତୁରନ୍ତ ଚର୍ମରୋଗ ବିଶେଷଜ୍ଞଙ୍କ ସଙ୍ଗେ ପରାମର୍ଶ କରନ୍ତୁ। ନଚେତ୍ ଚର୍ମ କ୍ୟାନ୍‌ସର ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

# କିସ୍‌ମିସ୍ ଅବ୍ୟର୍ଥ ଔଷଧ ପରି କାମ କରେ



କିସ୍‌ମିସ୍ ଖାଇବାକୁ କାହାକୁ ବା ଭଲ ଲାଗେନା ? କିସ୍‌ମିସ୍ ଖାଇବାକୁ ଯେତିକି ସ୍ୱାଦିଷ୍ଟ ତାହା ଦେହ ପାଇଁ ତା'ଠାରୁ ବି ଅଧିକ ଭଲ କିସ୍‌ମିସ୍ ସଂପର୍କରେ ଆହୁରି ଗୁଡ଼ାଏ କଥା ଅଛି ଯାହା ହୁଏତ ଆପଣ ଜାଣିନଥିବେ। ଏଥିରେ ବହୁ ସ୍ୱାସ୍ଥ୍ୟଗତ ଫାଇଦା ରହିଛି। କିସ୍‌ମିସ୍ ଖାଇବା ଦ୍ୱାରା ଉତ୍ତମ ହଜମ ହେବା ସହ କୋଷ୍ଠକାଠିନ୍ୟ ବି ଦୂର ହୋଇଥାଏ। ଥଣ୍ଡା, ଜ୍ୱର, କାଶ ଆଦି ରୋଗର ନିରାକରଣ ବି ଏଥିରେ ରହିଛି ବୋଲି ଗବେଷକମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହାର ସକାରାତ୍ମକ ପ୍ରଭାବ ଆଖି, ଦାନ୍ତ, କେଶ ଓ ହାଡ଼ ଆଦିରେ ପଡ଼ିଥାଏ। ଏଥିରେ କ୍ୟାଲ୍‌ସିୟମ୍, ଆଇରନ୍, ପଟ୍ଟାସିୟମ୍, ଫସ୍‌ଫରସ୍ ଏବଂ ମାଗ୍ନେସିୟମ ଆଦି ରହିଛି। ଏହାବ୍ୟତୀତ ଏଥିରେ ଭିଟାମିନ ସି, ଏବଂ ବି-୬ ମଧ୍ୟ ରହିଛି। ରାତିରେ ୪ଟି କିମ୍ବା ୬ଟି କିସ୍‌ମିସ୍‌କୁ ପାଣିରେ ଭିଜେଇ ଦିଅନ୍ତୁ ସକାଳୁ ଉଠି ଦାନ୍ତ ଘସିବା ପରେ ଖାଲି ପେଟରେ ସେହି ପାଣି ମିଶା କିସ୍‌ମିସ୍‌କୁ ଖାଇଦିଅନ୍ତୁ। ଯେଉଁମାନଙ୍କର ସ୍ୱାସ୍ଥ୍ୟ ସହଜରେ ଲାଗେ ନାହିଁ ସେମାନେ କିସ୍‌ମିସ୍ ଖାଇପାରନ୍ତି। ଏହା ଶରୀରରେ ଅତିରିକ୍ତ ଚର୍ବି ନ ବନାଇ ବ୍ୟକ୍ତିକୁ ମୋଟା ହେବାରେ ସହାୟ ହୋଇଥାଏ। କିସମିସରେ କର୍କଟ ରୋଗକୁ ପ୍ରତିରୋଧ କରିବାର କ୍ଷମତା ରହିଛି। ଏହାଛଡ଼ା କିସ୍‌ମିସ୍ ଖାଇବା ଦ୍ୱାରା ହୃଦ୍‌ରୋଗ, ମଧୁମେହ, ନିଦ୍ରାହୀନତା, ତ୍ୱଚା, କେଶ, କିଡନୀ ଜନିତ ରୋଗ ଆଦି ମଧ୍ୟ ଦୂର ହୋଇଥାଏ। ଏହାକୁ ନିୟମିତ ଖାଇଲେ ଅନେକ ସୁଫଳ ମିଳିବ।

# ମାତ୍ର ଗୋଟିଏ ଦିନ ଉପବାସ ନିହାତି କରିବା ଜରୁରୀ

ଉପବାସ କରିବା କେବଳ ଆଧ୍ୟାତ୍ମିକ ଭାବରେ ଆବଶ୍ୟକ ନୁହେଁ । ବରଂ ସ୍ୱାସ୍ଥ୍ୟ ପାଇଁ ମଧ ଆବଶ୍ୟକ । ହିନ୍ଦୁ ଧର୍ମରେ କୌଣସି ନା କୌଣସି ପୂଜା ପର୍ବ ବର୍ଷ ବର୍ଷ ଧରି ଚାଲିଥାଏ । ଏହାର ଅନେକ ଗୁଡିଏ ଲାଭ ମଧ କୁହାଯାଇଛି । ମେଡିକାଲ ସାଇନ୍ସ ରେ ଇଣ୍ଟର ମିଡିଏଟ ଫାଂଷ୍ଟିଙ୍ଗକୁ ନେଇ ଅନେକ ଗୁଡିଏ ଗବେଷଣା କରାଯାଇଛି । ଅନେକ ଗବେଷକ ଉପବାସ କୁ ଶରୀର ପାଇଁ ହିତକର ମଧ କହିଛନ୍ତି । ଗବେଷକଙ୍କ ମତରେ ସପ୍ତାହ କୁ ମାତ୍ର ଗୋଟିଏ ଦିନ ଉପବାସ ନିହାତି କରିବା ଜରୁରୀ । ଆସନ୍ତୁ ଜାଣିବା ସପ୍ତାହ କୁ ଗୋଟିଏ ଦିନ ଉପବାସ କରିବା ଦ୍ୱାରା କେଉଁସବୁ ଲାଭ ମିଳିଥାଏ ।

ସପ୍ତାହ ରେ ଗୋଟିଏ ଦିନ ଉପବାସ କରିବାର ପ୍ରଭାବ –

ଯେତେବେଳେ ଆମେ ସପ୍ତାହ ରେ ଗୋଟିଏ ଦିନ ଉପବାସ କରିଥାଉ ଓ ୨୪ ଘଣ୍ଟା ଭୋଜନ କରିନଥାଉ, ସେତେବେ ଆମ ଏନର୍ଜି ପାଇଁ ଶରୀରରେ ଜମା ରହିଥିବା ଫ୍ୟାଟ କାମରେ ଆସିଥାଏ । ଏହି ଉପବାସ ସମୟ ରେ ଆମେ କୌଣସି ଖାଦ୍ୟ ଗ୍ରହଣ ନକରି କେବଳ ଜଳ ଗ୍ରହଣ କରିବା ଜରୁରୀ । ଯଦି ଆମେ ଚାହିଁବା ତେବେ ଯେ କୌଣସି କ୍ୟାଲୋରୀ ବିହୀନ ଡ୍ରିଂକ୍ସ ସେବନ କରିପାରିବା । – ଆଣେ ରିସର୍ଚ୍ଚ ରୁ ଜଣା ପଡିଛି ଯେ ଏପରି କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ଓ ଆମ ମେଟାବୋଲିଯିମ ଉପରେ ସକାରାତ୍ମକ ପ୍ରଭାବ ପଡିଥାଏ । ଏହାଛଡା ହାର୍ଟ ର ସ୍ୱାସ୍ଥ୍ୟ ପାଇଁ ମଧ ଖୁବ ହିତକର। କ'ଣ ଉପବାସ ରେ ଓଜନ ହ୍ରାସ ହୋଇଥାଏ – – ଗବେଷକ ଙ୍କ ମତରେ ସପ୍ତାହ ରେ ଗୋଟିଏ ଦିନ ଉପବାସ ରହିବ ଦ୍ୱାରା ଓଜନ ହ୍ରାସ ପାଇଁ ସାହାଯ୍ୟ ମିଳିଥାଏ । କିନ୍ତୁ ଏଥିପାଇଁ ଠିକ ଉପାୟ ଜଣାଥିବା ଜରୁରୀ । ଉପବାସ ସମୟରେ ଅଧିକ ରୁ ଅଧିକ ପାଣି ପିଇବା ଜରୁରୀ ଯାହାକି ପରିଶ୍ରା ମାଧମ ରେ ଶରୀର ଡ଼ିଟକ୍ସ ହୋଇଥାଏ। – ୨୪ ଘଣ୍ଟା ପର୍ଯ୍ୟନ୍ତ ଉପବାସ ରହିବ ଦ୍ୱାରା ହାର୍ଟ ମଧ ସୁସ୍ଥ ରହିଥାଏ । ଏହି ଅଧ୍ୟୟନ ରେ ଜୀବଜନ୍ତୁ ଙ୍କୁ ନିଆଯାଇ ଅଧ୍ୟୟନ କରାଯାଇ ଥିଲା । ଯେଉଁଥିରେ ଜଣା ପଡିଥିଲା ଯେ ସପ୍ତାହ କୁ ଠାରେ ଉପବାସ କରିବା ଦ୍ୱାରା କ୍ୟାନ୍ସର ଭଳି ମାରାତ୍ମକ ବ୍ୟାଧି ରୁ ଦୁରେଇ ହୋଇ ରହିବା। ଆପଣ ନିଶ୍ଚୟ ଧ୍ୟାନ ଦେଇଥିବେ ଯେ କିଛି ଲୋକ ଶୀଘ୍ର ଖାଦ୍ୟ ଖାଆନ୍ତି । ଲାଗୁଛି ଯେପରି ସେମାନେ ତରବରିଆ ଅଛନ୍ତି ଏବଂ ଖାଦ୍ୟକୁ ନ ଖାଇ ଗିଳିଦିଅନ୍ତି । ଯେଉଁମାନେ ନିୟମିତ ଭାବରେ ଏହା କରୁଛନ୍ତି ସେମାନଙ୍କ ଶରୀରରେ ଆପେ ଆପେ ରୋଗ ସୃଷ୍ଟି ହେବା ଆରମ୍ଭ କରିଥାଏ । ଏପରି ପରିସ୍ଥିତିରେ ଶରୀର ଭିନ୍ନ ଭାବରେ ପ୍ରତିକ୍ରିୟା କରେ ଏବଂ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ଶରୀରରେ ଅନେକ କାର୍ଯ୍ୟ ଏହି ଖରାପ ଅଭ୍ୟାସ ହେତୁ ପ୍ରଭାବିତ ହୁଏ, ତେଣୁ ଶୀଘ୍ର ଖାଦ୍ୟ ଖାଇବାବେଳେ କ'ଣ କ୍ଷତି ହୋଇପାରେ ତାହା ଜାଣନ୍ତୁ । **୧. ଫୁଲିବା ସମସ୍ୟା** ଯେତେବେଳେ ଆମେ ଶୀଘ୍ର ଖାଇଥାଉ, ଏହା ଶରୀରରେ ଫୁଲିବା ସମସ୍ୟାକୁ ବଢ଼ାଇଥାଏ । ଏହା ଫୁଲିବା ଏବଂ ଗ୍ୟାସର ସମସ୍ୟାକୁ ବଢ଼ାଇଥାଏ । ଏହା ବ୍ୟତୀତ ଯେତେବେଳେ ଆପଣ ଖାଦ୍ୟକୁ ସଠିକ୍ ଭାବରେ ନଚୋବାଇ ଖାଆନ୍ତି, ସେବେ ଇନଡାଇଜେସନର ସମସ୍ୟା ଦେଖାଯାଏ ଯାହା ଫୁଲିବା ସମସ୍ୟାକୁ ଆହୁରି ବଢ଼ାଇଥାଏ, ପେଟ ଫୁଲିଯାଏ ଏବଂ ସମସ୍ୟା ଆହୁରି ବଢ଼ିଯାଏ । ଏପରି ପରିସ୍ଥିତିରେ ଶୀଘ୍ର ଖାଇବା ଅଭ୍ୟାସ ଛାଡିଦିଅ । **୨. ମେଦବହୁଳତା ବୃଦ୍ଧି ପାଇଥାଏ**

ମୋଟାପଣର ଏକ ମୁଖ୍ୟ କାରଣ ହେଉଛି ଶୀଘ୍ର ଶୀଘ୍ର ଖାଇବା । ବାସ୍ତବରେ, ଯେତେବେଳେ ଆପଣ ଖାଦ୍ୟ ଶୀଘ୍ର ଖାଆନ୍ତି, ମେଟାବୋଲିଜିମ୍ ମନ୍ଥର ହୋଇଯାଏ ଏବଂ ତା'ପରେ ଖାଦ୍ୟ ସଠିକ୍ ଭାବରେ ହଜମ ହୁଏନି ଏବଂ ଏହା ଓଜନ ବୃଦ୍ଧି ହେବାର କାରଣ ପାଲଟିଯାଏ । ଏଭଳି ପରିସ୍ଥିତିରେ ମେଦବହୁଳତାର ସମସ୍ୟା ଦ୍ରୁତ ଗତିରେ ବଢ଼ିଯାଏ ଏବଂ ତା'ପରେ ଏହାର ମୁକାବିଲା କରିବା କଷ୍ଟକର ହୋଇଯାଏ । ଏହା ବ୍ୟତୀତ ମେଦବହୁଳତା ଫୁଲିବା କାରଣରୁ ମଧ ହୋଇପାରେ । ତେଣୁ ଏହି ସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ, ଯେତେବେଳେ ବି ଆପଣ ଖାଦ୍ୟ ଖାଆନ୍ତି ସେବେ ଲଗାତାର ଭାବରେ ୨୦ ମିନିଟ୍ ପର୍ଯ୍ୟନ୍ତ ଖାଆନ୍ତୁ । ଯଦି ଆପଣ ଏହା ନକରନ୍ତି ଏବଂ ଚୋବାଇବା ବିନା ଶୀଘ୍ର ଖାଦ୍ୟ ଗିଳିଦିଅନ୍ତି, ତେବେ ଆପଣ ଅନେକ ରୋଗର ଶିକାର ହେବାକୁ ପ୍ରସ୍ତୁତ ହୁଅନ୍ତୁ ।

# ବିଶ୍ୱ ମହାସାଗର ଦିବସ: ଭାରତ ମହାସାଗରର, ଅଭେଦ୍ୟ ରହସ୍ୟ

ପୃଥିବୀର ୭୦ ପ୍ରତିଶତରୁ ଅଧିକ ଅଞ୍ଚଳକୁ ଆବୋରି ବସିଛି ସମୁଦ୍ର। ଆଉ ସମୁଦ୍ରର ଅଥଳ ଜଳରାଶି ଭିତରେ କେତେ କ'ଣ ଅଛି ତାହା ସଂପୂର୍ଣ୍ଣ ଆବିଷ୍କୃତ ହୋଇନାହିଁ ! ଏମିତି କହିବାକୁ ଗଲେ ପୃଥିବୀ ପୃଷ୍ଠରେ ସମୁଦ୍ର ହେଉଛି ଗୋଟାଏ ଅଜ୍ଞାତ ଦୁନିଆ। ତା'ର ଅନେକ ରହସ୍ୟକୁ ଆଜିଯାଏ ବିଶେଷଜ୍ଞମାନେ ଭେଦ କରିବାକୁ ସମର୍ଥ ହୋଇ ନାହାନ୍ତି। ତେଣୁ, କୁହାଯାଏ ମଙ୍ଗଳଗ୍ରହ ପୃଷ୍ଠ ବିଷୟରେ ଆମର ଯେତିକି ଯେତିକି ଜ୍ଞାନ, ସମୁଦ୍ରଶଯ୍ୟା ବିଷୟରେ ଜ୍ଞାନ ତା'ଠାରୁ ଯଥେଷ୍ଟ ନ୍ୟୂନ। ନିକଟ ଅତୀତରେ ଭାରତ ମହାସାଗରରେ ଏପରି କିଛି ଘଟଣା ଘଟିଛି, ଯାହାର ରହସ୍ୟ ଆଜି ପର୍ଯ୍ୟନ୍ତ ଭେଦ କରାଯାଇ ପାରିନାହିଁ। ସେ ମଧ୍ୟରୁ ୭ଟି ବହୁଚର୍ଚ୍ଚିତ ରହସ୍ୟ ଉପରେ ନଜର ପକାଇବା । ସମୁଦ୍ର ଉପରୁ ଉଭାନ୍ ଏମ୍‌ଏଚ୍‌୩୭୦ : ଭାରତ ମହାସାଗରରେ ମାଲେସିଆ ଏୟାରଲାଇନ୍‌ସ୍‌ର ବିମାନ ଏମ୍‌ଏଚ୍‌୩୭୦ର ଅନ୍ତର୍ଦ୍ଧାନ ଘଟଣା ହେଉଛି ଇତିହାସର ସବୁଠୁ ବିସ୍ମୟ ଉଦ୍ରେକକାରୀ ଘଟଣା ମଧ୍ୟରୁ ଅନ୍ୟତମ। ୨୦୧୪ ମାର୍ଚ୍ଚ ୮ ତାରିଖ ଦିନ କୁଆଲାଲମ୍ପୁରରୁ ୨୩୯ ଯାତ୍ରୀଙ୍କୁ ନେଇ ବେଜିଙ୍ଗ୍ ଯାଉଥିବା ଜେଟ୍‌ଟି ଅଚାନକ ରାଡାର ପରଦାରୁ ଉଭେଇ ଗଲା। ତା'ପରେ ଅନେକ ଦେଶ କୋଟି କୋଟି ଟଙ୍କା ବ୍ୟୟ କରି ୪ ବର୍ଷ ପର୍ଯ୍ୟନ୍ତ ଭାରତ ମହାସାଗରରେ ବ୍ୟାପକ ତଲାସୀ କରିବା ପରେ ବି ବିମାନଟିର ଭଗ୍ନାଂଶ ପଡ଼ିଥିବା ସ୍ଥାନକୁ ଗତ ୧୦ ବର୍ଷ ଭିତରେ ନିରୂପଣ କରିପାରି ନାହାନ୍ତି। ଏମ୍‌ଏଚ୍‌୩୭୦ ଉଭାନ୍‌କୁ ନେଇ ବହୁ କପୋଳକଳ୍ପିତ କାହାଣୀ ଶୁଣିବାକୁ ମିଳେ। ତେବେ ଏହି ଘଟଣାର ରହସ୍ୟ ଭେଦ କରିବା ପାଇଁ ନିଖୋଜ ବିମାନର ଯାତ୍ରୀମାନଙ୍କ ପରିବାର ବିଶ୍ୱ ସମୁଦାୟକୁ ନିବେଦନ କରିଛନ୍ତି। ସଂପ୍ରତି ସମୁଦ୍ର ମଧ୍ୟରେ ନିୟନ୍ତ୍ରିତ ବିସ୍ଫୋରଣ କରି ବିମାନ ପଡ଼ିଥିବା ସ୍ଥାନ ନିରୂପଣ କରିବା ଲାଗି ବୈଜ୍ଞାନିକମାନେ ଉଦ୍ୟମ କରୁଛନ୍ତି। ଏହି ବିସ୍ଫୋରଣରୁ ସୃଷ୍ଟ ସଙ୍କେତକୁ ଅନୁଧ୍ୟାନ କରି ସେମାନେ ହୁଏତ ସମୁଦ୍ର ଶଯ୍ୟାରେ ପଡ଼ିଥିବା ବିମାନର ସନ୍ଧାନ ପାଇବେ ବୋଲି ଆଶା କରିଛନ୍ତି। ୨୦୧୨ର ସାମୁଦ୍ରିକ ଭୂମିକମ୍ପ: ୨୦୧୨ ଏପ୍ରିଲ୍ ୧୧ରେ ସମୁଦ୍ର ଭିତରେ ହୋଇଥିବା ଭୂମିକମ୍ପ ଏବଂ ତା' ପରବର୍ତ୍ତୀ ଭୂକମ୍ପନ ଭାରତ ମହାସାଗର ଅଞ୍ଚଳକୁ ଦୋହଲାଇ ଦେଇଥିଲା। ବୈଜ୍ଞାନିକ ଓ ଭୂମିକମ୍ପ ବିଶେଷଜ୍ଞମାନଙ୍କୁ ଏହି ଘଟଣା ବିସ୍ମିତ କରିଥିଲା। ଇଣ୍ଡୋନେସିଆର ସୁମାତ୍ରା ଉପକୂଳବର୍ତ୍ତୀ ସମୁଦ୍ରରେ ପ୍ରଥମେ ୮.୬ ତୀବ୍ରତାସମ୍ପନ୍ନ ଭୂମିକମ୍ପ ହେଲା। ତା'ର କିଛି ସମୟ ପରେ ୮.୨ ତୀବ୍ର ଆଉ ଏକ ଭୂମିକମ୍ପ ଓ ତା'ପରେ କିଛି କିଛି ସମୟ ବ୍ୟବଧାନରେ ଘଟିଗଲା କେତେଗୁଡ଼ିଏ ଶକ୍ତିଶାଳୀ କମ୍ପନ। ଏହି ଭୂମିକମ୍ପର ଜଟିଳତା ଓ କମ୍ପନ ଉତ୍ପତ୍ତିର ଅସ୍ୱାଭାବିକ ଦୂରତ୍ୱ ହିଁ ଭୂମିକମ୍ପ ଘଟଣାକୁ ରହସ୍ୟାବୃତ କରିପକାଇଲା। ଭୂପୃଷ୍ଠ ଅଭ୍ୟନ୍ତରରେ ଥିବା ଭୂଖଣ୍ଡ ଓ ଶିଳାଖଣ୍ଡ ଚଳନର ପ୍ରକ୍ରିୟା ଉପରେ ବୈଜ୍ଞାନିକମାନେ ସନ୍ଦେହ ପ୍ରକଟ କଲେ। ଭାରତ, ଶ୍ରୀଲଙ୍କା ଓ ଥାଇଲାଣ୍ଡ୍‌ରେ ଅନୁଭୂତ ଏହି ଭୂମିକମ୍ପ ଏବଂ ତା'ର ପରବର୍ତ୍ତୀ କମ୍ପନର ପ୍ରକୃତ କାରଣ ଜାଣିବାକୁ ଏବେ ମଧ୍ୟ ବୈଜ୍ଞାନିକମାନେ ଅନୁସନ୍ଧାନ ଚଳାଇଛନ୍ତି। ଭାରତ ମହାସାଗର ଶଯ୍ୟାରେ ଥିବା ଜିଓଗ୍ଲିଫ୍ : ଭାରତ ମହାସାଗର ଶଯ୍ୟାରେ ଗୋଟାଏ ପ୍ରାଚୀନ ନଗରୀ ବୁଡ଼ି ରହିଛି ବୋଲି କୋଙ୍କଣ ଉପକୂଳରୁ ଆବିଷ୍କୃତ ଜିଓଗ୍ଲିଫ୍ ବା ଶିଳାରେ ଖୋଦିତ ରୂପାଙ୍କନରୁ ଅନୁମାନ କରାଯାଏ। ସମୁଦ୍ରଶଯ୍ୟାରେ ସୁବ୍ୟବସ୍ଥିତ ଭାବେ ସଜ୍ଜିତ ଏହି ସବୁ ଶିଳା ଖୋଦିତ ବିଶାଳ ଜ୍ୟାମିତିକ ଆକୃତିଗୁଡ଼ିକର ଭାଗମାପ ଓ ବିଶାଳତା ଗବେଷକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କୁ ଚମତ୍କୃତ କରିଛି। ସେଗୁଡ଼ିକ ମଧ୍ୟରୁ କେତେକ ମାଇଲ୍ ମାଇଲ୍ ବ୍ୟାପୀ ଲମ୍ବିଛି। ସେଥିରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟରୁ ସ୍ପଷ୍ଟ ଅନୁମେୟ ଯେ, ତାହା ପୋତି ହୋଇ ପଡ଼ିଥିବା କୌଣସି ସଭ୍ୟତା ହୋଇପାରିଥାଏ। ପାଣି ଭିତରେ ଥିବା ଏହି ରହସ୍ୟମୟ ସ୍ଥାପତ୍ୟର ଉଦ୍ଦେଶ୍ୟ ଓ ଉତ୍ପତ୍ତି ଜଣା ପଡୁ ନ ଥିବାରୁ ଏ ବିଷୟରେ ଅନେକ କଥାକାହାଣୀ ଶୁଣିବାକୁ ମିଳେ। ହୁଏତ ତାହା ନଷ୍ଟ ହୋଇଯାଇଥିବା ସଭ୍ୟତାର ଧ୍ୱଂସାବଶେଷ, ପ୍ରାଚୀନ ସଙ୍କେତାବଳୀ ଅଥବା ଗୁଢ଼ ତାତ୍ପର୍ଯ୍ୟ ଥିବା ଦେବୀ ସଙ୍କେତ ମହାବଳୀପୁରମର ବିଧ୍ୱସ୍ତ ନଗରୀ କିଂବଦନ୍ତି କହେ, ତାମିଲନାଡୁର ଉପକୂଳବର୍ତ୍ତୀ ନଗରୀ ମହାବଳୀପୁରମ୍ ନିକଟ ଭାରତ ମହାସାଗରରେ ଜଳରାଶିରେ ନଗରୀଟିଏ ବୁଡ଼ିଯାଇଛି। ଇତିହାସ ଓ ପୁରାଣ ସମୃଦ୍ଧ ମହାବଳୀପୁରମ୍ ପ୍ରାଚୀନ ମନ୍ଦିର ଓ ଶିଳା କଟାଯାଇ ନିର୍ମାଣ କରାଯାଇଥିବା ଅଟ୍ଟାଳିକା ଲାଗି ପ୍ରସିଦ୍ଧ। ତେଣୁ, ଭାରତ ମହାସାଗରେ ନିମଜ୍ଜିତ ଉକ୍ତ ନଗରୀ ପିଢ଼ି ପରେ ପିଢ଼ି ଅନ୍ୱେଷଣକାରୀ ଓ ଐତିହାସିକମାନଙ୍କୁ କେ?ତୂହଳୀ କରିଛି। କଥିତ ଅଛି ଏହି ମହାନଗରୀ ସମ୍ଭବତଃ ସୁନାମି ଅଥବା ଭୟଙ୍କର ବନ୍ୟା ଯୋଗୁଁ ସମୁଦ୍ରରେ ବୁଡି ଯାଇ ଲୋକଲୋଚନ ଅନ୍ତରାଳକୁ ଚାଲିଯାଇଛି। ଉପକୂଳ ଅଞ୍ଚଳ ସମୁଦ୍ରଶଯ୍ୟାରେ କେତେକ ଗବେଷକ ଓ ବୁଡ଼ାଳି କିଛି କୋଠାବାଡ଼ି ବୁଡ଼ି ରହିଥିବା କଥା କହୁଛନ୍ତି, କିନ୍ତୁ ତାହା ଯେ ପ୍ରାଚୀନ ନଗରୀର ଧ୍ୱଂସାବଶେଷ ସେ ବିଷୟରେ ସୁନିଶ୍ଚିତ ପ୍ରମାଣ ଦେଇ ପାରିନାହାନ୍ତି। ଏହାଛଡ଼ା, ୨୦୦୫ରେ ଆସିଥିବା ସୁନାମି ଢେଉଜନିତ ଜଳରାଶି ପୁନଶ୍ଚ ବେଳାଭୂମିରୁ ଦୂର ସମୁଦ୍ରକୁ ଫେରିଯିବା ସମୟରେ ମୁହୂର୍ତ୍ତକ ପାଇଁ ସମୁଦ୍ରଶଯ୍ୟା ଦେଖାଯାଇଥିଲା।

# ଅଧିକ ଲୁଣ ଖାଇଲେ ହୃଦଘାତ ଏବଂ ଷ୍ଟ୍ରୋକ ହେବାର ଆଶଙ୍କା



ଖାଦ୍ୟରେ କମ କିମ୍ବା ଅଧିକ ଲୁଣ ଥିଲେ, ତାହା ଖାଦ୍ୟର ସ୍ୱାଦକୁ ନଷ୍ଟ କରିଦିଏ। ଏଭଳି ପରିସ୍ଥିତିରେ ଭାରତୀୟ ଲୋକମାନେ ଲୁଣ ସହ କୌଣସି ବୁଝାମଣା କରନ୍ତି ନାହିଁ। ଭାରତରେ ଲୁଣ ବ୍ୟବହାର ଅଧିକ ହୋଇଥାଏ। ନିକଟରେ ନେଚର ପୋର୍ଟଫୋଲିଓରେ ପ୍ରକାଶିତ ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଭାରତୀୟମାନେ ଦିନକୁ ୮ ଗ୍ରାମ ଲୁଣ ଖାଉଛନ୍ତି, କିନ୍ତୁ ଜଣେ ବ୍ୟକ୍ତିକୁ ୫ ଗ୍ରାମ ଲୁଣ ଖାଇବା ଉଚିତ ।

ଦୈନିକ ଲୁଣ ଗ୍ରହଣକୁ ଆକଳନ କରିବା ପାଇଁ ଏକ ବିଶ୍ୱସ୍ତରୀୟ ମାନକ ସୂତ୍ର ବ୍ୟବହୃତ ହୋଇଥିଲା। ଅଧ୍ୟୟନରେ କ'ଣ ପ୍ରକାଶ ପାଇଲା ଆସନ୍ତୁ ଜାଣିବା। ଅଧିକ ଲୁଣ ଖାଇବାର ବିପଦ :-ଜଣେ ବ୍ୟକ୍ତିକୁ ଦିନରେ ୫ ଗ୍ରାମ ଲୁଣ ଆବଶ୍ୟକ। ଯଦି ଲୁଣ ସଠିକ ପରିମାଣରେ ଖିଆଯାଏ, ତେବେ ଏହା ସ୍ନାୟୁ ଏବଂ ମାଂସପେଶୀକୁ ସଠିକ ଭାବରେ କାମ କରିବାରେ ସାହାଯ୍ୟ କରେ। ବାସ୍ତବରେ, ସୋଡିୟମ ଲୁଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ତେଣୁ ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପର ସମସ୍ୟା ହୋଇପାରେ। ଏହା ବ୍ୟତୀତ ହୃଦଘାତ ଏବଂ ଷ୍ଟ୍ରୋକ ହେବାର ଆଶଙ୍କା ମଧ୍ୟ ରହିଛି। ଆଜିକାଲି ବଜାରରେ କମ ସୋଡିୟମ ଲୁଣ ଉପଲବ୍ଧ। କିନ୍ତୁ ଏଥିରେ ଅଧିକ ପୋଟାସିୟମ ରହିଛି। ଏହା ଏକ ସୁସ୍ଥ ବ୍ୟକ୍ତି ପାଇଁ ଭଲ। କିନ୍ତୁ ମଧୁମେହ, ହୃଦ୍‌ରୋଗ ଏବଂ ବୃକକ୍ ରୋଗରେ ପୀଡିତ ଲୋକଙ୍କ ପାଇଁ ଏହା ବିପଜ୍ଜନକ ପ୍ରମାଣିତ ହୋଇପାରେ ।

ଅଧ୍ୟୟନରୁ କ'ଣ ହୋଇଛି ଖୁଲାସା :- ଅଧ୍ୟୟନ ଅନୁଯାୟୀ, ସମସ୍ତ ବୟସ୍କମାନେ ଅଧିକ ଲୁଣ ଖାଉଥିବା ଦେଖିବାକୁ ମିଳିଛି। ଯାହା ଦର୍ଶାଇଲା ଯେ ପୁରୁଷଙ୍କ ମଧ୍ୟରେ ଲୁଣ ଗ୍ରହଣ ଦିନକୁ ୮.୯ ଗ୍ରାମ ଥିବା ବେଳେ ମହିଳାଙ୍କର ୭.୯ ଗ୍ରାମ ଅଧିକ ଥିଲା। ଏହା ବ୍ୟତୀତ ବେରୋଜଗାରୀଙ୍କ ତୁଳନାରେ ଚାକିରିଆଙ୍କଠାରେ (୮.୬ ଗ୍ରାମ) ଅଧିକ ଲୁଣ ଖାଉଥିବା ଦେଖିବାକୁ ମିଳିଛି ।

# ଷ୍ଟ୍ରୋକ ଏବଂ ଥକାପଣ ପାଇଁ ବେଶ୍ ଲାଭଦାୟକ ଲବଙ୍ଗ

ସ୍ୱାସ୍ଥ୍ୟ ପାଇଁ ବେଶ ଲାଭକାରୀ ଲବଙ୍ଗ। ପ୍ରତ୍ୟେକ ରୋଷେଇ ଘରେ ସହଜରେ ମିଳିଯାଇଥାଏ ଲବଙ୍ଗ। ଆୟୁର୍ବେଦରେ ମଧ ଲବଙ୍ଗର ବେଶ୍ ଗୁରୁତ୍ୱ ରହିଛି। ଯାହା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିପାରିବ। ଲବଙ୍ଗରେ ପ୍ରୋଟିନ୍, ଆଇରନ୍, କାର୍ବୋହାଇଡ୍ରେଟ୍, କ୍ୟାଲସିୟମ ଏବଂ ସୋଡିୟମ ଏସିଡ ଭରପୂର ରହିଛି। ଲବଙ୍ଗ ଥଣ୍ଡା, ଉତ୍ତାପ ଷ୍ଟ୍ରୋକ ଏବଂ ଥକାପଣ ପାଇଁ ବେଶ୍ ଲାଭଦାୟକ। ଲବଙ୍ଗ ଖାଦ୍ୟ ହଜମ କରିବାରେ ସାହାଯ୍ୟ କରିଥାଏ। ଯେଉଁକାରଣରୁ କୋଷ୍ଠକାଠିନ୍ୟ ପରି ହଜମ ପ୍ରକ୍ରିୟାକୁ ରୋକିଥାଏ। ପ୍ରତିଦିନ ୨ ଟି ଲବଙ୍ଗ ଖାଇବା ଆବଶ୍ୟକ। ଏହା ମଧୁମେହକୁ ନିୟନ୍ତ୍ରଣରେ ରଖେ। ସି ଏବଂ କିଛି ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଶରୀରରେ ଶ୍ୱେତ ରକ୍ତ କଣିକା ବଢାଇଥାଏ ଏବଂ କୋଷଗୁଡ଼ିକ ଶରୀରର ରୋଗ ବିରୁଦ୍ଧରେ ଲଢିବା ପାଇଁ କାର୍ଯ୍ୟ କରନ୍ତି। ଲବଙ୍ଗ ଖାଇବା ଦ୍ୱାରା ହାଡର ଘନତା ବୃଦ୍ଧି ହୋଇଥାଏ । ଲବଙ୍ଗରେ କ୍ୟାଲସିୟମ, ଆଇରନ୍, ମ୍ୟାଗ୍ନେସିୟମ୍, ଫସଫରସ୍, ପୋଟାସିୟମ୍, ସୋଡିୟମ ଏବଂ ଜିଙ୍କ ପରି ଖଣିଜ ପଦାର୍ଥ ରହିଥାଏ। ଲବଙ୍ଗର ନିୟମିତ ବ୍ୟବହାର ଦ୍ୱାରା ଯୌନ ସମସ୍ୟାରୁ ମୁକ୍ତି ମିଳିଥାଏ। ଲବଙ୍ଗକୁ ନିୟମିତ ଖାଇବା ଦ୍ୱାରା ଷ୍ଟାମିନା ବୃଦ୍ଧି ହୋଇଥାଏ । ରାତିରେ ଶୋଇବା ପୂର୍ବରୁ ଲବଙ୍ଗ ଖାଇଲେ କୋଷ୍ଠକାଠିନ୍ୟ, ଝାଡ଼ା, ଅମ୍ଳତା ଇତ୍ୟାଦି ସମସ୍ୟାରୁ ମୁକ୍ତି ଦେଇଥାଏ। ଏଥିପାଇଁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ୨ଟି ଲବଙ୍ଗ ଖାଆନ୍ତୁ ।





# ଏହି ମନ୍ଦିରରେ ବଢୁଛି ମୂର୍ତ୍ତିର ଆକାର

## ଭାଙ୍ଗି ପଡୁଛି ଗୋଟିଏ ପରେ ଗୋଟିଏ ସ୍ତମ୍ଭ







ଭାରତକୁ ଚମତ୍କାରର ଦେଶ ଏମିତି ହିଁ କୁହାଯାଏ ନାହିଁ । ଆମ ଦେଶରେ ଏମିତି କିଛି ମନ୍ଦିର ରହିଛି, ଯାହା ବିଷୟରେ ଜାଣିଲେ , ଆପଣ ଆଶ୍ଚର୍ଯ୍ୟ ହୋଇଯିବେ। ଆଜି ଆମେ ଦକ୍ଷିଣ ଭାରତର ଏକ ମନ୍ଦିର ବିଷୟରେ ଜାଣିବା। କୁହାଯାଉଛି ଯେ, ଏଠାରେ ମୂର୍ତ୍ତିର ଆକାର ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି । ଏହି ମନ୍ଦିର ଭଗବାନ ଶଙ୍କର ଏବଂ ପାର୍ବତୀଙ୍କର ଅଟେ। ଏଠାରେ ଅବସ୍ଥିତ ନନ୍ଦୀଙ୍କ ପ୍ରତିମୂର୍ତ୍ତି ଦିନକୁ ଦିନ ବୃଦ୍ଧି ପାଉଛି ବୋଲି କୁହାଯାଉଛି । ଏପରିକି ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ନିଜେ ମଧ ଏହା ନିଶ୍ଚିତ କରିଛନ୍ତି । ତେବେ ଆସନ୍ତୁ ବିସ୍ତୃତ ଭାବରେ ଏହା ବିଷୟରେ ଜାଣିବା। ଆନ୍ଧ୍ରପ୍ରଦେଶର କୁର୍ନୁଲଠାରେ ଏହି ମନ୍ଦିରଟି ଅବସ୍ଥିତ। ଯାହାର ନାମ ହେଉଛି ଶ୍ରୀ ଯଙ୍ଗତି ଉମା ମହେଶ୍ୱରା ମନ୍ଦିର। ଏହି ଅନନ୍ୟ ମନ୍ଦିର ବିଷୟରେ କୁହାଯାଉଛି ଯେ ଏଠାରେ ଥିବା ନନ୍ଦୀଙ୍କ ଆକାର କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ରାସ୍ତାରେ ଥିବା କିଛି ସ୍ତମ୍ଭକୁ ହଟାଇ ଦିଆଯାଇଛି। ନନ୍ଦୀ ଚାରିପାଖରେ ଥିବା ଅନେକ ସ୍ତମ୍ଭକୁ ଗୋଟିଏ ପରେ ଗୋଟିଏ ଭାଙ୍ଗିବାକୁ ପଡୁଛି। ବୈଷ୍ଣବ ପରମ୍ପରା ଅନୁଯାୟୀ ଏହି ମନ୍ଦିର ନିର୍ମାଣ କରାଯାଇଛି। ଏହାକୁ ପଞ୍ଚଦଶ ଶତାବ୍ଦୀରେ ବିଜୟାନଗର ସାମ୍ରାଜ୍ୟର ସଙ୍ଗମ ରାଜବଂଶର ରାଜା ହରିହର ବୁକ୍କା ରାୟ ନିର୍ମାଣ କରିଥିଲେ। ଏହି ମନ୍ଦିର ହାଇଦ୍ରାବାଦ ଠାରୁ ୩୦୮ କିଲୋମିଟର ଏବଂ ବିଜୟୱାଡା ଠାରୁ ୩୫୯ କିଲୋମିଟର ଦୂରରେ ଅବସ୍ଥିତ। ଯାହା ପ୍ରାଚୀନ କାଳର ପଲ୍ଲବ, ଚୋଳା, ଚଲୁକ୍ୟାଜ ଏବଂ ବିଜୟନଗର ଶାସକଙ୍କ ପରମ୍ପରାକୁ ପ୍ରତିଫଳିତ କରିଥାଏ । ଭଗବାନ ଶଙ୍କର ଏବଂ ମାତା ପାର୍ବତୀଙ୍କ ଏହି ମନ୍ଦିର ସମ୍ମୁଖରେ ଅବସ୍ଥିତ। ନନ୍ଦୀଙ୍କ ପ୍ରତିମୂର୍ତ୍ତି ପୂର୍ବରୁ ବହୁତ ଛୋଟ ଥିଲା। ବୈଜ୍ଞାନିକମାନେ କହିଛନ୍ତି ଯେ ପ୍ରତି ୨୦ ବର୍ଷରେ ନନ୍ଦୀଙ୍କ ପ୍ରତିମୂର୍ତ୍ତି ଏକ ଇଞ୍ଚ ବଢୁଛି। କୁହାଯାଏ ଯେ ଏକ ଅଭିଶାପ ହେତୁ ଏହି ମନ୍ଦିରରେ କାଉ ଦେଖାଯାଏ ନାହିଁ। ବିଶ୍ୱାସ କରାଯାଏ ଯେ ମନ୍ଦିରର ସ୍ଥାପନା ଋଷି ଅଗସ୍ତ୍ୟ କରିଥିଲେ। ସେ ଏଠାରେ ପ୍ରଭୁ ଭେଙ୍କଟେଶ୍ୱରଙ୍କ ଏକ ମନ୍ଦିର ନିର୍ମାଣ କରିବାକୁ ଚାହୁଁଥିଲେ, କିନ୍ତୁ ନିର୍ମାଣ କରିବାବେଳେ ମୂର୍ତ୍ତିର ଆଙ୍ଗୁଠି ଭାଙ୍ଗିବା ହେତୁ ମନ୍ଦିର ପ୍ରତିଷ୍ଠାନକୁ ଅଧାରୁ ବନ୍ଦ କରିବାକୁ ପଡିଲା। ଏଥିରେ ନିରାଶ ହୋଇ ଅଗସ୍ତ୍ୟ ଋଷି ଭଗବାନ ଶିବଙ୍କୁ ତପସ୍ୟା କରିବାକୁ ଲାଗିଲେ। ଏହାପରେ ଭଗବାନ ଶିବ ତା'ଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ କହିଥିଲେ ଯେ ଏଠାରେ ତାଙ୍କ ମନ୍ଦିର ନିର୍ମାଣ କରିବା ଉପଯୁକ୍ତ ହେବ। କିମ୍ବଦନ୍ତୀ ଅନୁଯାୟୀ, ଯେତେବେଳେ ଅଗସ୍ତ୍ୟ ଋଷି ତପସ୍ୟା କରୁଥିଲେ, କାଉମାନେ ଆସି ତାଙ୍କୁ ହଇରାଣ କରୁଥିଲେ। ଏଥିରେ କ୍ରୋଧିତ ହୋଇ ଋଷି କାଉମାନଙ୍କୁ ଅଭିଶାପ ଦେଇଥିଲେ ଯେ, ସେମାନେ ଆଜିଠାରୁ ଏଠାକୁ କେବେ ଆସିପାରିବେ ନାହିଁ । କାଉକୁ ଶନି ଦେବଙ୍କ ବାହନ ବୋଲି କୁହାଯାଉଥିବାରୁ ଏଠାରେ ଶନି ଦେବ ମଧ ବାସ କରନ୍ତି ନାହିଁ। ଏଠାରେ ଶିବ-ପାର୍ବତୀ ଅର୍ଦ୍ଧନାରୀଶ୍ୱର ରୂପରେ ବିରାଜମାନ କରିଛନ୍ତି ଏବଂ ଏହି ପ୍ରତିମାକୁ ଗୋଟିଏ ପଥରରେ ଖୋଦନ କରାଯାଇ ନିର୍ମାଣ କରାଯାଇଛି। ବୋଧହୁଏ ଏହା ହେଉଛି ପ୍ରଥମ ମନ୍ଦିର ଯେଉଁଠାରେ ଭଗବାନ ଶିବଙ୍କୁ ଶିବଲିଙ୍ଗ ଆକାରରେ ନୁହେଁ ବରଂ ଏକ ପ୍ରତିମୂର୍ତ୍ତି ଭାବରେ ପୂଜା କରାଯାଏ । ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦ୍ୱାରା ଚତୁର୍ଦ୍ଦିଗରେ ଏହି ମନ୍ଦିରର ଏକ ବିଶେଷ ବୈଶିଷ୍ଟ୍ୟ ରହିଛି । ଏଠାରେ ଥିବା ପୁଷ୍କାର୍ଣିମୀ ନାମକ ପବିତ୍ର ଜଳସ୍ରୋତରୁ ନିରନ୍ତର ଜଳ ପ୍ରବାହିତ ହୁଏ। ୧୨ ମାସ ଧରି ଏହି ପୁଷ୍କାର୍ଣିମୀରେ ଜଳ କେଉଁଠୁ ଆସେ, ତାହା କେହି ଜାଣନ୍ତି ନାହିଁ। ଭକ୍ତମାନେ ବିଶ୍ୱାସ କରନ୍ତି ଯେ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ପବିତ୍ର ଜଳରେ ସ୍ନାନ କଲେ ସମସ୍ତ ପାପ ଧୋଇଯାଏ ।

# ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ହରାଇଲା ଦକ୍ଷିଣ ଆଫ୍ରିକା

**ନ୍ୟୁୟର୍କ**

ଟି୨୦ ବିଶ୍ୱକପରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌କୁ ୬ ଉଇକେଟରେ ଜିତି ଦକ୍ଷିଣ ଆଫ୍ରିକା ଅଭିଯାନ ଆରମ୍ଭ କରିଛି। ଆନରିଚ୍ ନର୍ଜେ ଘାତକ ବୋଲିଂ କରି ୭ ରନ୍‌ରେ ୪ ଉଇକେଟ ନେବାରୁ ଶ୍ରୀଲଙ୍କା ୧୯.୧ ଓଭରରେ ମାତ୍ର ୭୭ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୬.୨ ଓଭରରେ ୪ ଉଇକେଟ ହରାଇ ୮୦ ରନ୍ କରିଥିଲା। ଶ୍ରୀଲଙ୍କା ଏହାର ଟି୨୦ ବିଶ୍ୱକପ ଇତିହାସର ସର୍ବନିମ୍ନ ସ୍କୋର କରିଥିଲା।



ପେସ୍ ବୋଲିଂ ସହାୟକ ପିଚ୍‌ରେ ଶ୍ରୀଲଙ୍କା ଆଶ୍ଚର୍ଯ୍ୟଜନକ ଭାବରେ ପ୍ରଥମେ ବ୍ୟାଟିଂ କରିଥିଲା। ଶ୍ରୀଲଙ୍କାର ୮ ଜଣ ଖେଳାଳି ୨ ଅଙ୍କରେ ପହଞ୍ଚିପାରି ନ ଥିବା ବେଳେ କୁଶାଲ ମେଣ୍ଡିସ୍ ସର୍ବାଧିକ ୧୯ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଜେଲୋ ମାଥ୍ୟୁସ୍ ୧୬ ଓ କାମିନ୍ଦୁ ମେଣ୍ଡିସ ୧୧ ରନ୍ କରିବାରୁ ଶ୍ରୀଲଙ୍କା ୭୭ ରନ୍‌ରେ ପହଞ୍ଚିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆନରିଚ୍ ନର୍ଜେ ୪, କେଶବ ମହାରାଜ, କାଗିସୋ ରାବାଡ଼ା ୨ଟି ଲେଖାଏଁ ଓ ଓଟ୍‌ନିଲ୍ ବାର୍ଟମାନ୍ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା କ୍ୱିନ୍‌ଟନ୍ ଡି କକ୍‌ଙ୍କ ୨୦, ହେନ୍‌ରିଚ୍ କ୍ଲାସେନଙ୍କ ଅପରାଜିତ ୧୯ ଓ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ୧୩ ରନ୍ ବଳରେ ବିଜୟୀ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ୱାନିନ୍ଦୁ ହସରଙ୍ଗା ୨, ନୁଆନ୍ ଥୁସାରା ଓ ଦାସୁନ୍ ସନକା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆନରିଚ୍ ନର୍ଜେଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

# (ପିଏସସି) ଛାଡ଼ି ରିଅଲ ମାଡ୍ରିଡରେ ଯୋଗ ଦେଲେ କିଲିଆନ୍ ଏମ୍ବାପେ



**ନୂଆଦିଲ୍ଲୀ**

ଦୀର୍ଘ ବର୍ଷର କଳ୍ପନା ଜଳ୍ପନ ପରେ ଫ୍ରାନ୍ସ ଫୁଟ୍‌ବଲ ଅଧିନାୟକ କିଲିଆନ ଏମ୍‌ବାପେ ପ୍ୟାରିସ ସେଣ୍ଟ-ଜର୍ମାନ (ପିଏସସି) ଛାଡ଼ି ସ୍ପେନର କ୍ଲବ୍ ରିଅଲ ମାଡ୍ରିଡ୍ ସହିତ ପାଞ୍ଚ ବର୍ଷ ଚୁକ୍ତି କରିଛନ୍ତି। ୨୫ ବର୍ଷ ବୟସ୍କ ବିଶ୍ୱକପ ବିଜେତା ଏକ ମାଡ୍ରିଡ୍ ଦଳରେ ଯୋଗ ଦେଇଛନ୍ତି, ଯେଉଁଠି ପୂର୍ବରୁ ଅନେକ ତାରକା ଖେଳାଳି ଉପସ୍ଥିତ ରହିଛନ୍ତି।

ଅନ୍ୟପଟେ ଫ୍ରାନ୍ସ ଅଲିମ୍ପିକ୍ସ ଫୁଟ୍‌ବଲ ଦଳରୁ ବାଦ୍ ପଡ଼ିଛନ୍ତି ତାରକା ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ। ଥିଏରୀ ହେନରୀ ଏକ ପ୍ରୋଭିଜନାଲ ଦଳ ଘୋଷଣା କରିଥିବା ବେଳେ ଏଥିରେ ଏମ୍‌ବାପେଙ୍କ ନାମ ନାହିଁ। ଉଭୟ ହେନରୀ ଓ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମ୍ୟାକ୍ରଁ ତାଙ୍କୁ ଦଳରେ ଚାହୁଁଥିଲେ ମଧ୍ୟ ୨୫ ଜଣିଆ ଦଳରେ ତାଙ୍କୁ ସ୍ଥାନ ମିଳି ନାହିଁ। ଏମ୍‌ବାପେ ନିକଟରେ ପ୍ୟାରିସ୍ ସେଣ୍ଟ ଜର୍ମେନ(ପିଏସ୍‌ଜି) ଛାଡ଼ି ରିୟଲ ମାଡ୍ରିଡ୍‌ରେ ୫ ବର୍ଷ ପାଇଁ ସାମିଲ ହୋଇଛନ୍ତି।

କ୍ଲବ୍‌ଗୁଡିକ ଅଲିମ୍ପିକ୍ସ ପାଇଁ ଖେଳାଳିଙ୍କୁ ଛାଡ଼ିବା ବାଧ୍ୟତାମୂଳକ ନ ଥିବା ବେଳେ ଏମ୍‌ବାପେ ବାଦ୍ ପଡ଼ିଥିବା କୁହାଯାଉଛି। ଏହି ଦଳରେ ପିଏସ୍‌ଜିର ୱାରେନ୍ ଜାଇରେ ଏମିର, ବ୍ରାଡଲେ ବ୍ରାକୋଲା ଓ ଭେଟେରାନ୍ ଷ୍ଟ୍ରାଇକର ଆଲେକଜାଣ୍ଡ୍ରେ ଲାକାଜେଟେଙ୍କୁ ସାମିଲ କରାଯାଇଛି। ବାଦ୍ ପଡ଼ିବା ସମ୍ପର୍କରେ ଏମ୍‌ବାପେ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଅଲିମ୍ପିକ୍ସ ଖେଳିବା ମୋର ଇଚ୍ଛା ଥିଲା। କିନ୍ତୁ କ୍ଲବ୍ ନ ଛାଡ଼ିବାରୁ ଏଭଳି ନିଷ୍ପତ୍ତି ନେବାକୁ ପଡ଼ିଲା। କ୍ରିଷ୍ଟାଲ ପ୍ୟାଲେସର ଜିନ୍ ଫିଲିପ୍ ମାଟେଟା ଓ ମାଇକେଲ ଓଲ୍‌ସିଙ୍କୁ ଦଳରେ ସାମିଲ କରାଯାଇଛି।

## ଆଜି ଟି-୨୦ ବିଶ୍ୱକପ୍‌ରେ...

ଇଣ୍ଡିଆ ସହିତ ଆୟର୍ଲାଣ୍ଡ : ସନ୍ଧ୍ୟା ୮ଟା

# ଛାଡ଼ପତ୍ର ଚର୍ଚ୍ଚା ଉପରେ ବିରାମ ଲଗାଇଲେ ନତାଶା

**ନୂଆଦିଲ୍ଲୀ**



ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଏବେ ଚର୍ଚ୍ଚାରେ ରହିଛନ୍ତି। ପ୍ରଥମେ ତାଙ୍କ ଦଳ ଖରାପ ପ୍ରଦର୍ଶନ କରି ଆଇପିଏଲ ୨୦୨୪ରୁ ବାହାରିବା ପରେ ତାଙ୍କ ବିବାହ ଭାଙ୍ଗିବାକୁ ଯାଉଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। କୁହାଯାଉଥିଲା ଯେ, ପାଣ୍ଡ୍ୟା ଏବଂ ତାଙ୍କ ପତ୍ନୀ ନତାଶା ଷ୍ଟାନକୋଭିକ ପରସ୍ପରକୁ ଛାଡ଼ପତ୍ର ଦେବାକୁ ଯାଉଛନ୍ତି। ତେବେ ଏ ସମ୍ପର୍କରେ ଦୁହେଁ କୌଣସି ଅଧିକାରିକ ଘୋଷଣା କରିନଥିଲେ। ହେଲେ ନତାଶା ନିଜ ନାମରୁ ପାଣ୍ଡ୍ୟା ହଟାଇବା ସହ ସ୍ୱାମୀଙ୍କ ସହ ସବୁ ଫଟୋ ହଟାଇ ଦେଇଥିବାରୁ ଦୁହେଁ ଅଲଗା ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ହେଲେ ଏବେ ଏସବୁ ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି ନତାଶା। କ୍ୟାମେରା ଆଗକୁ ଆସି ପ୍ରତିକ୍ରିୟା ଦେଇନଥିଲେ ବି ସେ ଇନଷ୍ଟାଗ୍ରାମ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି। ସେ ଯେଉଁ ସବୁ ଫଟୋକୁ ଇନଷ୍ଟାରୁ ହଟାଇ ଦେଇଥିବା କୁହାଯାଉଥିଲା ବା ତାଙ୍କ ପେଜ୍‌ରେ ନଜର ଆସୁନଥିଲା, ଏବେ ସେ ସବୁ ଫଟୋ ରିଷ୍ଟୋର ହୋଇଛି। ପ୍ରଥମେ ଭାଲେଣ୍ଟାଇନ ଡେ ଓ ବିବାହର ଫଟୋ ନତାଶାଙ୍କ ପ୍ରୋଫାଇଲରେ ନଜର ଆସୁନଥିବା ବେଳେ ଏବେ ତାହା ନତାଶାଙ୍କ ପ୍ରୋଫାଇଲରେ ଦେଖିପାରୁଛନ୍ତି ଲୋକେ। ତେବେ ନତାଶାଙ୍କ ଏଭଳି କାମ ଦୁହିଁଙ୍କ ପ୍ରଶଂସକଙ୍କୁ ଖୁସି କରାଇଥିବା ବେଳେ ଅନେକ ତାଙ୍କୁ ଟ୍ରୋଲ କରିଛନ୍ତି। ଜାଣିଶୁଣି ଏଭଳି ଦୁହେଁ କରିଥିବା ଲୋକେ ଦାବି କରିବା ଆରମ୍ଭ କରିଛନ୍ତି।

# ଫ୍ରେଞ୍ଚ୍ ଓପନ୍ : ମେଦଭେଦେଭ ବିଦା
# କ୍ୱାର୍ଟରରେ ସାବାଲେଙ୍କା, ରିବାକିନା

**ପ୍ୟାରିସ୍**



ବିଶ୍ୱ ୫ ନମ୍ବର ତଥା ୨୦୨୧ ୟୁଏସ୍ ଓପନ୍ ବିଜେତା ଡାନିଲ ମେଦଭେଦେଭ ଚଳିତ ଫ୍ରେଞ୍ଚ ଓପନ୍ ଟେନିସ୍ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ରୁଷିଆ ଖେଳାଳିଙ୍କୁ ୪-୬, ୬-୨, ୬-୧, ୬-୩ ସେଟ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆର ଆଲେକ୍ସ ଡି'ମିନେର ବିଦାୟ ରାସ୍ତା ଦେଖାଇଛନ୍ତି। ଏହି ବିଜୟ ସହ ଏକାଦଶ ମାନ୍ୟତାପ୍ରାପ୍ତ ଡି'ମିନେର ପ୍ରଥମ ଥର ଲାଗି ଏଠାରେ କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ବିଜେତା ଜାନ୍ନିକ ସିନ୍ନର କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। କୋର୍ଟ ଫିଲିପ ଚାଟ୍ରିଅରରେ ଖେଳାଯାଇଥିବା ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଇଟାଲି ଖେଳାଳି ୨-୬, ୬-୩, ୬-୨, ୬-୧ ସେଟ୍‌ରେ ସ୍ଥାନୀୟ ଖେଳାଳି କୋରେଣ୍ଟିନ ମେଟେଟ୍‌ଙ୍କୁ ମାତ୍ ଦେଇଥିଲେ। ଏହି ବିଜୟ ସହ ସିନ୍ନର ଏଟିପି ମାନ୍ୟତାର ଶୀର୍ଷ ସ୍ଥାନ ଦଖଲ କରିବାର ଆଶାକୁ ଉଜ୍ଜୀବିତ ରଖିଛନ୍ତି। ସେ କ୍ୱାର୍ଟରଫାଇନାଲ୍‌ରେ ଦଶମ ମାନ୍ୟତାପ୍ରାପ୍ତ ଗ୍ରିଗର ଦିମିତ୍ରୋଭଙ୍କୁ ଭେଟିବେ। ବୁଲଗେରିଆର ଦିମିତ୍ରୋଭ ୭-୬, ୬-୪, ୭-୬ ସେଟ୍‌ରେ ଅଷ୍ଟମ ମାନ୍ୟତାପ୍ରାପ୍ତ ପୋଲାଣ୍ଡର ହୁବର୍ଟ ହୁର୍କାଜଙ୍କୁ ପରାସ୍ତ କରିଥିଲେ।

ବିଶ୍ୱର ଦୁଇ ନମ୍ବର ମହିଳା ଖେଳାଳି ଆରିନା ସାବାଲେଙ୍କା ଏବଂ ୪ ନମ୍ବର ଏଲିନା ରିବାକିନା ମହିଳା ଏକକ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପ୍ରିକ୍ୱାର୍ଟରଫାଇନାଲ୍‌ରେ ଅଷ୍ଟ୍ରେଲିଆନ୍ ଓପନ୍ ବିଜୟିନୀ ସାବାଲେଙ୍କା ସିଧାସଳଖ ୬-୨, ୬-୩ ସେଟ୍‌ରେ ଆମେରିକାର ଏମ୍ମା ନାଭାରୋଙ୍କୁ ହରାଇଛନ୍ତି। ଏଥିସହ ଏହି ବେଲାରୁଷ୍ ମହିଳା ଚଳିତ ବର୍ଷ ଗ୍ରାଣ୍ଡ ସ୍ଲାମ୍‌ରେ ଲଗାତାର ସିଧାସଳଖ ୧୧ ବିଜୟ ପାଇବା ସହ ପ୍ୟାରିସ୍‌ରେ ପ୍ରଥମ ଟ୍ରଫି ଦିଗରେ ଗୋଟିଏ ପାଦ ବଢ଼ାଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ରୁଷିଆ ୧୭ ବର୍ଷୀୟା ଯୁବତୀ ମୀରା ଆନ୍ଦ୍ରିଭାଙ୍କ ଭେଟିବେ। ଆନ୍ଦ୍ରିଭା ୭-୫, ୬-୨ ସେଟ୍‌ରେ ଫ୍ରାନ୍ସର ଭାରଭାରା ଗ୍ରଚିଭାଙ୍କୁ ହରାଇଛନ୍ତି। ୨୦୨୨ ୱିମ୍ବଲଡନ୍ ବିଜୟିନୀ କାଜାଖସ୍ତାନର ରିବାକିନା ୬-୪, ୬-୩ ସେଟ୍‌ରେ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟରଫାଇନାଲ୍‌ରେ ସେ ଦ୍ୱାଦଶ ମାନ୍ୟତାପ୍ରାପ୍ତ ଜସ୍ମିନ ପାଓଲିନ୍‌ଙ୍କୁ ଭେଟିବେ। ଇଟାଲିର ପାଓଲିନ ୪-୬, ୬-୦, ୬-୧ ସେଟ୍‌ରେ ରୁଷିଆର ଏଲିନା ଆଭାନେସ୍ୟାନଙ୍କୁ ହରାଇ ପ୍ରଥମ ଥର ଗ୍ରାଣ୍ଡ ସ୍ଲାମ୍ କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି।

ବାଲାଜୀଙ୍କୁ ହରାଇ କ୍ୱାର୍ଟରରେ ବୋପାନ୍ନା ପୁରୁଷ ଯୁଗଳରେ ଦୁଇ ଭାରତୀୟ ରୋହନ ବୋପାନ୍ନା ଓ ଏନ୍ ଶ୍ରୀରାମ ବାଲାଜୀ ମୁହାଁମୁହିଁ ହୋଇଥିଲେ। ଏଥିରେ ଭେଟେରାନ ବୋପାନ୍ନା ବିଜୟୀ ହୋଇ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ ବିଶ୍ୱର ଦୁଇ ନମ୍ବର ଯୋଡ଼ି ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବ୍‌ଡ଼େନ ୬-୭, ୬-୩, ୭-୬ ସେଟ୍‌ରେ ବାଲାଜୀ ଓ ତାଙ୍କ ସାଥୀ ମେକ୍ସିକୋର ମିଗୁଲ ଆଞ୍ଜେଲଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲ୍‌ରେ ଭାରତ-ଅଷ୍ଟ୍ରେଲିଆ ଯୋଡ଼ି ସାଣ୍ଡର ଗିଲେ-ଜୋରାନ ଭ୍ଲିଗେନଙ୍କୁ ଭେଟିବେ।

# ଟି-୨୦ ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍ ଖେଳିବ ଭାରତ : ଯୁବରାଜ



**ନ୍ୟୁୟର୍କ**

ଟି-୨୦ ବିଶ୍ୱକପ୍ ୨୦୨୪ ଆରମ୍ଭ ହୋଇଛି। ଭାରତୀୟ ଦଳ ଦ୍ୱିତୀୟଥର ପାଇଁ ଟି-୨୦ ଚାମ୍ପିୟନ ହେବାକୁ ଆସିଛି। ଗୁରୁବାର ଆୟର୍ଲାଣ୍ଡ ବିପକ୍ଷରେ ଭାରତ ପ୍ରଥମ ମ୍ୟାଚ୍ ଖେଳିବ। ଏହା ପରେ ଦଳକୁ ଜୁନ୍ ୯ରେ ପାକିସ୍ତାନ, ଜୁନ୍ ୧୨ରେ ଆମେରିକା ଏବଂ ଜୁନ ୧୫ରେ କାନାଡ଼ା ସହିତ ମୁହାଁମୁହିଁ ହେବାକୁ ପଡ଼ିବ। ତେବେ ବିଶ୍ୱକପ ଜିତିବା ଯାତ୍ରା ଟିମ୍ ଇଣ୍ଡିଆ ପାଇଁ ସହଜ ହେବ ନାହିଁ। ଭାରତକୁ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ୨୦୦୭ରେ ଭାରତୀୟ ଦଳ ଟି-୨୦ ଚାମ୍ପିୟନ ଏବଂ ୨୦୧୧ରେ ଦିନିକିଆ ଚାମ୍ପିୟନ ହୋଇଥିବା ଯୁବରାଜ ସିଂ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳକୁ ସଫଳତା ମନ୍ତ୍ର ଦେଇଛନ୍ତି। ଏହାସହ ୱେଷ୍ଟଇଣ୍ଡିଜ୍-ଭାରତ କିମ୍ବା ପାକିସ୍ତାନ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ହେବ ବୋଲି ସେ ଭବିଷ୍ୟବାଣୀ କରିଛନ୍ତି। ଯୁବରାଜ ବିଶ୍ୱାସ କରନ୍ତି, ଭାରତୀୟ ଦଳରେ କୌଶଳ ଏବଂ ଆତ୍ମବିଶ୍ୱାସର ଅଭାବ ନାହିଁ ଏବଂ ଯଦି ଟି-୨୦ ବିଶ୍ୱକପ୍‌ରେ ବିରୋଧୀ ଦଳ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ଏହାର ସାମର୍ଥ୍ୟକୁ ଖେଳିଥାଏ, ତେବେ ଆଇସିସି ଟ୍ରଫି ଜିତିବା ପାଇଁ ଏହାର ଦୀର୍ଘ ଅପେକ୍ଷା ଶେଷ ହୋଇପାରେ।

# ନକ୍‌ଆଉଟ୍ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

**ଲାଞ୍ଜିଗଡ଼**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ନିୟମଗିରି ବେଦାନ୍ତ ନଗର ଖେଳପଡ଼ିଆଠାରେ ଗୋଲଡେନ ସ୍ପୋର୍ଟ୍ସ କ୍ଲବ୍ ଏବଂ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ମିଳିତ ଆନୁକୂଲ୍ୟରେ ଇଣ୍ଟର ଭିଲେଜ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ମ୍ୟାଚ୍ ନିୟମଗିରି ବେଦାନ୍ତ ନଗର ଓ ଚଣାଲିମା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚଣାଲିମା ଦଳ ପ୍ରଥମେ ଟସ୍ ଜିତି ଫିଲ୍‌ଡିଂ କରିଥିବା ବେଳେ ନିୟମଗିରି ବେଦାନ୍ତ ନଗର ଦଳ ପ୍ରଥମେ ବ୍ୟାଟିଂ କରି ୧୨ ଓଭର ବିନିମୟରେ ୯ ଉଇକେଟ ହରାଇ ୧୨୫ ରନ କରିଥିଲେ। ଜବାବରେ



ଚଣାଲିମା ଦଳ ୧୧ ଓଭର ୪ ବଲ ବିନିମୟରେ ସମସ୍ତ ଉଇକେଟ ହରାଇ ୧୧୧ ରନ କରି ବେଦାନ୍ତ ନଗର ଦଳ ଠାରୁ ପରାଜୟ ହୋଇଥିଲେ। ଏହି ମ୍ୟାଚରେ ୧୪ ରନରେ ନିୟମଗିରି ବେଦାନ୍ତ ନଗର ଚାମ୍ପିଅନ ହେଇଥିଲା। ଫାଇନାଲ ମ୍ୟାଚ୍‌ରେ ଇସ୍‌ତିଆକ୍ ଖାନ ଓ ପ୍ରବୀଣ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ଧାରା ବିବରଣୀ ମଧୁସୂଦନ ବାଗ ଓ ଶ୍ରୀମୁଖ ଅଗସ୍ତି କରିଥିଲେ। ସେହିପରି ସ୍କୋର ବୋର୍ଡରେ ବିଶ୍ୱାଳ ପାଣି ସହଯୋଗ କରିଥିଲେ। ଏହି ଉଦ୍‌ଯାପନୀ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ସିଏସଆର ମୁଖ୍ୟ ଶିଶିର ତରଫଦାର ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥିଭାବେ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ସ୍କୁଲ ଖେଳ ଶିକ୍ଷକ ଦୁଷ୍ମନ୍ତ ମାଝୀ, ବେଦାନ୍ତ ନଗର ବଡ଼ ଡଙ୍ଗରିଆ ମାଝୀ, ସିଏସଆର ବିଭାଗର ଶ୍ରୀମୁଖ ଅଗସ୍ତି, ଦଶରଥ ମାଝୀ, ଲାଞ୍ଜିଗଡ଼ ସମ୍ବାଦ ପ୍ରତିନିଧି କ୍ଷମାନିଧି ମହାଖୁଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୨୦ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ବିଜେତାଙ୍କୁ ଟ୍ରଫି ସହ ୪୦ ହଜାର ଟଙ୍କା ଏବଂ ଉପ ବିଜେତାଙ୍କୁ ଟ୍ରଫି ସହ ୨୫ ହଜାର ଟଙ୍କାର ପୁରସ୍କାର ରାଶି ଚେକ୍ ଦ୍ୱାରା ପ୍ରଦାନ କରାଗଲା।

# ୧୫ କିଲୋ ଓଜନ କମାଇଛନ୍ତି ସୂର୍ଯ୍ୟ



**ନୂଆଦିଲ୍ଲୀ**

ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଖେଳିବା ସହ ଭଲ ପ୍ରଦର୍ଶନ କରିବା ଲାଗି ସୂର୍ଯ୍ୟକୁମାର ଯାଦବ ଯେ କେତେ ପରିଶ୍ରମ ଓ ଯୋଜନା କରିଛନ୍ତି ଏହା କହିଲେ ଲମ୍ବା କାହାଣୀ ହୋଇଯିବ। ଆଜିକାଲି ସୂର୍ଯ୍ୟ ପତଳା ଓ ଫିଟ୍ ହୋଇଯାଇଛନ୍ତି। ସ୍ପୋର୍ଟସ ହାର୍ଣ୍ଣିଆ ଅସ୍ତ୍ରୋପଚାର ପରଠାରୁ ସେ ୧୨ରୁ ୧୪ କିଲୋଗ୍ରାମ ଓଜନ୍ ହ୍ରାସ କରାଇଛନ୍ତି। କଠୋର ଡାଏଟ ଯୋଜନା କାରଣରୁ ଏହା ସମ୍ଭବ ହୋଇଛି ବୋଲି ଜଣାପଡ଼ିଛି। ବିଶ୍ୱର ଏହି ଏକ ନମ୍ବର ଟ୍ୱେଣ୍ଟି-୨୦ ବ୍ୟାଟ୍ସମ୍ୟାନ ଗତ ଡିସେମ୍ବରରେ ଗୋଇଠି ଅପରେସନ କରିବା ପରେ ପ୍ରାୟ ୪ ମାସ ହେବ କ୍ରିକେଟଠାରୁ ଦୂରେଇ ରହିଥିଲେ। ମାଇଣ୍ଡ ଇୟୋର ଫିଟ୍‌ନେସ୍‌ର ପ୍ରତିଷ୍ଠାତା ତଥା ଜଣାଶୁଣା ଡାଏଟିସିଆନ୍ ଶ୍ୱେସ୍ଥା ଭାଟିଆ ହିଁ ସୂର୍ଯ୍ୟଙ୍କୁ ଫିଟ୍ କରାଇବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି। ଜୋରଦାର ଷ୍ଟ୍ରେଙ୍ଗ୍‌ଥ ଓ କଣ୍ଡିସନିଂ ତାଲିମ ସୂର୍ଯ୍ୟଙ୍କ କ୍ରମବର୍ଦ୍ଧିଷ୍ଣୁ ମୋଟାପଣକୁ ହଟାଇଛି ବୋଲି ମଧ୍ୟ କୁହାଯାଇଛି।

# ବିଶ୍ୱକପ ମ୍ୟାଚ ଦେଖିବାରେ କୌଣସି ଇଚ୍ଛା ନାହିଁ : ରିୟାନ



**ମୁମ୍ବାଇ**

ଆଇପିଏଲ ୨୦୨୪ କିଛି ଦିନ ତଳେ ଶେଷ ହୋଇଛି। କେକେଆର ଏହି ସିଜନରେ ଟ୍ରଫି ଜିତିଥିବା ବେଳେ ଭଲ ପ୍ରଦର୍ଶନ କରି ଚର୍ଚ୍ଚାରେ ରହିଛନ୍ତି ରାଜସ୍ଥାନ ରୟାଲ୍ସ ବ୍ୟାଟ୍ସମ୍ୟାନ ରିୟାନ ପରାଗ। ତେବେ ଆଇପିଏଲ ଶେଷ ହେବା ପରେ ରିୟାନ ବାରମ୍ବାର ଚର୍ଚ୍ଚାକୁ ଆସୁଛନ୍ତି। କ୍ରିକେଟ ପାଇଁ ନୁହେଁ ବରଂ ଅନ୍ୟ କାରଣ ପାଇଁ। କିଛି ଦିନ ତଳେ ବଲିଉଡ୍ ଅଭିନେତ୍ରୀ ସାରା ଅଲୀ ଖାନ ଓ ଅନନ୍ୟା ପାଣ୍ଡେଙ୍କ ହଟ୍ ଫଟୋ ସର୍ଚ୍ଚ କରି ଚର୍ଚ୍ଚାକୁ ଆସିଥିଲେ ରିୟାନ୍। ଏବେ ସେ ଟି-୨୦ ବିଶ୍ୱକପକୁ ନେଇ ଦେଇଥିବା ମତ ପାଇଁ ଚର୍ଚ୍ଚାରେ ଅଛନ୍ତି। ବିଶ୍ୱକପ ଦେଖିବା ପାଇଁ ସାରା ଭାରତ ଉତ୍ସାହିତ ଥିବା ବେଳେ ମୋର କୌଣସି ଇଚ୍ଛା ନାହିଁ ବୋଲି କହିଛନ୍ତି ରିୟାନ। ସେ କହିଛନ୍ତି ଯେ, ସତ କହିବାକୁ ଗଲେ ମୁଁ ବିଶ୍ୱକପ ଦେଖିବାକୁ ମଧ୍ୟ ଚାହେଁ ନାହିଁ। ଶେଷରେ କିଏ ଜିତୁଛି ମୁଁ ତାହା ଦେଖିବି ଏବଂ ଖୁସି ହେବି। ଯଦି ମୁଁ ବିଶ୍ୱକପ ଖେଳିଥାନ୍ତି, ତେବେ ମୁଁ ମ୍ୟାଚ୍ ବିଷୟରେ ବା ଟପ୍-୪ ବିଷୟରେ ଚିନ୍ତା କରିଥାନ୍ତି।

ଟି-୨୦ ବିଶ୍ୱକପ ପାଇଁ ସମ୍ଭାବ୍ୟ ନାମଗୁଡ଼ିକ ମଧ୍ୟରେ ପରାଗଙ୍କ ନାମ ମଧ୍ୟ ଥିଲା। ହେଲେ ୧୫ଜଣିଆ ଦଳରେ ତାଙ୍କୁ ସାମିଲ କରାଯାଇ ନ ଥିଲା। ଆଇପିଏଲରେ ଭଲ ପ୍ରଦର୍ଶନ ପରେ ସେ ଟି-୨୦ ବିଶ୍ୱକପରେ ସ୍ଥାନ ପାଇବେ ବୋଲି ଆଶା ରଖିଥିଲେ, ହେଲେ ତାଙ୍କ ସ୍ୱପ୍ନ ଭାଙ୍ଗିବାରୁ ସେ ଏଭଳି କହୁଥିବା କଥା ଲୋକ କହିବା ଆରମ୍ଭ କରିଛନ୍ତି।


ଓଡ଼ିଶା ସରକାର XXIII-04

ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

ଭୂ-ଅର୍ଜନ ବିଭାଗ

L.A-2024-2404 L.A/Dt.21.02.2024

**ଅଧିସୂଚନା**

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାର ଇଡ୍‌କୋ (IDCO) ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲା ଠାରେ ତଲାବିରା ବିଦ୍ୟୁତ ୩୨୦୦ (୪×୮୦୦) ମେଗାୱାଟ୍ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ **ମୌଜା- ଲୁହୁରେନକଛାର,** ଥାନା-ବଡ଼ମାଲ, ତହସିଲ- ଝାରସୁଗୁଡ଼ା, ଜିଲ୍ଲା- ଝାରସୁଗୁଡ଼ାରେ ନିମ୍ନ ତଫସିଲ ମତେ ପ୍ରାୟ **ଏ ୯୨.୮୩୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧ (୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ- ଇଡ୍‌କୋ (IDCO) ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲା ଠାରେ ତଲାବିରା ବିଦ୍ୟୁତ ୩୨୦୦ (୪×୮୦୦) ମେଗାୱାଟ୍ ପ୍ରକଳ୍ପ ପ୍ରତିଷ୍ଠା।
୨. ଜମି ଆବଶ୍ୟ କରୁଥିବା ସଂସ୍ଥାର ନାମ- ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡ଼ା।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରଯ୍ୟତର ନାମ |
|---|---|---|---|---|---|---|---|---|
| ଝାରସୁଗୁଡ଼ା | ଝାରସୁଗୁଡ଼ା | ଲୁହୁରେନକଛାର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏକର ୯୨.୮୬୦ | ଏକର ୯୨.୮୩୦ | ଏଥି ସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ____ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଝାରସୁଗୁଡ଼ାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା/- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଝାରସୁଗୁଡ଼ା

**ଘରୋଇ ଜମିର ବିବରଣୀ**

ଗ୍ରାମର ନାମ : ଲୁହୁରେନକଛାର
ଥାନାର ନାମ ଏବଂ ନଂ : ଜତରବଗା-୪
ତହସିଲ : ଝାରସୁଗୁଡ଼ା
ଜିଲ୍ଲା : ଝାରସୁଗୁଡ଼ା

| କ୍ରମିକ ସଂଖ୍ୟା | ଖାତା ନଂ | ପ୍ଲଟ୍ ନଂ | ମୋଟ ରକବା (ଏକରରେ) | ଅଧିକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଲିକଙ୍କ ନାମ |
|---|---|---|---|---|---|---|
| ୧ | ୧ | ୩୨ | ୧.୧୭୦ | ୧.୧୭୦ | ଆଟ ସାଧାରଣ | ସୀତାରାମ ବିର୍ଣ୍ଣିଆ ପି: ମାର୍କଣ୍ଡେଶ୍ୱର ବିର୍ଣ୍ଣିଆ, ବିଷ୍ଣୁ ପ୍ରସାଦ ବିର୍ଣ୍ଣିଆ, ଶଙ୍କର ପ୍ରସାଦ ବିର୍ଣ୍ଣିଆ ପି: ବାସୁଦେବ ବିର୍ଣ୍ଣିଆ ଜା: ବ୍ରାହ୍ମଣ ବା: କୁମାରୀ |
| | | ୩୬ | ୧.୪୭୦ | ୧.୪୭୦ | ଆଟ ସାଧାରଣ | |
| | | ୩୭ | ୬.୪୬୦ | ୬.୪୬୦ | ଆଟ ସାଧାରଣ | |
| | | ୩୯ | ୧.୩୯୦ | ୧.୩୬୦ | ଆଟ ସାଧାରଣ | |
| | | ୪ | ୨.୯୨୦ | ୨.୯୨୦ | ଆଟ ସାଧାରଣ | |
| | | ୪୧ | ୦.୨୫୦ | ୦.୨୫୦ | ଆଟ ସାଧାରଣ / ୨ | |
| | | ୪୨ | ୧.୧୫୦ | ୧.୧୫୦ | ଆଟ ସାଧାରଣ | |
| | | ୫୧ | ୦.୭୦୦ | ୦.୭୦୦ | ଆଟ ସାଧାରଣ | |
| | | ୬ | ୧.୩୨୦ | ୧.୩୨୦ | ଆଟ ସାଧାରଣ | |
| ୨ | ୨ | ୧୨ | ୦.୨୨୦ | ୦.୨୨୦ | ଆଟ ସାଧାରଣ | ସୀତାରାମ ବିର୍ଣ୍ଣିଆ ପୋଷ୍ୟ ପି: ମାର୍କଣ୍ଡ ବିର୍ଣ୍ଣିଆ, ବିଷ୍ଣୁ ପ୍ରସାଦ ବିର୍ଣ୍ଣିଆ, ଶଙ୍କର ପ୍ରସାଦ ବିର୍ଣ୍ଣିଆ ପି: ବାସୁଦେବ ବିର୍ଣ୍ଣିଆ, ମିତ୍ରଭାନୁ ବିର୍ଣ୍ଣିଆ ପି: ଉଭର କୁମାର ବିର୍ଣ୍ଣିଆ ଜା: ବ୍ରାହ୍ମଣ ବା: କୁମାରୀ |
| | | ୨ | ୧.୦୯୦ | ୧.୦୯୦ | ଆଟ ସାଧାରଣ | |
| ୩ | ୩ | ୧୩ | ୧.୮୫୦ | ୧.୮୫୦ | ଆଟ ସାଧାରଣ | ରୁଦ୍ର ଗଣ୍ଡ, ଉର୍ମିଳା ଗଣ୍ଡ, ଦ୍ରୁପଦି ଗଣ୍ଡ ପି: ବରୁଣ ଗଣ୍ଡ, ରାଧା ଗଣ୍ଡ ସ୍ୱା: ବରୁଣ ଗଣ୍ଡ, ଭୁବନ ଗଣ୍ଡ ପି: ଜୟସିଂହ ଗଣ୍ଡ ଜା: ଗଣ୍ଡ ବା: କୁମାରୀ |
| | | ୧୩/୫୪ | ୦.୪୩୦ | ୦.୪୩୦ | ନାଳ | |
| | | ୧୩/୫୫ | ୦.୧୧୦ | ୦.୧୧୦ | ନାଳ | |
| | | ୧୫ | ୦.୮୧୦ | ୦.୮୧୦ | ଆଟ ସାଧାରଣ | |
| | | ୧୭ | ୦.୫୨୦ | ୦.୫୨୦ | ମାଳ ସାଧାରଣ / ୩ | |
| | | ୧୮ | ୦.୭୧୦ | ୦.୭୧୦ | ଆଟ ସାଧାରଣ | |
| | | ୩ | ୫.୪୮୦ | ୫.୪୮୦ | ଆଟ ସାଧାରଣ | |
| | | ୩୧ | ୮.୮୫୦ | ୮.୮୫୦ | ଆଟ ସାଧାରଣ | |
| | | ୩୩ | ୦.୭୧୦ | ୦.୭୧୦ | ଆଟ ସାଧାରଣ | |
| | | ୩୮ | ୬.୦୮୦ | ୬.୦୮୦ | ଆଟ ସାଧାରଣ | |
| | | ୪୦ | ୦.୩୪୦ | ୦.୩୪୦ | ଆଟ ସାଧାରଣ | |
| | | ୭ | ୬.୮୦୦ | ୬.୮୦୦ | ଆଟ ସାଧାରଣ | |
| | | ୮ | ୬.୨୯୦ | ୬.୨୯୦ | ମାଳ ସାଧାରଣ | |
| ୪ | ୩/୧ | ୩/୫୮ | ୦.୫୮୦ | ୦.୫୮୦ | ଆଟ ସାଧାରଣ | ସାଡୁ ବରିହା ପି:କାଲୋ ବରିହା ବା: ନିଜଗାଁ |
| ୫ | ୩/୨ | ୩୧/୬୧ | ୧୦.୦୫୦ | ୧୦.୦୫୦ | ଆଟ ସାଧାରଣ | ପଣ୍ଡା ବରିହା, ଭୁବନ ବରିହା ପି: ଜୟସିଂ ବରିହା ବା: ନିଜଗାଁ |
| | | ୩୮/୬୪ | ୦.୩୭୦ | ୦.୩୭୦ | ଆଟ ସାଧାରଣ | |
| | | ୪୪ | ୦.୫୩୦ | ୦.୫୩୦ | ଆଟ ସାଧାରଣ | |
| | | ୪୫ | ୦.୪୫୦ | ୦.୪୫୦ | ନାଳ | |
| | | ୪୮ | ୦.୧୪୦ | ୦.୧୪୦ | ନାଳ | |
| | | ୪୯ | ୧.୫୨୦ | ୧.୫୨୦ | ଆଟ ସାଧାରଣ | |
| | | ୫୩ | ୦.୨୪୦ | ୦.୨୪୦ | ନଦୀ | |
| | | ୮/୬୨ | ୧୪.୫୫୦ | ୧୪.୫୫୦ | ମାଳ ସାଧାରଣ | |
| | | ୮/୬୩ | ୦.୩୧୦ | ୦.୩୧୦ | ମାଳ ସାଧାରଣ | |
| ୬ | ୩/୪ | ୩୧/୬୯ | ୩.୫୦୦ | ୩.୫୦୦ | ଆଟ ସାଧାରଣ | ରୀନା ଶର୍ମା, ସ୍ୱାମୀ-ସଞ୍ଜୟ ଶର୍ମା, ଜାତି-ବ୍ରାହ୍ମଣ, ବାସିନ୍ଦା-ଝାରସୁଗୁଡ଼ା |
| | | ୩୧/୭୦ | ୩.୫୦୦ | ୩.୫୦୦ | ଆଟ ସାଧାରଣ | |
| ସର୍ବମୋଟ | | | ୯୨.୮୬୦ | ୯୨.୮୩୦ | | |

OIPR-24022/14/0004/2425



XXIV-02

[भाग II—खण्ड 3(ii)] भारत का राजपत्र : असाधारण 3

| | | | | | | | |
|---|---|---|---|---|---|---|---|
| 35 | नेऊलपुर | 935 | 599 | 0.02631 | 0.00809 | पतित | व्यक्तिगत |
| 36 | नेऊलपुर | 1038/79 | 597 | 0.08903 | 0.00809 | पतित | व्यक्तिगत |
| 37 | नेऊलपुर | 1038/79 | 596 | 0.12546 | 0.02023 | पतित | व्यक्तिगत |
| 38 | नेऊलपुर | 323 | 494 | 0.00809 | 0.00809 | सारद - I | व्यक्तिगत |
| 39 | नेऊलपुर | 639 | 506 | 0.02428 | 0.02428 | सारद - I | व्यक्तिगत |
| 40 | नेऊलपुर | 519 | 507 | 0.02023 | 0.02023 | सारद - I | व्यक्तिगत |
| 41 | नेऊलपुर | 1046/5 | 517 | 0.04047 | 0.02023 | पतित | व्यक्तिगत |
| 42 | नेऊलपुर | 136 | 577 | 0.16997 | 0.16997 | पतित | व्यक्तिगत |
| | | कुल | | 0.38446 | | | |
| 43 | चारीबाटीआ | 65 | 368 | 0.11736 | 0.09713 | चक | व्यक्तिगत |
| 44 | चारीबाटीआ | 87 | 369 | 0.46540 | 0.46540 | चक | व्यक्तिगत |
| 45 | चारीबाटीआ | 26 | 367 | 0.46135 | 0.09308 | चक | व्यक्तिगत |
| 46 | चारीबाटीआ | 251 | 370 | 0.33590 | 0.16592 | चक | व्यक्तिगत |
| | | कुल | | 0.82153 | | | |

| गाँव का नाम | कुल क्षेत्रफल (हेक्टर में) |
|---|---|
| सुभद्रापुर | 2.33509 |
| नेऊलपुर | 0.38446 |
| चारीबाटीआ | 0.82153 |
| कुल योग | 3.54108 |

[फा. सं. पूतरे-नि-एलए- डीएनएम-चंडीखोल कॉर्ड रेल लिंक परियोजना]
सुधीर कुमार परिदा, मुख्य अभियन्ता, (निर्माण-III)

MINISTRY OF RAILWAYS
(East Coast Railway)
NOTIFICATION
Bhubaneswar, the 29th February, 2024
**Notice under Section 20A of the Railways Act-1989**

S.O. 985(E).—In exercise of powers conferred by sub-section (1) of section 20A of the Railways (Amendment) Act, 1989 (24/89) (hereinafter referred as the said Act.), the Central Government, after being satisfied that for the public purpose, the Land, brief description of which is given in the schedule annexed here to , is required for the execution of **Special Railway Project,** namely, "Dhanmandal-Chandikhol Chord Rail Link Project (5.960 Km)": in Jajpur district in the state of Odisha, hereby declares its intention to acquire such land.

Any person interested in the said land may within a period of thirty days from the date of publication of the notification in the Official Gazette, raise objection to the acquisition of such land for the aforesaid purpose under sub-section (1) of section 20D of the said Act.

Every objection shall be made to the competent authority, namely. **Spl. Land Acquisition Officer, Dhanmandal-Chandikhol Chord Rail Link Project** in writing, and shall set out grounds thereof and competent authority shall give the objector an opportunity of being heard, either in person or through a legal practitioner, and may, after hearing all such objections and after making such further inquiry, if any, as the competent authority thinks necessary, by order, either allow or disallow the objections.

Any order made by the competent authority under sub-section (2) of 20D of the said Act shall be final.

The land plans and other details of the land covered under this notification are available and can be inspected by the interested person at the aforesaid office of the competent authority.

4 THE GAZETTE OF INDIA : EXTRAORDINARY [PART II—SEC. 3(ii)]

**SCHEDULE**

Brief description of land to be acquired with or without structures, for Special Railway Project, namely "Dhanmandal-Chandikhole Chord Rail Link Project (5.960 Km)" in Jajpur district in the state of Odisha.

**Name of District: Jajpur**

| Sl No. | Name of Vilage | Khata No. | Khasra / Plot No. | Total area (in hector) | To be Acquired area (in hector) | Kisam of Land | Type of Land |
|---|---|---|---|---|---|---|---|
| 1 | Subhadrapur | 202 | 23 | 0.36423 | 0.29138 | Chaka | Private |
| 2 | Subhadrapur | 73 | 24 | 0.02833 | 0.02023 | Chaka | Private |
| 3 | Subhadrapur | 222 | 27 | 0.31566 | 0.21854 | Chaka | Private |
| 4 | Subhadrapur | 131 | 28 | 1.14124 | 0.54634 | Chaka | Private |
| 5 | Subhadrapur | 129 | 21 | 0.29543 | 0.11736 | Chaka | Private |
| 6 | Subhadrapur | 96 | 29 | 0.27924 | 0.12141 | Chaka | Private |
| 7 | Subhadrapur | 223 | 33 | 0.16997 | 0.12950 | Chaka | Private |
| 8 | Subhadrapur | 44 | 34 | 0.17807 | 0.12546 | Chaka | Private |
| 9 | Subhadrapur | 153 | 35 | 0.08903 | 0.05261 | Chaka | Private |
| 10 | Subhadrapur | 124 | 36 | 0.05261 | 0.02833 | Chaka | Private |
| 11 | Subhadrapur | 124 | 48 | 0.03642 | 0.00405 | Chaka | Private |
| 12 | Subhadrapur | 110 | 37 | 0.10117 | 0.04047 | Chaka | Private |
| 13 | Subhadrapur | 204 | 47 | 0.56657 | 0.05666 | Chaka | Private |
| 14 | Subhadrapur | 110 | 49 | 0.08094 | 0.08094 | Chaka | Private |
| 15 | Subhadrapur | 22 | 50 | 0.02428 | 0.02428 | Chaka | Private |
| 16 | Subhadrapur | 244/43 | 51 | 0.04047 | 0.04047 | Chaka | Private |
| 17 | Subhadrapur | 150 | 52 | 0.01619 | 0.01619 | Chaka | Private |
| 18 | Subhadrapur | 47 | 53 | 0.06475 | 0.06475 | Chaka | Private |
| 19 | Subhadrapur | 2 | 54 | 0.11736 | 0.08499 | Chaka | Private |
| 20 | Subhadrapur | 165 | 60 | 0.04856 | 0.00809 | Chaka | Private |
| 21 | Subhadrapur | 226 | 61 | 0.13355 | 0.13355 | Chaka | Private |
| 22 | Subhadrapur | 208 | 62 | 0.16997 | 0.08094 | Chaka | Private |
| 23 | Subhadrapur | 20 | 71 | 0.10117 | 0.02023 | Chaka | Private |
| 24 | Subhadrapur | 184 | 72 | 0.11331 | 0.01619 | Chaka | Private |
| 25 | Subhadrapur | 169 | 73 | 0.12950 | 0.00809 | Chaka | Private |
| 26 | Subhadrapur | 118 | 247 | 0.01619 | 0.00405 | Chaka | Private |
| | Sub Total (Subhadrapur) | | | | 2.33509 | | |
| 27 | Neulapur | 497 | 2575 | 0.09308 | 0.01214 | Chaka | Private |
| 28 | Neulapur | 38 | 615 | 0.06475 | 0.02023 | Chaka | Private |
| 29 | Neulapur | 843 | 614 | 0.08903 | 0.02833 | Chaka | Private |
| 30 | Neulapur | 1038/265 | 613 | 0.01214 | 0.00405 | Sarad-1 | Private |
| 31 | Neulapur | 1038/181 | 611 | 0.09308 | 0.01214 | Patita | Private |
| 32 | Neulapur | 841 | 609 | 0.02023 | 0.00405 | Patita | Private |
| 33 | Neulapur | 1038/4 | 600 | 0.12950 | 0.01214 | Sarad-1 | Private |
| 34 | Neulapur | 1038/4 | 591 | 0.29138 | 0.01214 | Sarad-1 | Private |
| 35 | Neulapur | 935 | 599 | 0.02631 | 0.00809 | Patita | Private |
| 36 | Neulapur | 1038/79 | 597 | 0.08903 | 0.00809 | Patita | Private |
| 37 | Neulapur | 1038/79 | 596 | 0.12546 | 0.02023 | Patita | Private |

[भाग II—खण्ड 3(ii)] भारत का राजपत्र : असाधारण 5

| Sl No. | Name of Vilage | Khata No. | Khasra / Plot No. | Total area (in hector) | To be Acquired area (in hector) | Kisam of Land | Type of Land |
|---|---|---|---|---|---|---|---|
| 38 | Neulapur | 323 | 494 | 0.00809 | 0.00809 | Sarad-1 | Private |
| 39 | Neulapur | 639 | 506 | 0.02428 | 0.02428 | Sarad-1 | Private |
| 40 | Neulapur | 519 | 507 | 0.02023 | 0.02023 | Sarad-1 | Private |
| 41 | Neulapur | 1046/5 | 517 | 0.04047 | 0.02023 | Patita | Private |
| 42 | Neulapur | 136 | 577 | 0.16997 | 0.16997 | Patita | Private |
| | Sub Total (Neulapur) | | | | 0.38446 | | |
| 43 | Charibatia | 65 | 368 | 0.11736 | 0.09713 | Chaka | Private |
| 44 | Charibatia | 87 | 369 | 0.46540 | 0.46540 | Chaka | Private |
| 45 | Charibatia | 26 | 367 | 0.46135 | 0.09308 | Chaka | Private |
| 46 | Charibatia | 251 | 370 | 0.33590 | 0.16592 | Chaka | Private |
| | Sub Total (Charibatia) | | | | 0.82153 | | |

| Name of Vilage | Acquired area (in hector) |
|---|---|
| Subhadrapur | 2.33509 |
| Neulapur | 0.38446 |
| Charibatia | 0.82153 |
| TOTAL | 3.54108 |

[F. No. ECoR-Con-LA- DNM-Chandikhol Chord Rail Link Project ]
S. K. PARIDA, Chief Engineer (Con-III)

OIPR-24109/14/0001/2425





# ବୈଜୟନ୍ତଙ୍କୁ ଅଭିନନ୍ଦନ ଜଣାଇଲେ ମହିଳା ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ଜ୍ୟୋସ୍ନାରାଣୀ



**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ଚଳିତ ନିର୍ବାଚନରେ କେନ୍ଦ୍ରାପଡା ଲୋକସଭା କ୍ଷେତ୍ରରୁ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ବିଜୟ ଲାଭ କରିଛନ୍ତି । ଏହାକୁ ନେଇ ଦଳୀୟ କର୍ମକର୍ତ୍ତା ଶୁଭେଚ୍ଛୁ ଓ ସମର୍ଥକ ମାନେ ଉତ୍ସାହିତ ହୋଇଥିବା ବେଳେ ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ଡ଼ଃ ଜ୍ୟୋସ୍ନାରାଣୀ ଜେନା ଶ୍ରୀ ପଣ୍ଡାଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ ପୂର୍ବକ ଅଭିନନ୍ଦନ ଜଣାଇଛନ୍ତି । ଶ୍ରୀ ପଣ୍ଡାଙ୍କ ବିଜୟ କେନ୍ଦ୍ରାପଡା ରାଜନୈତିକ ଇତିହାସରେ ବିଜେପିର ପ୍ରଥମ ସାଂସଦ ଭାବେ ଇତିହାସ ସୃଷ୍ଟି କରିଛି । ତେବେ ଡ଼ଃ ଶ୍ରୀମତୀ ଜେନା ଏକ ମାସ ଧରି କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ବୁଲି ବିଭିନ୍ନ ସ୍ଥାନରେ ଶ୍ରୀ ପଣ୍ଡାଙ୍କ ପାଇଁ ପ୍ରଚାର ଚଳାଇ ସଫଳ ହୋଇଥିବାରୁ ଆନନ୍ଦ ପ୍ରକାଶ କରିଛନ୍ତି ।

# ବିଜେପିକୁ ଶୁଭେଚ୍ଛା ଜଣାଇଲା ବିଜେଡି, ଜନାଦେଶକୁ ସ୍ୱାଗତ କଲା ଦଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଜନାଦେଶ ୨୦୨୪ ମଙ୍ଗଳବାର ପ୍ରକାଶ ପାଇଛି । ବିଜେପି ବଡ଼ ବ୍ୟବଧାନରେ ବିଜୟ ଲାଭ କରିଥିବାବେଳେ ବିଜେଡିର ବୃହତ୍ ପରାଜୟ ହୋଇଛି । ଫଳାଫଳ ପ୍ରକାଶ ପାଇବା ପରେ ସାମ୍ନାକୁ ଆସିଛି ବିଜେଡିର ପ୍ରଥମ ପ୍ରତିକ୍ରିୟା । ଜନସାଧାରଣଙ୍କ ଆଶୀର୍ବାଦ ଫଳରେ ୫୦ରୁ ଅଧିକ ଆସନ ଦଳକୁ ମିଳିଥିବାବେଳେ ବିଜୟ ଲାଗି ବିଜେପିକୁ ଶୁଭେଚ୍ଛା ଜଣାଉଛୁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି । ଫଳାଫଳ ପ୍ରକାଶ ପାଇବା ବିଜେଡି ପକ୍ଷରୁ ଆୟୋଜିତ ହୋଇଥିଲା ସାମ୍ବାଦିକ ସମ୍ମିଳନୀ । ମାନସ ରଞ୍ଜନ ମଙ୍ଗରାଜ, ସସ୍ମିତ ପାତ୍ର ଓ ସୁଲତା ଦେଓ ଏନେଇ ପ୍ରତିକ୍ରିୟା ରଖିଛନ୍ତି । ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, 'ସାଢେ ୪ କୋଟି ଓଡିଶାବାସୀଙ୍କୁ ଆମେ ଧନ୍ୟବାଦ ଜ୍ଞାପନ କରୁଛୁ । ଦଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରୁଛୁ । କାରଣ ବିଜୁ ଜନତା ଦଳକୁ ଜନସାଧାରଣ ଗତ ୨୪ ବର୍ଷ ହେଲା ନିରନ୍ତର ଆଶୀର୍ବାଦ କରି ଆସିଛନ୍ତି । ସେହି ଆଶୀର୍ବାଦ ଫଳରେ ଆମେ ଓଡ଼ିଶାବାସୀଙ୍କ ସେବା କରି ଆସିଛୁ । ଆମେ ସମସ୍ତ ଓଡ଼ିଶାବାସୀଙ୍କ ନିକଟରେ ଚିର ଋଣୀ । ଏହି ନିର୍ବାଚନରେ ମଧ ଆମକୁ ସମର୍ଥନ ଯୋଗାଇଛନ୍ତି । ପାଖାପାଖି ୪୦ ପ୍ରତିଶତ ଭୋଟ ହାର ଜନସାଧାରଣ ଆମକୁ ଦେଇଛନ୍ତି । କିନ୍ତୁ ସିଟ୍ ବ୍ୟବଧାନ ଅଧିକ ଜଣାପଡୁଛି । ଗତ ନିର୍ବାଚନ ଅପେକ୍ଷା ୩ ପ୍ରତିଶତ ମତଦାନ କମ୍ ରହିଛି । ଜନସାଧାରଣଙ୍କ ଆଶୀର୍ବାଦ ଫଳରେ ୫୦ରୁ ଅଧିକ ଆସନ ବିଜେଡିକୁ ମିଳିଛି । ବିଜୟ ଲାଗି ବିଜେପିକୁ ଶୁଭେଚ୍ଛା ଜଣାଉଛୁ । ଆଗାମୀ ଦିନରେ ଓଡିଶାବାସୀ ଯେଉଁ ଭୂମିକାରେ ଆମକୁ ଆଗେଇ ନେବେ ତାହା ତୁଲାଇବୁ । ଓଡ଼ିଶାର ସେବା ଓ ସର୍ବାଙ୍ଗୀନ ବିକାଶ କରିବା ଲାଗି ଆମେ ଏମିତି ଅହରହ କାର୍ଯ୍ୟ କରିବୁ । ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି, 'ଗତ ୨୪ ବର୍ଷ ଧରି ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳକୁ ଓଡିଶାବାସୀ ଯେଉଁ ଆକୁଣ୍ଠ ସମର୍ଥନ ଯୋଗାଇ ଦେଇଛନ୍ତି ସେଥିପାଇଁ ଧନ୍ୟବାଦ । ଆଗାମୀ ଦିନରେ ମଧ ଆମର ସେବା କାର୍ଯ୍ୟ ଜାରୀ ରହିବ ।' ସେହିପରି ସୁଲତା ଦେଓ କହିଛନ୍ତି, 'ସାଢ଼େ ୪ କୋଟି ଓଡିଶାବାସୀଙ୍କ ନିକଟରେ ଆମେ ଚିର ଋଣୀ । ୨୪ ବର୍ଷ ଧରି ଆମକୁ ସେବା କରିବାର ସୁଯୋଗ ଦେଇଥିଲେ । ଏହି ସଫଳତା ପାଇଁ ବିଜେପିକୁ ସ୍ୱାଗତ ଜଣାଉଛି । ଓଡିଶାବାସୀ ଆଜି ଯେଉଁ ଦାୟିତ୍ୱ ଦେଇଛନ୍ତି, ସେହି ଦାୟିତ୍ୱ ଠିକ ଭାବେ ତୁଲାଇବୁ । ଓଡ଼ିଶାର ଉନ୍ନତି ଲାଗି ଯେମିତି କାର୍ଯ୍ୟ କରୁଥିଲୁ ଆଗକୁ ମଧ ସେମିତି କରିବୁ ।'

## ନନ୍ଦନକାନନ ଭିତରେ ପଶି କର୍ମଚାରୀଙ୍କୁ ଆକ୍ରମଣ ଘଟଣା

# ନିଜ ଆଡୁ ମାମଲା ରୁଜୁ କଲା ନନ୍ଦନକାନନ, ସୁରକ୍ଷା ଦୃଷ୍ଟିରୁ ମୁତୟନ ହେବେ ଓଆଇଏସଏଫ ଯବାନ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ପ୍ରାଣୀଉଦ୍ୟାନ ନନ୍ଦନକାନନ ଭିତରେ ସୋମବାର ବନ୍ଦ ଦିନରେ ଜଣେ ଯୁବକ ବେଆଇନ ଭାବେ ପସିବା ଏବଂ ଏହାକୁ ବାରଣ କରିବାରୁ ଜଣେ ସୁରକ୍ଷା କର୍ମଚାରୀଙ୍କୁ ଆକ୍ରମଣ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ନନ୍ଦନକାନନ ପ୍ରାଣୀଉଦ୍ୟାନ ନିଜଆଡୁ ଏକ ମାମଲା ରୁଜୁକରିଛି । ଜଙ୍ଗଲ ଓ ବନ୍ୟପ୍ରାଣୀ ନିୟମ ଅନୁଯାୟୀ କେସ ନଂ ୨/୨୪ରେ ମାମଲା ରୁଜୁ କରାଯାଇଥିବା ନନ୍ଦନକାନନ ସୁରକ୍ଷା ବିଭାଗ ବନାଞ୍ଚଳ ଅଧିକାରୀ କୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ଘଟଣା ପରେ ନନ୍ଦନକାନନ ସୁରକ୍ଷା ବ୍ୟବସ୍ଥା ଅଧିକ କଡ଼ାକଡ଼ି କରାଯାଇଛି । ନନ୍ଦନକାନନ ପକ୍ଷରୁ ପ୍ରାଣୀଉଦ୍ୟାନ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ପରିସର ମଧ୍ୟରେ ଓଆଇଏସଏଫ ଯବାନଙ୍କୁ ନିୟୋଜିତ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ସୂଚନାଯୋଗ୍ୟ, ଜାନୁୟାରୀ ୩ତାରିଖ (ସୋମବାର) ନନ୍ଦନକାନନ ବନ୍ଦ ରହିଥିବା ବେଳେ ସକାଳ ପ୍ରାୟ ୯ଟା ସମୟରେ ରଘୁନାଥପୁର ଗ୍ରାମର ବାପୁନି ଓରଫ ମାନସ ରଞ୍ଜନ ସାହୁ ନାମକ ଯୁବକ ତାର ମୋଟର ସାଇକେଲ ନେଇ ନନ୍ଦନକାନନକୁ ପ୍ରବେଶ କରି ବାଘ ଖୁଆଡ଼ ପାଖରେ ଗାଡିରଖି ବାଘ ଦେଖୁଥିଲା । ସେଠାରେ ନିୟୋଜିତ ଥିବା ଅସ୍ଥାୟୀ କର୍ମଚାରୀ ମଳୟ ରଞ୍ଜନ ନାୟକଙ୍କ ନଜରକୁ ଆସିବାରୁ ସେ ବାପୁନିକୁ ଫେରିଯିବାକୁ କହିବାରୁ ମଦ୍ୟପାନ କରିଥିବା ବାପୁନି ମାରଧର ସହ ଅଶ୍ଳିଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲା । ଭୟଭୀତ ହୋଇ ମଳୟ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଫୋନ ଯୋଗେ ଜଣାଇବାକୁ ଚେଷ୍ଟା କରିବା ବେଳେ ବାପୁନି ତାଙ୍କ ମୋବାଇଲ ଛଡାଇନେଇଥିଲା । ପାଟିତୁଣ୍ଡ ଶୁଣି ଦୁରରେ ଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ଓ କିଛି କର୍ମଚାରୀ ଆସିବାରୁ ବାପୁନି ସେଠାରୁ ପଳାଇ ଯାଇଥିଲା । ସୁରକ୍ଷା ବିଭାଗର ଅଧିକାରୀ ଏ ବିଷୟରେ ଜାଣିବା ପରେ ନନ୍ଦନକାନନ ଥାନାକୁ ଜଣାଇଥିଲ । ପରେ ସୁରକ୍ଷା ବିଭାଗର କର୍ମଚାରୀମାନଙ୍କ ସହ ମଳୟ ନନ୍ଦନକାନନ ଥାନାକୁ ଆସି ନିଜ ଆଡୁ ଏକ ଲିଖିତ ଅଭିଯୋଗ କରିଥିଲେ । ହେଲେ ପ୍ରାଣୀଉଦ୍ୟାନ ନନ୍ଦନକାନନ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିଲା । ପରଦିନ ଅର୍ଥାତ୍ ମଙ୍ଗଳବାର ଦିନ ନନ୍ଦନକାନନ କର୍ତ୍ତୃପକ୍ଷ ଜଙ୍ଗଲ ଓ ବନ୍ୟପ୍ରାଣୀ ନିୟମ ଅନୁଯାୟୀ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଏହି ଅଭିଯୋଗ ଆଧାରରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନନ୍ଦନକାନନ ପକ୍ଷରୁ ସୂଚନା ମିଳିଛି । ପ୍ରାଣୀଉଦ୍ୟାନ ନନ୍ଦନକାନନକୁ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିବର୍ତ୍ତନ ପାଇଁ କୋଟି କୋଟି ଟଙ୍କାର ପ୍ରକଳ୍ପ ମାଧ୍ୟମରେ ଖର୍ଚ୍ଚ ହେଉଥିବା ବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ଓ କର୍ମଚାରୀଙ୍କ ସୁରକ୍ଷାକୁ ନେଇ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ କର୍ତ୍ତୃପକ୍ଷଙ୍କ ମୁଣ୍ଡ ବିନ୍ଧାର ପାଲଟିଛି । ଦେଶ, ବିଦେଶ ତଥା ରାଜ୍ୟରୁ ଆସୁଥିବା ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତର ସହ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଏହାର ପରିସର ମଧ୍ୟରେ ଓଆଇଏସଏଫ ଯବାନଙ୍କୁ ନିୟୋଜିତ କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଯାହା ଆଗାମୀ ଦିନରେ ନନ୍ଦନକାନନ ସୁରକ୍ଷାକୁ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇସ୍ତଫା ଦେଲେ...

ପଦରୁ ଇସ୍ତଫା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ହିଞ୍ଜିଳି ବିଧାନସଭା ଆସନରୁ ଜିତିଥଲେ ମଧ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ପରାସ୍ତ ହୋଇଛନ୍ତି ।

## ନବୀନଙ୍କ ମନ୍ତ୍ରିମଣ୍ଡଳର...

ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜୟୀ ହୋଇଥିବା ବେଳେ ରାଉରକେଲାରେ ବିଜେଡି ବିଧାୟକ ତଥା ମନ୍ତ୍ରୀ ଶାରଦା ପ୍ରସାଦ ନାୟକ ବିଜୟୀ ହୋଇଛନ୍ତି । ସେହିପରି ଆଳିରେ ବିଜେଡି ବିଧାୟକ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବ ବିଜୟୀ ହୋଇଛନ୍ତି । ଜଳେଶ୍ୱରରେ ବିଜେଡି ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ବିଜୟୀ ହୋଇଥିବା ବେଳେ କାକଟପୁରରେ ବିଜେଡି ପ୍ରାର୍ଥୀ ତୁଷାରକାନ୍ତି ବେହେରା ବିଜୟୀ ହୋଇଛନ୍ତି ।

## ୨୧ରୁ ବିଜେପିକୁ ...

ମଞ୍ଜୁଲତା ମଣ୍ଡଳଙ୍କୁ ୯୦୪୦୪ ଭୋଟରେ ହରାଇଛନ୍ତି । ଭୁବନେଶ୍ୱର ଲୋକସଭା ଆସନରେ ଅପରାଜିତା ଷଡଙ୍ଗୀ ବିଜେଡ଼ି ପ୍ରାର୍ଥୀ ମ ନ ୍ମ ଥ ରାଉତରାୟଙ୍କୁ ୩୫୦୭୦ ଭୋଟରେ ହରାଇଛନ୍ତି । ସେହିପରି ବଲାଙ୍ଗିର ଆସନରେ ସଙ୍ଗୀତା କୁମାରୀ ସିଂହଦେଓ ବିଜେଡ଼ି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ୧୨୦୦୫୧ ଭୋଟରେ ହରାଇ ନିର୍ବାଚିତ ହୋଇଛନ୍ତି । କଟକ ଆସନରେ ଭର୍ତ୍ତୃହରି ମହତାବ ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ୫୫୮୨୮ ଭୋଟରେ ହରାଇ ଜିତିଛନ୍ତି । ଢେଙ୍କାନାଳ ଆସନରେ ରୁଦ୍ର ନାରାୟଣ ପାଣି ବିଜେଡ଼ି ପ୍ରାର୍ଥୀ ଅବିନାଶ ସାମଲଙ୍କୁ ୭୦୮୬୧ ଭୋଟରେ ହରାଇଛନ୍ତି । ଜଗତସିଂହପୁର ଆସନରେ ବିଭୁ ପ୍ରସାଦ ତରାଇ ବିଜେଡ଼ି ପ୍ରାର୍ଥୀ ଡ.ରାଜଶ୍ରୀ ମଲ୍ଲିକଙ୍କୁ ୩୮୦୮୬ ଭୋଟରେ ହରାଇଛନ୍ତି । ଯାଜପୁର ଆସନରେ ବିଜେଡ଼ିର ଶର୍ମିଷ୍ଠା ସେଠୀ ବିଜେପି ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ୯୧୭୭ ଭୋଟରେ ହରାଇଛନ୍ତି । କଳାହାଣ୍ଡି ଆସନରେ ମାଳବିକା ଦେବୀ ବିଜେଡ଼ି ପ୍ରାର୍ଥୀ ଲମ୍ବୋଧର ନିଆଲଙ୍କୁ ୧୩୩୮୧୩ ଭୋଟରେ ହରାଇ ଜିତିଛନ୍ତି । ସେହିପରି କନ୍ଧମାଳ ଆସନରେ ସୁକାନ୍ତ କୁମାର ପାଣିଗ୍ରାହୀ ବିଜେଡ଼ି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ୨୨୪୭୯ ଭୋଟରେ ହରାଇଛନ୍ତି । କେନ୍ଦ୍ରାପଡା ଆସନରେ ବୈଜୟନ୍ତ ପଣ୍ଡା ବିଜେଡ଼ି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ୬୨୭୭୭ ଭୋଟରେ ହରାଇଛନ୍ତି । କେନ୍ଦୁଝର ଆସନରେ ଅନନ୍ତ ନାୟକ ବିଜେଡ଼ି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ୯୭୦୪୨ ଭୋଟରେ ହରାଇଛନ୍ତି । କୋରାପୁଟ ଆସନରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା ବିଜେଡ଼ି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କୁ ୧୩୫୮୦୫ ଭୋଟରେ ହରାଇଛନ୍ତି । ମୟୂରଭଞ୍ଜ ଆସନରେ ନବ ଚରଣ ମାଝୀ ବିଜେଡ଼ି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କୁ ୨୧୩୭୪୩ ଭୋଟରେ ହରାଇଛନ୍ତି । ନବରଙ୍ଗପୁର ଆସନରେ ବଳଭଦ୍ର ମାଝୀ ବିଜେଡ଼ି ପ୍ରାର୍ଥୀ ପ୍ରଦୀପ କୁମାର ମାଝୀଙ୍କୁ ୮୪୩୬୦ ଭୋଟରେ ପରାସ୍ତ କରିଛନ୍ତି । ପୁରୀ ଆସନରେ ସମ୍ବିତ ପାତ୍ର ବିଜେଡ଼ି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ୧୦୪୪୯୮ ଭୋଟରେ ହରାଇଛନ୍ତି । ସେହିପରି ସମ୍ବଲପୁର ଆସନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡ଼ି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ୧୧୬୬୨୯ ଭୋଟରେ ହରାଇଛନ୍ତି । ସୁନ୍ଦରଗଡ ଆସନରେ ଜୁଏଲ ଓରାମ ବିଜେଡ଼ି ପ୍ରାର୍ଥୀ ଦିଲ୍ଲୀପ ତିର୍କୀଙ୍କୁ ୧୩୮୮୦୮ ଭୋଟରେ ହରାଇ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି ।

## ୨୧ରୁ ବିଜେପିକୁ ...

ମଞ୍ଜୁଲତା ମଣ୍ଡଳଙ୍କୁ ୯୦୪୦୪ ଭୋଟରେ ହରାଇଛନ୍ତି । ଭୁବନେଶ୍ୱର ଲୋକସଭା ଆସନରେ ଅପରାଜିତା ଷଡଙ୍ଗୀ ବିଜେଡ଼ି ପ୍ରାର୍ଥୀ ମ ନ ୍ମ ଥ ରାଉତରାୟଙ୍କୁ ୩୫୦୭୦ ଭୋଟରେ ହରାଇଛନ୍ତି । ସେହିପରି ବଲାଙ୍ଗିର ଆସନରେ ସଙ୍ଗୀତା କୁମାରୀ ସିଂହଦେଓ ବିଜେଡ଼ି ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ୧୨୦୦୫୧ ଭୋଟରେ ହରାଇ ନିର୍ବାଚିତ ହୋଇଛନ୍ତି । କଟକ ଆସନରେ ଭର୍ତ୍ତୃହରି ମହତାବ ବିଜେଡ଼ି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ୫୫୮୨୮ ଭୋଟରେ ହରାଇ ଜିତିଛନ୍ତି । ଢେଙ୍କାନାଳ ଆସନରେ ରୁଦ୍ର ନାରାୟଣ ପାଣି ବିଜେଡ଼ି ପ୍ରାର୍ଥୀ ଅବିନାଶ ସାମଲଙ୍କୁ ୭୦୮୬୧ ଭୋଟରେ ହରାଇଛନ୍ତି । ଜଗତସିଂହପୁର ଆସନରେ ବିଭୁ ପ୍ରସାଦ ତରାଇ ବିଜେଡ଼ି ପ୍ରାର୍ଥୀ ଡ.ରାଜଶ୍ରୀ ମଲ୍ଲିକଙ୍କୁ ୩୮୦୮୬ ଭୋଟରେ ହରାଇଛନ୍ତି । ଯାଜପୁର ଆସନରେ ବିଜେଡ଼ିର ଶର୍ମିଷ୍ଠା ସେଠୀ ବିଜେପି ପ୍ରାର୍ଥୀ ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ୯୧୭୭ ଭୋଟରେ ହରାଇଛନ୍ତି । କଳାହାଣ୍ଡି ଆସନରେ ମାଳବିକା ଦେବୀ ବିଜେଡ଼ି ପ୍ରାର୍ଥୀ ଲମ୍ବୋଧର ନିଆଲଙ୍କୁ ୧୩୩୮୧୩ ଭୋଟରେ ହରାଇ ଜିତିଛନ୍ତି । ସେହିପରି କନ୍ଧମାଳ ଆସନରେ ସୁକାନ୍ତ କୁମାର ପାଣିଗ୍ରାହୀ ବିଜେଡ଼ି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ୨୨୪୭୯ ଭୋଟରେ ହରାଇଛନ୍ତି । କେନ୍ଦ୍ରାପଡା ଆସନରେ ବୈଜୟନ୍ତ ପଣ୍ଡା ବିଜେଡ଼ି ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ୬୨୭୭୭ ଭୋଟରେ ହରାଇଛନ୍ତି । କେନ୍ଦୁଝର ଆସନରେ ଅନନ୍ତ ନାୟକ ବିଜେଡ଼ି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ୯୭୦୪୨ ଭୋଟରେ ହରାଇଛନ୍ତି । କୋରାପୁଟ ଆସନରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରି ଉଲ୍ଲାକା ବିଜେଡ଼ି ପ୍ରାର୍ଥୀ କୌଶଲ୍ୟା ହିକକାଙ୍କୁ ୧୩୫୮୦୫ ଭୋଟରେ ହରାଇଛନ୍ତି । ମୟୂରଭଞ୍ଜ ଆସନରେ ନବ ଚରଣ ମାଝୀ ବିଜେଡ଼ି ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କୁ ୨୧୩୭୪୩ ଭୋଟରେ ହରାଇଛନ୍ତି । ନବରଙ୍ଗପୁର ଆସନରେ ବଳଭଦ୍ର ମାଝୀ ବିଜେଡ଼ି ପ୍ରାର୍ଥୀ ପ୍ରଦୀପ କୁମାର ମାଝୀଙ୍କୁ ୮୪୩୬୦ ଭୋଟରେ ପରାସ୍ତ କରିଛନ୍ତି । ପୁରୀ ଆସନରେ ସମ୍ବିତ ପାତ୍ର ବିଜେଡ଼ି ପ୍ରାର୍ଥୀ ଅରୂପ ପଟ୍ଟନାୟକଙ୍କୁ ୧୦୪୪୯୮ ଭୋଟରେ ହରାଇଛନ୍ତି । ସେହିପରି ସମ୍ବଲପୁର ଆସନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡ଼ି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ୧୧୬୬୨୯ ଭୋଟରେ ହରାଇଛନ୍ତି । ସୁନ୍ଦରଗଡ ଆସନରେ ଜୁଏଲ ଓରାମ ବିଜେଡ଼ି ପ୍ରାର୍ଥୀ ଦିଲ୍ଲୀପ ତିର୍କୀଙ୍କୁ ୧୩୮୮୦୮ ଭୋଟରେ ହରାଇ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି ।

# ଆରପିଏଫ୍ ଡିଜିଙ୍କ ପୂର୍ବତଟ ରେଳପଥ ପରିଦର୍ଶନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ରେଳ ସୁରକ୍ଷା ବଳ (ଆରପିଏଫ୍) ର ମହାନିର୍ଦ୍ଦେଶକ (ଡିଜିପି) ଆଇପିଏସ୍ ମନୋଜ ଯାଦବ ଗତକାଲି ପୂର୍ବ ତଟ ରେଳପଥ ମୁଖ୍ୟାଳୟ ଠାରେ ରେଳପଥର ନିରାପତା ସମ୍ବନ୍ଧୀୟ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ରେଳପଥର ନିରାପତା କାର୍ଯ୍ୟଦକ୍ଷତାକୁ ଆକଳନ କରିବା ଏବଂ ଯାତ୍ରୀଙ୍କ ସୁରକ୍ଷା ଏବଂ ନିରାପତା ସୁନିଶ୍ଚିତ କରିବାରେ ଅଧିକ ଅଗ୍ରଗତିର ରଣନୀତି କରିବା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଶ୍ରୀ ଯାଦବ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ସହ ରେଳବାଇର ସୁରକ୍ଷା ବଳ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ନୂତନ ଜ୍ଞାନକୌଶଳ, ନ୍ୟାୟିକ ଉଦାହରଣ ଏବଂ ଆଇନ ପ୍ରଣୟନରେ ସର୍ବୋତମ ଅଭ୍ୟାସ ସମ୍ବନ୍ଧରେ ସଚେତନତା ପାଇଁ ଆଲୋଚନା କରିଥିଲେ । ଶ୍ରୀ ଯାଦବଙ୍କ ଗସ୍ତ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକ ଏବଂ ପାରସ୍ପରିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ସେ ବର୍ତମାନର ନିରାପତା ଭିତିଭୂମି ଦୃଶ୍ୟର ଆକଳନ କରିବା ପାଇଁ ଖୋର୍ଦ୍ଧା ରୋଡ, ୱାଲଟିୟର ଏବଂ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ନିରାପତା ଆୟୁକ୍ତ ଓ ବରିଷ୍ଠ ନିରାପତା ଆୟୁକ୍ତଙ୍କ ସହ ଯାତ୍ରୀଙ୍କ ନିରାପତ୍ତା ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବୈଷୟିକ ପ୍ରଗତି କ୍ଷେତ୍ରରେ ଅବଗତ ରହିବାର ମହତ୍ୱକୁ ଦର୍ଶାଇ ଡିଜି ଶ୍ରୀ ଯାଦବ ରେଳ ନିରାପତା ପ୍ରୟାସରେ ଆଧୁନିକ ଜ୍ଞାନକୌଶଳର ଏକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ସୁରକ୍ଷା ଫଳାଫଳକୁ ବୃଦ୍ଧି କରାଇବା ଏବଂ ଆଦର୍ଶ ପ୍ରଦର୍ଶନ ମାଧ୍ୟମରେ ରେଳ ସୁରକ୍ଷା କର୍ମଚାରୀଙ୍କ ସକରାତ୍ମକ ଭାବମୂର୍ତ୍ତିକୁ ବଢାଇବା ପାଇଁ ନୂତନ ଜ୍ଞାନକୌଶଳର ଉପଯୋଗ ପାଇଁ ସେ ଗୁରୁତ୍ୱାରୋପ କରିଥିଲେ । ସମ୍ପ୍ରତି ସମ୍ବିଧାନ ସଂଶୋଧନ ବିଷୟରେ ସଚେତନତା ତଥା ବୁଝାମଣାକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭାରତୀୟ ନ୍ୟାୟ ସଂହିତା, ଭାରତ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ନାମକ ତିନୋଟି ନୂତନ ଅପରାଧିକ ଆଇନ ଉପରେ ଏକ ସେମିନାର ଆୟୋଜନ କରାଯାଇଥିଲା । ଏହି ସେମିନାରରେ ଆରପିଏଫ୍ କର୍ମକର୍ତାଙ୍କୁ ସାମ୍ପ୍ରତିକ ସମ୍ବିଧାନ ସଂଶୋଧନ, ନ୍ୟାୟିକ ପ୍ରାଥମିକତା ଏବଂ ଆଇନ ପ୍ରଣୟନରେ ସର୍ବୋତମ ଅଭ୍ୟାସ ବିଷୟରେ ସୂଚନା ପ୍ରଦାନ କରାଯାଇଥିଲା, ଯାହା ସେମାନଙ୍କ ଭୂମିକାରେ ଖାପ ଖୁଆଇବା ଏବଂ ଉତ୍କର୍ଷ କରିବାର କ୍ଷମତାକୁ ସୁଗମ କରିଥିଲା । ଡିଜି ଶ୍ରୀ ଯାଦବ ମଧ ଆରପିଏଫ କର୍ମଚାରୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଖୋର୍ଦ୍ଧା ରୋଡରେ ଅନୁଷ୍ଠିତ ସୁରକ୍ଷା ସମ୍ମିଳନୀ ସମୟରେ ସେ ଚାପ ପରିଚାଳନା, ସ୍ୱାସ୍ଥ୍ୟ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଯାତ୍ରୀମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବାକୁ ଆରପିଏଫ କର୍ମଚାରୀଙ୍କୁ ଉତ୍ସର୍ଗୀକୃତ ରହିବାକୁ ଉପଦେଶ ଦେଇଥିଲେ । ପୂର୍ବତଟ ରେଳପଥର ପ୍ରମୁଖ ନିରାପତା ଆୟୁକ୍ତ, ମୁଖ୍ୟ ନିରାପତା ଆୟୁକ୍ତ / ଆରପିଏଫ ଏବଂ ବିଭାଗୀୟ ସୁରକ୍ଷା ଆୟୁକ୍ତ / ଆରପିଏଫ / ଖୋର୍ଦ୍ଧା ରୋଡ ରେଳ ମଣ୍ଡଳ ସମେତ ପ୍ରମୁଖ ଅଧିକାରୀଙ୍କ ସହ ଡିଜି ଶ୍ରୀ ଯାଦବ ନିରାପତା କ୍ଷେତ୍ରରେ ପ୍ରମୁଖ ପ୍ରଦର୍ଶନ ସୂଚକାଙ୍କ (ଋଉଚ) ଅନୁଯାୟୀ ରେଳପଥର ଉତ୍କର୍ଷ ନିରାପତ୍ତା ପ୍ରତିବଦ୍ଧତା ପ୍ରଦର୍ଶନକୁ ପ୍ରଶଂସା କରିଥିଲେ । ଅଧିକନ୍ତୁ, ଶ୍ରୀ ଯାଦବଙ୍କ ଗସ୍ତର ଏକ ଅଂଶ ଭାବରେ ଡିଜି ଶ୍ରୀ ଯାଦବ କଟକ ରେଳ ଷ୍ଟେସନରେ ଏକ ନୂତନ ଆରପିଏଫ୍ ପୋଷ୍ଟର ଉଦଘାଟନ କରିଥିଲେ ଏବଂ କଟକ ରେଳ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ଏକ ଅଂଶ ଭାବରେ ଚାଲିଥିବା ନିରାପତ୍ତା ଉନ୍ନତି ସମ୍ବନ୍ଧରେ ନୀରିକ୍ଷଣ କରିଥିଲେ । ପୂର୍ବତଟ ରେଳପଥ ମୁଖ୍ୟାଳୟ ପରିଦର୍ଶନ ପୂର୍ବରୁ ଡିଜି ଶ୍ରୀ ଯାଦବ ୱାଲଟିୟର ରେଳ ମଣ୍ଡଳ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ମଣ୍ଡଳ ନିରାପତ୍ତା ଆୟୁକ୍ତ, ଆରପିଏଫ ପାଇଁ ଏକ ନୂତନ କାର୍ଯ୍ୟାଳୟର ଉଦଘାଟନ କରିଥିଲେ ଏବଂ ବାଚେଲି-କାକଲୁର ରେଳ ସେକ୍ସନ ସମେତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ନିରାପତ୍ତା ବ୍ୟବସ୍ଥା ଆକଳନ କରିଥିଲେ ।

# ପୁରୀ ବାଣ ବିସ୍ଫୋରଣ ମାମଲା: ୪ ଗିରଫ



**ପୁରୀ, ନ୍ୟୁଜ ବ୍ୟୁରୋ**

ଚନ୍ଦନ ଯାତ୍ରା ସମୟରେ ନରେନ୍ଦ୍ର ପୋଖରୀ ବାଣ ବିସ୍ଫୋରଣ ଘଟଣାରେ ୪ ଗିରଫ । ଗତ ୨୯ ତାରିଖ ଦିନ ମହାପ୍ରଭୁଙ୍କ ଭଉଁରୀ ଅବସରରେ ପୁରୀ ନରେନ୍ଦ୍ର ପୁଷ୍କରିଣୀର ଦେବୀଘାଟ ନିକଟରେ ବାଣ ବିସ୍ଫୋରଣ ଘଟିଥିଲା । ଯେଉଁଥିରେ ୩୫ରୁ ଅଧିକ ବ୍ୟକ୍ତି ଆହାତ ହୋଇଥିଲେ । ଆହତମାନଙ୍କୁ ପ୍ରଥମେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଓ କଟକର ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ତେବେ ଆହତଙ୍କ ମଧ୍ୟରୁ ଏବେସୁଦ୍ଧା ୧୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହାତ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ତେବେ ବିନା ଅନୁମତିରେ ବାଣ ଫୁଟାଇବା ଓ ଅଘଟଣକୁ ନେଇ ପୋଲିସ ପକ୍ଷରୁ ନିଜ ଆଡୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ପୁରୀ ବାଣ ବିସ୍ଫୋରଣ ଘଟଣାରେ ରବିବାର ନିମାପଡା ବ୍ଲକର ଚାରିଛକ ଥାନା ଅଞ୍ଚଳର ୪ ଜଣ ବାଣ ବେପାରୀକୁ ଗିରଫ କରି କୁମ୍ଭାରପଡା ଥାନାରେ ଅଟକ ରଖି ପଚରାଉଚରା କରିଥିବା ବେଳେ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଲେ ଚାରିଛକ ଅଞ୍ଚଳର ପ୍ରଶାନ୍ତ କୁମାର ନାୟକ, ଟୁକୁ ରଞ୍ଜନ ସ୍ୱାଇଁ, ବୁଧି ଭୋଇ ଏବଂ ଜଗନ୍ନାଥ ରାଉତ । ପୋଲିସ ୧୮୧/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ ଅଭିଯୁକ୍ତ ମାନଙ୍କ ନିକଟରୁ ପୋଟାସିଏମ ନାଇଟ୍ରେଟ୍ ୪୬ କେଜି, ଚାରକୋଲ ପାଉଡର ୩୦କେଜି, ଗନ ପାଉଡର ୮ କେଜି, ସରଫର ୫ କେଜି, ଜୀବନ୍ତ ହାତ ବୋମା ୮୫ଟି, ବିଗ୍ ସଟ୍ ହାବେଲୀ ୬୩ଟି, ୩୦ ସଟ୍ ବକ୍ସ ୧୨ଟି, ୧୦୦ସଟ୍ ୧୪ଟି ବକ୍ସ, ୬୦ ସଟ ୨୦ଟି ବକ୍ସ, ୫୦ ସଟ୍ ୬ଟି ବକ୍ସ, ଟୁ ଇନ ୱାନ ୬ଟି ବକ୍ସ, ଲଙ୍କା ବାଣ ୮ ବକ୍ସ, ୧୦୦୦ ପାଇପ ହାବେଲୀ କଣ୍ଟେନର ଆଦି ଜବତ କରିଛି । ପୋଲିସର ସୂଚନା ଅନୁଯାୟୀ, ଚନ୍ଦନ ଭୋଇ ନିଜର ମାନସିକ ପୂରଣ କରିବା ନିମନ୍ତେ ଚାପଖେଳ ସମୟରେ ବାଣ ଫୁଟାଇବା ନେଇ ଯୋଜନା କରିଥିଲେ । ବାଣ କିଣି ଆଣି ବେଳେ ଉକ୍ତ ବାଣଙ୍କୁ ଟଲି ସାହାଯ୍ୟରେ କେ ରାଜୁ ରାଓ ନରେନ୍ଦ୍ର ପୁଷ୍କରିଣୀ ନିକଟକୁ ଆଣିଥିଲେ । ବାଣ ଫୁଟାଇବା ପାଇଁ ଚନ୍ଦନପୁର ଦୋବନ୍ଦା ଅଞ୍ଚଳର ଗୋବିନ୍ଦ ନାୟକ ଭଡାରେ ଆସିଥିଲେ । ତେବେ ସେ ଭୁଲ ବାଣ ଫୁଟାଇବା ଯୋଗୁ ବାଣ ମିସ୍ ଫାୟାର ହୋଇ ଅନ୍ୟ ବାଣ ଉପରେ ପଡିଥିଲା । ଯାହାଫଳରେ ବାଣ ବିସ୍ଫୋରଣ ହୋଇଥିଲା । ବାଣ ଆଣିଥିବା ଚନ୍ଦନ ଭୋଇ ବିସ୍ଫୋରଣରେ ଆହତ ହୋଇ ଚିକିତ୍ସତ ହେଉଥିବା ବେଳେ ବାଣ ଆଣିଥିବା ରାଜୁ ରାଓଙ୍କର ମୃତ୍ୟୁ ଘଟିଛି । ଅପରପକ୍ଷରେ ବାଣ ଫୁଟାଉଥିବା ଗୋବିନ୍ଦ ନାୟକ ବିସ୍ଫୋରଣ ସମୟରେ ପାଣିକୁ ଡେଇଁ ଫେରାର ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଘଟଣାରେ ଗିରଫ ହୋଇଥିବା ୪ ଅଭିଯୁକ୍ତଙ୍କ ମଧ୍ୟରୁ ପ୍ରଶାନ୍ତ ଓ ଟୁକୁ ରଞ୍ଜନ ସ୍ୱାଇଁ ଫ୍ୟାନ୍ସି ବାଣ ତିଆରି କରିବା ନିମନ୍ତେ ଲାଇସେନ ପାଇଥିଲେ ମାତ୍ର ବେଆଇନ ଭାବରେ ବିସ୍ଫୋରକ ବାଣ ତିଆରୀ କରି ଚନ୍ଦନ ଭୋଇଙ୍କୁ ଯୋଗାଇଥିଲେ । ଅପରପକ୍ଷରେ ଗିରଫ ହୋଇଥିବା ଅନ୍ୟ ଦୁଇ ଅଭିଯୁକ୍ତ ବୁଧି ଭୋଇ ଓ ଜଗନ୍ନାଥ ରାଉତ ବେଆଇନ ଭାବରେ ପ୍ରଶାନ୍ତ ଓ ଟୁକୁଙ୍କ ନିମନ୍ତେ ବାଣ ତିଆରି କରୁଥିଲେ । ବେଆଇନ ଭାବରେ ବାଣ ତିଆରି କରିବା ଓ ବିକ୍ରି କରିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ବାଣ ଫୁଟାଉଥିବା ଫେରାର ଗୋବିନ୍ଦକୁ ପୋଲିସ ଧରିବା ପାଇଁ ଚେଷ୍ଟା ଜାରି ରଖିଛି ।

## ଶ୍ରୀମନ୍ଦିର ଭିତରେ ଭକ୍ତଙ୍କ ମୃତ୍ୟୁ

**ପୁରୀ, ନ୍ୟୁଜ ବ୍ୟୁରୋ**

ଶ୍ରୀ ମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ କରୁଥିବା ସମୟରେ ଜଣେ ଭକ୍ତଙ୍କ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତି ହେଉଛନ୍ତି ଗୁଜୁରାଟର ୮୫ ବର୍ଷୀୟ ଚେତନ ଦାସ । ଚେତନ ତାଙ୍କ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ କରିବା ପାଇଁ ପୁରୀ ଆସିଥିଲ । ଦର୍ଶନ କରିବା ସମୟରେ ଚେତନ ଟଳିପଡିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ତାଙ୍କ ପରିବାର ଲୋକ ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ।

XXI-22

ଓଡିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
****
ଘୋଷଣା

No RDM-LAA-MBJ-0015-2023- 8240 R&DM, Dated-16.03.2024

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା –**ସିଙ୍ଗାରପୁର**, ଥାନା- ବୈଶିଙ୍ଗା ନଂ. ୧୭୦, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୨୯୨୩ ତା. ୦୬.୧୨.୨୦୨୩ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ସିଙ୍ଗାରପୁର**, ଥାନା- ବୈଶିଙ୍ଗା ନଂ. ୧୭୦, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ଲକ୍ଷ୍ମୀପୋଷି, ବାରିପଦା, ସ୍ଥିତ ମୟୂରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସିଙ୍ଗାରପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨.୧୫ | ଏକର ୦.୬୫ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୫.୦୧.୨୦୨୪ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା– ୪୦/୨୦୨୨
ଏ.୦.୬୫ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଦୁର୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ
ମୌଜା–ସିଙ୍ଗାରପୁର, ଥାନା– ବୈଶିଙ୍ଗା, ନଂ–୧୭୦, ତହସିଲ– ବେତନଟୀ, ଜିଲ୍ଲା– ମୟୂରଭଞ୍ଜ

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୫୬ | ୫୭ | ୦.୨୩ | ୦.୦୮ | ଶାରଦ ଏକ | ତାତୁ ମାଝୀ ପି: କାର୍ତ୍ତିକ ମାଝୀ, ସାଲଗ ମାଝୀ, ପାନ ମାଝୀ ପି: ରଜ ମାଝୀ, ସାନ ଗୁଲିଆ ମାଝୀ, ଗୁହୁରା ମାଝୀ, ପାଲୁ ମାଝୀ ପି: ଭୀମ ମାଝୀ, ହିସି ମାଝୀ ସ୍ୱା: ଭୀମ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୩୧ | ୨୦ | ୦.୪୮ | ୦.୨୦ | ଶାରଦ ତିନି | ଲକ୍ଷ୍ମଣ ମାଝୀ, ମନୁ ମାଝୀ ପି: ଧିରେଇ ମାଝୀ, ଦୁଲା ମାଝୀ ପି: ଦାସ ମାଝୀ ଜା: ସାନ୍ତାଳ ବା: ନିଜଗାଁ |
| ୧୬୪ | ୫୮ | ୦.୧୮ | ୦.୦୮ | ଶାରଦ ଏକ | ସୁବୁଲାଲ ମାଝୀ, ବାୟା ମାଝୀ ପି: କାଳା ମାଝୀ |
| | ୨୧ | ୧.୨୬ | ୦.୨୯ | ଶାରଦ ଦୁଇ | ଜା: ସାନ୍ତାଳ ବା: ନିଜଗାଁ |
| ମୋଟ | ୪ ପ୍ଲଟକୁ | ଏ.୨.୧୫ ଡେ.ମି. | ଏ.୦.୬୫ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ନୃସିଂହ ଚରଣ ସ୍ୱାଇଁ)
OIPR-24001/14/0059/2425 ସ୍ୱତନ୍ତ୍ର ଶାସନ ସଚିବ

ଭୁବନେଶ୍ୱର
୫ ଜୁନ୍
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

# ରଥଯାତ୍ରା ୨୦୨୪: ତିନି ରଥର ୩୪ ଚକ ନିର୍ମାଣ ଶେଷ



**ପୁରୀ, ୪/୦୬ ନ୍ୟୁଜ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ନେଇ ଚଳଚଞ୍ଚଳ ପୁରୀ ଶ୍ରୀମନ୍ଦିର ରଥଖଳା । ଚାଲିଛି ଜୋରସୋରରେ ରଥ ନିର୍ମାଣ କାର୍ଯ୍ୟ । ତିନି ରଥର ୩୪ ଗୋଟି ଚକ ନିର୍ମାଣ ଶେଷ ହୋଇ ଦଣ୍ଡା ନିର୍ମାଣ ପାଇଁ ରଥ ଖଳାରେ ତିନି ରଥର ପାଞ୍ଚ ଦଣ୍ଡା କାଠ ପଡ଼ିଛି । ଏଥିସହ ତିନି ରଥର ଅନ୍ୟାନ୍ୟ ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ରଥ ନିର୍ମାଣକାରୀ ସେବକମାନେ ସମାନ୍ତରାଳ ଭାବେ ନିର୍ମାଣ କାର୍ଯ୍ୟ ଆଗେଇ ନେଉଛନ୍ତି । ତିନି ରଥର ଓରା, ଓରାଖମ୍ବି, ଭୂଇଁ ଚଉତା ଆଦିର ଚଉପଟ କାର୍ଯ୍ୟ ଶେଷ ହୋଇଛି । ଏଥିସହ ରଥ ଖଳାରେ ତିନି ରଥର ଦୁଇଟି ଲେଖାଏଁ ସାନ ଉଛୁଳା ଅଖର ଗୋଲେଇ କାର୍ଯ୍ୟ ଶେଷ ହୋଇ ବାକି ଅଖ ଗୁଡ଼ିକର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ମହାରଣା ସେବକ ମାନେ ଜାରି ରଖିଛନ୍ତି । ଏଥିସହ ତିନି ରଥର ଚକ ସଂଖ୍ୟକ ଯୋକା କାଠର ଚଉପଟ କାର୍ଯ୍ୟ ଜାରି ରହିଛି । ତିନି ରଥର ଦଣ୍ଡା ନିର୍ମାଣ ପାଇଁ ରଥ ଅମୀନ ତିନି ରଥ ଖଳାକୁ ୩ଟି ଲେଖାଏଁ ୪୦ ଫୁଟିଆ ସାହାଜ କାଠ ଏବଂ ୨ ଟି ଲେଖାଏଁ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି । ଅନୁକୂଳ ପୂଜା ପରେ ତିନି ରଥର ଦଣ୍ଡା ଚଉପଟ କାର୍ଯ୍ୟ ଆରମ୍ଭ ହେବ । ତାଳଧ୍ୱଜ ରଥର ୧୧ ନମ୍ବର ଚକର ଗୋଟିଏ ପଇ ବଦଳା ଯିବାକୁ ଥିବା ବେଳେ ୧୨ ନମ୍ବର ଚକର ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଅଛି । ତାଳଧ୍ୱଜ ରଥର ବାକି ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛି । ତାଳଧ୍ୱଜ ରଥର ଆଗ, ପଛ ଏବଂ ଦୁଇ ପାର୍ଶ୍ୱ ମୁହାଁଟ ଚଉପଟ କାର୍ଯ୍ୟ ଶେଷ ହୋଇଛି । ଆଠ ଗୋଟି ଭୂଇଁ ଖାମ୍ବାର ଚଉପଟ ସହ ସାଲ କାର୍ଯ୍ୟ ଶେଷ ହୋଇଛି । ତାଳଧ୍ୱଜ ରଥର ୧୬ଟି ଯୋକା ମଧ୍ୟରୁ ମଙ୍ଗଳବାର ସୁଦ୍ଧା ୭ ଗୋଟି ଯୋକାର ନିର୍ମାଣ ଶେଷ ହୋଇ ବାକି ଯୋକା ଗୁଡ଼ିକର ଚଉପଟ କାର୍ଯ୍ୟ ଜାରି ରହିଛି । ରଥର ଗୋଟିଏ ନାହାକା ଅଖ, ଦୁଇଟି ସାନ ଉଛୁଳା ଅଖର ଦୁଇ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହେବାପରେ, ବାକି ତିନୋଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ ପାଇଁ ଚଉପଟ କାର୍ଯ୍ୟ ଜାରି ରହିଛି । ଓରାର ଚଉପଟ କାର୍ଯ୍ୟ ଶେଷ ହୋଇଛି । ଦର୍ପଦଳନ ରଥର ୧୦ଟି ଚକ ନିର୍ମାଣ ଶେଷ ହୋଇ ୧୧ ନମ୍ବର, ଚକ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି । ଦର୍ପଦଳନ ରଥର ବାକି ଅଂଶ ଗୁଡ଼ିକ ମଧ୍ୟରୁ ଚାରିଗୋଟି ଓରାର ଚଉପଟ ଶେଷ ହୋଇଛି । ଦୁଇଟି ସାନ ଉଛୁଳା ଅଖର ଚଉପଟ ଶେଷ ହୋଇ ବାକି ୪ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ ପାଇଁ ଚଉପଟ କାର୍ଯ୍ୟ ଜାରି ରହିଛି । ଦର୍ପଦଳନ ରଥର ୧୨ଟି ଯୋକା ମଧ୍ୟରୁ ୧୦ଟି ଯୋକା ଶେଷ ହୋଇ ଶେଷ ଦୁଇଟି ଯୋକାର ଆଂଶ ମରା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନନ୍ଦିଘୋଷ ରଥର ୧୪ ଗୋଟି ଚକର ନିର୍ମାଣ ଶେଷ ହୋଇ ୧୫ ନମ୍ବର ଚକର ତୁମ୍ବରେ ସିଙ୍ଗଡ଼ା ବାଡିଆ ଶେଷ ହୋଇଛି । ରଥର ବାକି ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ଚାରୋଟି ମୁହାଣ୍ଟ ଚଉପଟ ଶେଷ ହୋଇଛି । ନିର୍ମାଣ ଶେଷ ପରେ ବାକି ୧୧ଟି ଯୋକାର ଚଉପଟ ଜାରି ରହିଛି । ଚାରୋଟି ଓରାର ଚଉପଟ ଶେଷ ହୋଇ ବିନ୍ଧ କାର୍ଯ୍ୟ ଶେଷ ହୋଇଛି । ଦୁଇଟି ସାନ ଉଛଳା ଅଖର ଉଭୟ ପଟ ଗୋଲେଇ ଶେଷ ପରେ ବାକି ୫ଟି ଅଖର ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରୂପକାର ସେବକମାନେ ତିନି ରଥର ସାରଥି ଗୁଜରେ ରୂପ ଖୋଦେଇ କାର୍ଯ୍ୟ କରିବା ସହ ଖୋଦେଇ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ କାର୍ଯ୍ୟ ଜାରି ରଖିଛନ୍ତି । ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ ଓଝା ସେବକ ମାନେ ତିନି ରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ସହ ଯୋଖା କଣ୍ଟା ନିର୍ମାଣ ଜାରି ରଖିଛନ୍ତି ।

# ନିର୍ବାଚନ ଫଳ ନେଇ ସେୟାର ବଜାର ତଳକୁ ଖସିଲା : ସେନସେକ୍ସ ୨,୦୦୦ ପଏଣ୍ଟ ହ୍ରାସ



**ମୁମ୍ବାଇ,୪/୫**

ଲୋକସଭା ନିର୍ବାଚନ ଫଳାଫଳ ଆସିବା ଆରମ୍ଭ କରିଛି । ପ୍ରାରମ୍ଭିକ ଧାରାରେ ବିଜେପି ନେତୃତ୍ୱାଧୀନ ଏନଡିଏ ଅଗ୍ରଣୀ ଥିବାରୁ ଷ୍ଟକ୍ ମାର୍କେଟରେ ମଧ୍ୟ ଏକ ବଡ଼ ହ୍ରାସ ଦେଖିବାକୁ ମିଳିଛି । ମଙ୍ଗଳବାର ବଜାର ଖୋଲିବା ମାତ୍ରେ ସେନସେକ୍ସ ୨,୦୦୦ ପଏଣ୍ଟ ଏବଂ ନିଫ୍ଟ ପ୍ରାୟ ୬୦୦ ପଏଣ୍ଟ ହ୍ରାସ ପାଇଛି । ସମ୍ପ୍ରତି ସେନସେକ୍ସ ୭୪,୦୦୦ରେ ରହିଯାଇଛି । ଯେତେବେଳେ କି ନିଫ୍ଟ ୨୨,୬୦୦ରେ ରହିଛି ।

# ମୋଦିଙ୍କ ପ୍ରତ୍ୟାବର୍ତ୍ତନକୁ ନେଇ ବିଶ୍ୱ ବଜାର ଖୁସି



**ନୂଆଦିଲ୍ଲୀ,୪ ।୬**

ଏକ୍‌ଜିଟ ପୋଲ ଫଳାଫଳ ପରେ ଭାରତୀୟ ଷ୍ଟକ ମାର୍କେଟରେ ଏପରି ବୃଦ୍ଧି ଘଟିଥିଲା ଯେ ନିବେଶକମାନେ ଏକ ଘଣ୍ଟା ମଧ୍ୟରେ ଲକ୍ଷ ଲକ୍ଷ କୋଟି ଟଙ୍କା ରୋଜଗାର କରିଥିଲେ । ଯଦି ଆମେ ସୋମବାର ସକାଳର ଆକଳନକୁ ଦେଖିବା, ଏଥିରୁ ଜଣାପଡେ ଯେ ଏକଜିଟ ପୋଲ ଫଳାଫଳ ଯୋଗୁଁ କେବଳ ଭାରତୀୟ ବଜାର ନୁହେଁ ଏସିଆର ସମସ୍ତ ବଜାରରେ ବୃଦ୍ଧି ଘଟୁଛି । ଚାଇନା ହେଉଛି ଏକମାତ୍ର ଦେଶ ଯିଏ ମୋଦି ସରକାରଙ୍କ ପ୍ରତ୍ୟାବର୍ତ୍ତନରେ ଖୁସି ମନେ ହେଉନାହିଁ ଏବଂ ମଙ୍ଗଳବାର ଏହାର ଷ୍ଟକ ମାର୍କେଟରେ ହ୍ରାସର ପରିବେଶ ରହିଛି ।

ସୂଚନାଯୋଗ୍ୟ, ଲୋକ ସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି (ଭାଜପା) ର ଏନଡିଏ ସରକାରର ବିଜୟର ଆଶା ମଧ୍ୟରେ ବିଏସଇ ୩୦ ଶେୟାର ଇଣ୍ଡେକ୍ସ ସେନସେକ୍ସ ୨,୭୭୭.୫୮ ପଏଣ୍ଟ କିମ୍ବା ୩.୭୫ ପ୍ରତିଶତ ବୃଦ୍ଧି ପାଇ ରେକର୍ଡ ସ୍ତରରେ ପହଞ୍ଚିଛି । ବଜାରରେ ବାଣିଜ୍ୟ ଆରମ୍ଭ ହେବାର ଏକ ଘଣ୍ଟା ମଧ୍ୟରେ ୭୬,୭୩୮.୮୯ ପଏଣ୍ଟ ବୃଦ୍ଧି ଘଟିଥିଲା ଏବଂ ବିଏସଇରେ ତାଲିକାଭୁକ୍ତ କମ୍ପାନୀଗୁଡିକର ବଜାର କ୍ୟାପ ମଧ୍ୟ ରକେଟ ବେଗରେ ବୃଦ୍ଧି ପାଇବାରେ ଲାଗିଲା ।

# ରାଜ୍ୟ ବିଜେପି ଅଫିସ୍‌ରେ ଜୋରଦାର ବିଜୟ ଉତ୍ସବ

**ଭୁବନେଶ୍ୱର, ୪/୬**
**ନ୍ୟୁଜ ବ୍ୟୁରୋ**

ରାଜ୍ୟ ରାଜନୀତିରେ ବଡ଼ ପରିବର୍ତ୍ତନ । ପରାଜିତ ହୋଇଛି ବିଜେଡି । ଏକପ୍ରକାର ଅସମ୍ଭବକୁ ସମ୍ଭବ କରିଛି ବିଜେପି । ନିର୍ବାଚନ ଫଳାଫଳ ସମସ୍ତଙ୍କୁ କରିଛି ଆଶ୍ଚର୍ଯ୍ୟଚକିତ । ଜନାଦେଶ ବିଜେଡି ଶିବିରକୁ ସମ୍ପୂର୍ଣ୍ଣ ଦୋହଲାଇ ଦେଇଛି । ୧୦୦ରୁ ଅଧିକ ଆସନ ଜିତିବା ନେଇ ଦାବି କରୁଥିବା ବିଜେଡି ଏବେ ଟ୍ରେଣ୍ଡ ସୁଦ୍ଧା ୫୦ ବି ଛୁଇଁନାହିଁ । ଏପଟେ ବିଜେପି ୮୨ ଆସନରେ ଆଗୁଆ ଅଛି । ରାଜ୍ୟରେ ପ୍ରଥମ ଥର ପାଇଁ





ଫୁଟିବାକୁ ଯାଉଛି ପଦ୍ମ । ଯାହାକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ । ରାଜଧାନୀ ଭୁବନେଶ୍ୱର ସ୍ଥିତ ପାର୍ଟି ଅଫିସରେ ଦଳୀୟ କର୍ମୀଙ୍କ ଆରମ୍ଭ ହୋଇଯାଇଛି ଜୋରଦାର ସେଲିବ୍ରେସନ । ବାଜା ବାଣରେ ପ୍ରକମ୍ପିତ ହେଉଛି ରାଜ୍ୟ ବିଜେପି ମୁଖ୍ୟାଳୟ । ଓଡ଼ିଶାବାସୀ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ବିଜେପି ଉପରେ ଆସ୍ଥା ପ୍ରକଟ କରିଥିବାରୁ ଦଳୀୟ କର୍ମୀ କୃତଜ୍ଞତା ପ୍ରକାଶ କରିଛନ୍ତି ।

# ଚିଲିକା ଉପକୂଳରେ ନିଶା ଔଷଧ ଦେଇ ପକ୍ଷୀ ଶିକାର

**କଣାସ,୪।୬ ନ୍ୟୁଜ ବ୍ୟୁରୋ**

କଣାସ ବ୍ଲକର ଶେଷ ସୀମା ଚିଲିକା ଦୟାନଦୀର ମୁହାଁଣଠାରୁ ମକରାନଦୀ ମୁହାଁଣ ଦେଇ ଭୁଷଣ୍ଡପୁର ପର୍ଯ୍ୟନ୍ତ ଚିଲିକା ଉପକୂଳରେ ଦେଶୀ ଓ ବିଦେଶୀ ପକ୍ଷୀମାନଙ୍କୁ ନିଶା ଔଷଧ ଦେଇ ଶିକାରୀମାନେ ଦୈନନ୍ଦିନ ଧରିନେଉଥିଲେ ମଧ୍ୟ ବନ ବିଭାଗ ନିଦାବିଷ୍ଟୁ ସାଜିଛି । ଶୀତରତୁ ଆସିଲେ ବିଭିନ୍ନ ଦେଶରୁ ଲକ୍ଷାଧିକ ପକ୍ଷୀ ଚିଲିକାକୁ ଚାଲିଆସନ୍ତି ଏବଂ ଗ୍ରୀଷ୍ମର ଆଗମନ ହେବା ପରେ ନିଜ ଦେଶକୁ ଫେରିଯାଆନ୍ତି । ତେବେ କିଛି ବର୍ଷ ହେଲା ଅନେକ ବିଦେଶୀ ଓ ଦେଶୀ ପକ୍ଷୀ ଚିଲିକା ଉପକୂଳର ଗାଁଗଣ୍ଡାରେ ଧାନ ଖାଇବା ପାଇଁ ରହିଯାଉଛନ୍ତି । ବର୍ତ୍ତମାନ ବିଭିନ୍ନ ପ୍ରଜାତିର ପକ୍ଷୀ ଚିଲିକା ଉପକୂଳ ଗ୍ରାମ ଗୋପୀନାଥପୁର, ପାଇକମରା, ସାନଓରା, ବଡଓରା, ଓଗାଳପୁର, ଗଙ୍ଗାଧରପୁର, ଦୋଛିଆଁ, ଆଳିପଡ଼ା, ନୂଆଗାଁ, ଦେଇପୁର ମୌଜାର ଧାନଜମିରେ ଧାନ ଓ ପୋକଜୋକ



ଖାଉଥିବା ଦେଖିବାକୁ ମିଳୁଛି । ସେହିପରି ଚିଲିକା ଉପକୂଳରେ ଜମା ହୋଇଥିବା କଲିକତି ଦଳ ଓ କଇଁଫୁଲ କେଶରକୁ ମଧ୍ୟ ଖାଦ୍ୟ ରୂପେ ଗ୍ରହଣ କରୁଛନ୍ତି । ତେଣୁ ଶିକାରୀମାନେ ଧାନଜମିରେ ଛିଟିକିଣି ବସାଇବା ସହିତ କଇଁଫୁଲ କେଶରରେ ସିରିଞ୍ଜି ମାଧ୍ୟମରେ ନିଶାଯୁକ୍ତ ଔଷଧ ପୂରାଇ ଏବଂ ମାଛରେ ବିଷ ଦେଇ ପକ୍ଷୀମାନଙ୍କୁ ଶିକାର କରୁଛନ୍ତି । ଶୀତରତୁରେ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଟାଙ୍ଗୀ ବନ ବିଭାଗ, ସାତପଡ଼ା ଓ ବାଲୁଗାଁ ପକ୍ଷୀ ସୁରକ୍ଷା ବିଭାଗ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଥାଏ । କିନ୍ତୁ ବର୍ତ୍ତମାନ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଶିକାରୀମାନେ ଦୈନନ୍ଦିନ ଶହ ଶହ ପକ୍ଷୀ ଶିକାର କରି ନିର୍ବିଘ୍ନରେ ଫେରିଯାଉଛନ୍ତି । ପକ୍ଷୀ ସୁରକ୍ଷା ପ୍ରତି ବନ ବିଭାଗ ଦୃଷ୍ଟି ଦେବା ପାଇଁ ପକ୍ଷୀପ୍ରେମୀ ନିବେଦନ କରିଛନ୍ତି ।

# ଫେରିନି ୭୭୫୫ କୋଟିର ୨୦୦୦ ଟଙ୍କିଆ ନୋଟ୍

**ଭୁବନେଶ୍ୱର,୪ ।୬ ନ୍ୟୁଜ ବ୍ୟୁରୋ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୦୦ ଟଙ୍କା ନୋଟ ଉପରେ ପ୍ରତିବନ୍ଧକ ଲଗାଇଥିଲା । ଏହାସତ୍ତ୍ୱେ ପ୍ରାୟ ୭୭୫୫ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ବର୍ତ୍ତମାନ ସୁଦ୍ଧା ଫେରସ୍ତ କରାଯାଇ ନାହିଁ । ଆରବିଆଇ ଅନୁଯାୟୀ, ୨୦୦୦ ଟଙ୍କିଆ ନୋଟର ୯୭.୮୨ ପ୍ରତିଶତ ଏଥିରେ ପହଞ୍ଚିଛି । ଅବଶିଷ୍ଟ ନୋଟଗୁଡ଼ିକ ବର୍ତ୍ତମାନ ମଧ୍ୟ ଜନସାଧାରଣଙ୍କ ପାଖରେ ରହିଛି । ଆରବିଆଇ କହିଛି ଯେ ୨୦୦୦ ଟଙ୍କା ନୋଟକୁ ବିମୁଦ୍ରୀକରଣ କରିବାର ନିଷ୍ପତ୍ତି ୨୦୨୩ ମେ’ ୧୯ରେ ନିଆଯାଇଥିଲା । ଏହି ନିଷ୍ପତ୍ତି ନେବା ସମୟରେ ପ୍ରାୟ ୩.୫୬ ଲକ୍ଷ କୋଟି ଟଙ୍କାର ୨୦୦୦ ଟଙ୍କିଆ ନୋଟ ପ୍ରଚଳନ ଥିଲା । ଲୋକଙ୍କୁ ଏହି ନୋଟଗୁଡ଼ିକୁ ବ୍ୟାଙ୍କରେ ଜମା କରିବାକୁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲେ ମଧ୍ୟ ୯୭.୮୨ ପ୍ରତିଶତ ନୋଟ ଫେରସ୍ତ କରାଯାଇଛି । ପ୍ରାୟ ୭୭୫୫ କୋଟି ଟଙ୍କା ମୂଲ୍ୟର ନୋଟ୍ ଫେରସ୍ତ ହୋଇନାହିଁ । କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଲୋକଙ୍କୁ ୨୦୨୩ ଅକ୍ଟୋବର ୭ ପର୍ଯ୍ୟନ୍ତ ୨୦୦୦ ଟଙ୍କିଆ ନୋଟ ବିନିମୟ କିମ୍ବା ଜମା କରିବାର ସୁଯୋଗ ଦିଆଯାଇଥିଲା । ଯେକୌଣସି ବ୍ୟାଙ୍କ ଶାଖା ସହ ରିଜର୍ଭ ବ୍ୟାଙ୍କର ୧୯ଟି କାର୍ଯ୍ୟାଳୟରେ ମଧ୍ୟ ଏହି ନୋଟ୍ ବିନିମୟ କରିପାରିଥାନ୍ତେ । ଯେକୌଣସି ଡାକଘରୁ ୨୦୦୦ ଟଙ୍କିଆ ନୋଟ୍ ଆରବିଆଇ ଇସ୍ୟୁ କାର୍ଯ୍ୟାଳୟକୁ ଇଣ୍ଡିଆ ପୋଷ୍ଟ ମାଧ୍ୟମରେ ସେମାନଙ୍କ ଆକାଉଣ୍ଟରେ ଜମା କରିବାକୁ ପଠାଇ ପାରିବେ । ଆରବିଆଇର କାର୍ଯ୍ୟାଳୟଗୁଡ଼ିକ ଅହମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୁଆହାଟୀ, ହାଇଦ୍ରାବାଦ, ଜୟପୁର, ଜମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ଥିରୁଭାନନ୍ତପୁରମରେ ରହିଛି ।


## ବଜାରରେ ଉପଲବ୍ଧ...
## ‘କଥାକଳିକା’: ଜୁନ୍-୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ମନୋଜ କୁମାର ମହାପାତ୍ର
**ସମକାଳର କଥା :** ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ ।
**ଅନ୍ୟଭାଷାର କଥା :** ରେବା ପଟ୍ଟନାୟକ ।
**ଯୁବ ମାନସର କଥା :** ଶର୍ମିଷ୍ଠା ମହାପାତ୍ର, ଜ୍ୟୋତ୍ସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ ‘କଥାକଳିକା’
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
‘ସମ୍ବାଦ କଳିକା’ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)


# ଟ୍ରାଭେରାକୁ ଧକ୍କା ଦେଲା ଟ୍ରକ୍ : ୨ ମୃତ

**ପୁରୀ, ୪/୦୬ ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ବାଲୁଗାଁ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଛତ୍ରଗଡ଼ ଛକରେ ମଙ୍ଗଳବାର ଭୋର ସମୟରେ ସଡ଼କ ଦୁର୍ଘଟଣା ଘଟିଛି । ଏକ ଟ୍ରାଭେରାକୁ ଆଇରନ ବୋଝେଇ ଟ୍ରକ ପଛପଟୁ ଧକ୍କା ଦେବାରୁ ଡ୍ରାଇଭର ସମେତ ୨ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ପରିଚୟ ମିଳିନାହିଁ । ମଙ୍ଗଳବାର ଭୋର ସମୟରେ ଏକ ଟ୍ରଭେରା ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା । ଏହି ସମୟରେ ଏକ ଆଇରନ ବୋଝେଇ ଟ୍ରକ ଆସି ଟ୍ରାଭେରାକୁ ପଛପଟୁ ଧକ୍କା ଦେଇଥିଲା । ଦୁର୍ଘଟଣାରେ ଟ୍ରାଭେରା ଡ୍ରାଇଭର ସମେତ ୨ ଜଣଙ୍କର ମୃତ୍ୟୁ ଘଟିଛି । ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହା ସହ ଟ୍ରାଭେରାରୁ ୨ ଲକ୍ଷ ଟଙ୍କା ପୁଲିସ ଜବତ କରିଛି ଓ ଘଟଣାର ତଦନ୍ତ କରୁଛି । ଦୁର୍ଘଟଣା ପରେ ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି ।



## କଲରାପତରିଆ ଛାଲ ଜବତ ଘଟଣା

# ଆଉ ୩ ଗିରଫ : ୫ ଅଭିଯୁକ୍ତ କୋର୍ଟଚାଲାଣ

**ଖଡ଼ିଆଳ, ୪/୦୬ ନ୍ୟୁଜ ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଅଧୀନରେ ଥିବା ଖଡ଼ିଆଳ ବନାଞ୍ଚଳର ଏକ ଟିମ୍ ଚଢ଼ଉ କରି କଲରାପତରିଆ ବାଘ ଛାଲ ଜବତ କରିଛନ୍ତି । ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ କୋର୍ଟଚାଲାଣ କରିଛନ୍ତି । ବନ ବିଭାଗ ପକ୍ଷରୁ ପ୍ରକାଶ, ଉଦନ୍ତୀ ସୀତାନଦୀ ଟାଇଗର ପ୍ରୋଜେକ୍ଟର କର୍ମଚାରୀଙ୍କଠାରୁ ସୂଚନା ପାଇ ଖଡ଼ିଆଳ ବନାଞ୍ଚଳର ଏକ ଟିମ୍ ସାନମହେଶ୍ୱର୍ ସେକ୍ସନ ହରିପୁର ଗ୍ରାମରେ କଲରାପତରିଆ ଛାଲ ବିକ୍ରି ପାଇଁ ଡିଲ୍ ହେଉଥିବା ବେଳେ ଚଢ଼ଉ କରିଥିଲେ । ସେଠାରୁ କଲରାପତରିଆ ଛାଲକୁ ଜବତ କରିବା ସହ ହରିପୁର ଗ୍ରାମର ଚିନୁ ପରାଭୋଇ (୬୦) ଓ ଚାନ୍ଦୋପଲା ଗାଁର ଯଦୁ ପହରିଆ (୩୧)ଙ୍କୁ ଗିରଫ କରିଥିଲେ । ସେମାନଙ୍କୁ ପଚରାଉଚରା ପରେ ଏଥିରେ ସମ୍ପୃକ୍ତ ଖଡ଼ିଆଳ ବ୍ଲକ୍ ଜୁନାନୀ ଗାଁର ରମେଶ ମାଝୀ (୪୦), ଭୋଜପୁର୍ ଗାଁର ତୁଳସୀରାମ ପରାଭୋଇ (୩୫) ଓ ବଲାଙ୍ଗୀର ଜିଲ୍ଲା ଯାମଖୁଟା ପଞ୍ଚାୟତ ମାଲପଡ଼ାର ପବିତ୍ର ମାଝୀ (୩୯)ଙ୍କୁ ଗିରଫ କରାଯାଇଛି । ସମସ୍ତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । କୋର୍ଟରେ ସେମାନଙ୍କ ଜାମିନ ନାମଞ୍ଜୁର ହୋଇଛି । ଅନ୍ୟ ୨ ଜଣ ଫେରାର ଅଛନ୍ତି । ସେମାନଙ୍କୁ ଶୀଘ୍ର ବିଭାଗ ଗିରଫ କରିବ ବୋଲି ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ପ୍ରକାଶ କରିଛନ୍ତି । ଖଡ଼ିଆଳ ବନାଞ୍ଚଳ ଅଧିକାରୀ ସଂସ୍କୃତା ବଡ଼ନାୟକ, ଫରେଷ୍ଟର ଧର୍ମେନ୍ଦ୍ର ନାଏକ, କନ୍ଦର୍ପ ସୁନାନୀ, ଫରେଷ୍ଟ ଗାର୍ଡ ନରେଶ ଦଣ୍ଡସେନା, ପ୍ରସନ୍ନ ହଂସ, ଲିଙ୍ଗରାଜ ଗହୀର ଓ ସରୋଜ ମାଝୀ ଏହି ଚଢ଼ଉରେ ସାମିଲଥିଲେ ।


